ଭୁବନେଶ୍ୱର
ଶନିବାର ୯ ମାର୍ଚ୍ଚ, ୨୦୨୪
ପ୍ରାତଃ ସଂସ୍କରଣ
ମୂଲ୍ୟ : ୫ ଟଙ୍କା, ୮ + ୪ ପୃଷ୍ଠା

March 9, 2024, Bhubaneswar
Vol - XXI, Issue - 338
Price: Rs.5/- ( 8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/21-23
RNI No- ODIODI/2003/10995

# ପ୍ରତିଦିନ

PRATIDIN Odia Daily

www.pratidintv.com
e-paper:
www.pratidintv.com

ODISHA INDIA'S BEST KEPT SECRET. | 5 | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା



## ନିଯୁକ୍ତି ପର୍ବ

ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

## ୧୨୯୪

ନୂଆ ନିଯୁକ୍ତି

| ୭୨୫ | ୨୮୦ | ୧୨୯ |
|---|---|---|
| ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅର୍ଥ ବିଭାଗ | ଗ୍ରାମ୍ୟ ଉନ୍ନୟନ ବିଭାଗ |

### ୧୬୦ ଜଣ କୃତୀ କ୍ରୀଡ଼ାବିତ୍

ଇସ୍ପାତ ଏବଂ ଖଣି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଗୃହ ବିଭାଗ

DSPL-808

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୦୯ ମାର୍ଚ୍ଚ ୨୦୨୪ । ପୂର୍ବାହ୍ନ ୧୧ଟା ୪୫ମିନିଟ
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
ଏବଂ
ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱରରେ
ଆଭାସୀ ମାଧ୍ୟମରେ ଯୋଗଦାନ

OIPR 27068/13/0063/2324

ଓଡ଼ିଶା ସରକାର

# ପ୍ରତିଦିନ

ଶନିବାର, ୯ ମାର୍ଚ୍ଚ, ୨୦୨୪

www.pratidintv.com
*e-paper:*
www.pratidintv.com


## ଧର୍ମଶାଳା ଟେଷ୍ଟ: ରୋହିତ ଶର୍ମା ଓ ଶୁବମନ ଗିଲଙ୍କ ଶତକ
## ଇଂଲଣ୍ଡ ଠାରୁ ଭାରତ ୨୫୫ ରନରେ ଅଗ୍ରଣୀ

**ଧର୍ମଶାଳା,୮।୩(ଏଜେନ୍ସି):** ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ କ୍ରିକେଟ ସିରିଜର ପଞ୍ଚମ ତଥା ଅନ୍ତିମ ମ୍ୟାଚରେ ଭାରତ ଏକ ବଡ ସ୍କୋର କରି ଇଂଲଣ୍ଡ ଠାରୁ ୨୫୫ ରନରେ ଅଗ୍ରଣୀ ହୋଇଛି। । ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ଇଂଲଣ୍ଡ ପ୍ରଥମ ଦିନ ଖେଳରେ ଶୋଚନୀୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ୨୧୮ ରନ କରି ଅଲଆଉଟ ହୋଇ ଯାଇଥିଲା। ଭାରତର ଦୁଇ ପ୍ରଭାବୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ କୁଲଦୀପ ଯାଦବ ଦମଦାର ପ୍ରଦର୍ଶନ ସହ ଇଂଲଣ୍ଡ ପ୍ରଥମ ଇନିଂସକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଥିଲେ। କେବଳ ଓପନର ଜ୍ୟାକ କ୍ରାଲିଙ୍କ ୭୯ ରନ ଯୋଗଦାନ ବ୍ୟତିତ ଇଂଲଣ୍ଡ ଦଳର ଅନ୍ୟ କୌଣସି ବ୍ୟାଟର ୩୦ ଅଙ୍କ ଛୁଇଁ ପାରି ନ ଥିଲେ। କୁଲଦୀପ ୭୨ ରନରେ ୫ ଓ ଅଶ୍ୱିନ ୫୧ ରନ ବିନିମୟରେ ୪ ୱିକେଟ ଅକ୍ତିଆର କରିଥିଲେ। ଭାରତ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ୧ ୱିକେଟ ହରାଇ ୧୩୫ ରନ କରଥିଲା।ଯଶସ୍ୱୀ ଜୟସ୍ୱାଲ ୫୭ ରନ କରି ଆଉଟ ହୋଇଥିବା ବେଳେ ରୋହିତ ଶର୍ମା ୫୨ ଓ ଶୁବମନ ଗିଲ ୨୬ ରନ କରି ବ୍ୟାଟିଂ ଜାରି ରଖିଥିଲେ। ଦ୍ୱିତୀୟ ଦିନ ରୋହିତ ଓ ଗିଲ୍ ଇଂଲଣ୍ଡ ବୋଲରଙ୍କୁ କଡା ଜବାବ ଦେଇ ଶତକ ହାସଲ କରିବାରେ ସଫଳ ହୋଇଥିଲେ।




ରୋହିତ ୩ ଛକା ଓ ୧୩ ଚୌକା ବଳରେ ୧୦୩ ଓ ଗିଲ ୫ ଛକା ,୧୨ ଚୌକା ସହାୟତାରେ ୧୧୦ ରନ କରିଥିଲେ। ସେହିପରି ଜୀବନର ପ୍ରଥମ ଟେଷ୍ଟ ଖେଳିଥିବା ଦେବଦତ୍ତ ପାଡିକଲ ୬୫ ,ସର୍ଫରାଜ ଖାନ ୫୬ ରନ ଯୋଗ କରିବା ଫଳରେ ଭାରତ ଦ୍ୱିତୀୟ ଦିନ ଖେଳ ସମାପ୍ତ ସୁଦ୍ଧା ୮ ୱିକେଟ ହରାଇ ୪୭୩ ରନ କରିଛି। କୁଲଦୀପ ଯାଦବ ୨୭ ଓ ଯଶପ୍ରୀତ ବୁମରା ୧୯ ରନ କରି ଅପରାଜିତ ଅଛନ୍ତି। ଇଂଲଣ୍ଡ ପକ୍ଷରୁ ସଫଳ ବୋଲର ଭାବେ ସ୍ପିନର ଶୋଏବ ବାସିର ୪ ଓ ଟମ୍ ହାର୍ଟଲେ ୨ ୱିକେଟ ଅକ୍ତିଆର କରିଛନ୍ତି।ସେହିପରି ଜେମ୍ସ ଆଣ୍ଡରସନ ଓ ବେନ ଷ୍ଟୋକ୍ସଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଛି।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ
## ଏନ୍‌ଏମଡିସି ପକ୍ଷରୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆଲୋଚନା

**ହାଇଦ୍ରାବାଦ,୮।୩(ଏଜେନ୍ସି):** ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଏନଏମଡିସି ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟାଳୟରେ ମହିଳା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ମହିଳାଙ୍କ ସ୍ୱାସ୍ଥ୍ୟ ଓ ସେମାନଙ୍କର ମଙ୍ଗଳ ଉପରେ ଆଧାରିତ ଏହି ଅଧିବେସନକୁ ଆପୋଲୋ ହସପିଟାଲର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସାଇ ଲକ୍ଷ୍ମୀ ପରିଚାଳିତ କରିଥିଲେ। ମୁଖ୍ୟତଃ ମହିଳାଙ୍କ ପାଇଁ ସଂପ୍ରତି ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ଚାଲେଞ୍ଜ ସହିତ ସେରଭିକାଲ କ୍ୟାନସର ଓ ବ୍ରେଷ୍ଟ କ୍ୟାନସର ପ୍ରତି ସତର୍କ ରହିବା ସକାଶେ ସଚେତନତା ବୃଦ୍ଧି କରିବା ଏହି ଆଲୋଚନାର ମୂଳ ଲକ୍ଷ୍ୟ ଥିଲା। ସେହିପରି ଭାରତୀୟ ମହିଳାଙ୍କ କ୍ଷେତ୍ରରେ ସେର୍ଭିକାଲ କ୍ୟାନସର ଓ ବ୍ରେଷ୍ଟ କ୍ୟାନସର ଅତି ସାଧାରଣ । ତେଣୁ ତେଣୁ ଏହି ସବୁ ରୋଗ ପ୍ରତି ଆଗୁଆ ସଚେତନ ହୋଇ ପ୍ରତିକାର କରିବା ଉପରେ ଡାକ୍ତର ସାଇ ଲକ୍ଷ୍ମୀ ବିଶେଷ ଗୁରୁତ୍ୱ ଦେଇଥିଲେ। ଏନଏମଡିସି ମାଗଣା ଏଚପିଭି ଟିକା ମାଗଣାରେ ଯୋଗାଇ ଦେବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ସମ୍ପର୍କରେ ମଧ୍ୟ ଡାକ୍ତର ସାଇ ଲକ୍ଷ୍ମୀ ମଧ୍ୟ ସୂଚାଇ ଦେଇଥିଲେ । ଏନଏମଡିସିର ଡାଇରେକ୍ଟର (ଟେକନିକାଲ) ବିନୟ



କୁମାର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଆମେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଦୃଷ୍ଟିରୁ ଆମ ସମାଜରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅବଗତ କରାଇବାକୁ ଚାହୁଁ। ଗତ ବର୍ଷ ମହିଳା କର୍ମଚାରୀଙ୍କ ଯୋଗଦାନ ୩୭%କୁ ବୃଦ୍ଧି ପାଇଥିବା ବେଳେ ଭାରତର ଅର୍ଥନୀତି ୫ ଟ୍ରିଲିୟନରେ ପହଞ୍ଚିବା ଲକ୍ଷ୍ୟ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ ବିଶେଷ ମହତପୂର୍ଣ୍ଣ। ସୂଚନା ଯୋଗ୍ୟ ଯେ ଏହି ଅବସରରେ କାରଖାନାର ମହିଳା ନେତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜନ କରା ଯାଇଥିଲା। ଫାଇନାନ୍ସ ବର୍ଗରେ ଶ୍ରୀମତୀ ଜି ଅନୁପମା, ଜିଏମ (ଫାଇନାନ୍ସ ଆଣ୍ଡ ଏସଓଟି ସିଏମଡି ) ଓ ଶ୍ରୀମତୀ ପି ଶାନ୍ତି, ଜିଏମ (କମର୍ସିଆଲ)ଙ୍କୁ ଏଚୱାଇବିଆଇଜେଡ (ହିଵିଜ ) ମହିଳା ଲିଡର ପୁରସ୍କାର ୨୦୨୪ ପ୍ରଦାନ କରା ଯାଇଥିଲା। କର୍ପୋରେସନ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିବା ଦିଗରେ କର୍ପୋରେଟ ଫାଇନାନ୍ସ ଓ ଷ୍ଟ୍ରାଟେଜିକ ମ୍ୟାନେଜମେଣ୍ଟ କ୍ଷେତ୍ରରେ ମୂଲ୍ୟବାନ ଅବଦାନ ପ୍ରତି ସ୍ୱିକୃତି ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରା ଯାଇଛି।

## ବାଲକୋ ମେଡ଼ିକାଲ ସେଣ୍ଟରକୁ ଗ୍ରାଣ୍ଡ ଚ୍ୟାଲେଞ୍ଜ ପୁରସ୍କାର

**ଭୁବନେଶ୍ୱର,୮।୩(ନି.ପ୍ର):** ବେଦାନ୍ତର ବାଲକୋ ମେଡିକାଲ ସେଣ୍ଟରକୁ ଗ୍ରାଣ୍ଡ ଚ୍ୟାଲେଞ୍ଜ ପୁରସ୍କାର। ଏହା ଭାରତର ଅଙ୍କୋଲୋଜି ପ୍ରତିଷ୍ଠାନ ଭାବରେ ଏକ ଅଗ୍ରଣୀ ସଂସ୍ଥା। ବେଦାନ୍ତ ମେଡିକାଲ ରିସର୍ଚ୍ଚ ଫାଉଣ୍ଡେସନର ଅଧ୍ୟକ୍ଷ ଜ୍ୟୋତି ଅଗ୍ରୱାଲ କୃତଜ୍ଞତା ଜଣାଇ କହିଛନ୍ତି ଯେ ଏହି ସମ୍ମାନଜନକ ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ଆମେ ଗର୍ବିତ। କ୍ୟାନସର ପ୍ରତିରୋଧ ଦିଗରେ ଯଥା ସମ୍ଭବ ପ୍ରୟାସ ଜାରୀ ରଖିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ। ଟିମ ପ୍ରସପେକ୍ଟ ଏକ ବିଶ୍ୱସ୍ତରୀୟ ଟିମ ଯିଏ କ୍ୟାନସର ଗବେଷଣା ୟୁକେ ଓ ନ୍ୟାସନାଲ କ୍ୟାନସର ପ୍ରତିଷ୍ଠାନ ୟୁଏସ ଦ୍ୱାରା ପ୍ରତିଷ୍ଠିତ। କ୍ୟାନସର ଆହ୍ୱାନର ମୁକାବିଲା ଲାଗି ଏହା ୟୁଏସ ଡଲାର ୧୨୫ ମିଲିୟନ ନିବେଶ ଲକ୍ଷ୍ୟ ସହ ପ୍ରୟାସ ଜାରୀ ରଖିଛି। କ୍ୟାନସର ଗ୍ରାଣ୍ଡ ଚ୍ୟାଲେଂଜର ନିର୍ଦ୍ଦେଶକ ଡା.ଡାଭିଡ ସ୍କଟ କହିଛନ୍ତି ଯେ ଏହି ପୁଞ୍ଜି ନିବେଶ କ୍ୟାନସର ଫଳାଫଳକୁ ସକାରାତ୍ମକ ଭାବେ ପ୍ରଭାବିତ କରିପାରିବ।

ବେଦାନ୍ତ ମେଡିକାଲ ରିସର୍ଚ୍ଚ ଫାଉଣ୍ଡେସନର ଡାକ୍ତରୀ ନିର୍ଦ୍ଦେଶକ ଡ. ଭବନ ସିରୋହୀ କହିଛନ୍ତି ଆମେ ଏଠାରେ କ୍ୟାନସର ପ୍ରତିରୋଧ ଓ ନିରାକରଣ ଲାଗି ରଣନୀତି ମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରୁଛୁ।

## ଅଷ୍ଟମପ୍ରହରୀ ଜାଗାରେ ୧୪୪ଧାରା ଜାରି

**ଅସ୍ତରଙ୍ଗ,୮।୩(ନି.ପ୍ର):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନୂଆଗଡ ସାମୁଦ୍ରିକ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମରେ ଅଷ୍ଟମପ୍ରହରୀରେ ଲାଗିଲା ୧୪୪ଧାରା । ସୂଚନା ମୁତାବକ ୨୦୨୩ ମସିହା ଅଷ୍ଟମପ୍ରହରୀରେ ଦୁଇ ଗୋଷ୍ଠି ମଧ୍ୟରେ ଗଣ୍ଡଗୋଳ ହୋଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଚଳିତ ବର୍ଷ ଉତ୍ତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ନୂଆଗଡ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା ଉଭୟ ଗୋଷ୍ଠିର ମୁଖ୍ୟଅଧିକାରୀ ମାନଙ୍କୁ ଡାକି ଶାନ୍ତିଶୃଙ୍ଖଳା ସହ ଅଷ୍ଟମପ୍ରହରୀ କରିବାକୁ ଏକ ବୈଠକ କରିଥିଲେ । କିନ୍ତୁ ପରିସ୍ଥିତି ସନ୍ତୋଷ ଜନକ ନ ହେବାରୁ ମହାଶିବରାତ୍ରି ପାଇଁ ମଧୁପୁର ଗ୍ରାମରେ ଅବସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିରରେ ନିକଟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅଷ୍ଟମପ୍ରହରୀ ଆୟୋଜନ ହୋଇଥାନ୍ତା କିନ୍ତୁ ପୂର୍ବବର୍ଷ ୨୦୨୩ମସିହାରେ ଉଭୟ ଗୋଷ୍ଠି ମଧ୍ୟରେ ଉତ୍ତେଜନା ହୋଇଥିଲା ଯାହାକୁ ନେଇ ଚଳିତ ବର୍ଷ ଉତ୍ତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ମାର୍ଚ୍ଚ ୭ ଓ ୮ତାରିଖ ଦୁଇ ଦିନ ମଧୁପୁର ଗ୍ରାମର ଆଖଣ୍ଡଳମଣି ମନ୍ଦିରରେ ନିକଟରେ ହେଉଥିବା ଅଷ୍ଟମପ୍ରହରୀରେ ୧୪୪ଧାରା ଲଗାଇବା ସହ ଶୁକ୍ରବାର ଅନୁଷ୍ଠିତ ମହାଶିବରାତ୍ରି ପାଇଁ ମନ୍ଦିର ନୀତିକାନ୍ତି ଅନୁଷ୍ଠିତ ହେଉଥିବା ବେଳେ ପୂଜାର୍ଚ୍ଚନା କରିବାକୁ ପାଞ୍ଚଜଣ ଲେଖାଏଁ ଶ୍ରଦ୍ଧାଳୁଙ୍କୁ ଦର୍ଶନ କରିବାକୁ । ଉତ୍ତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ମନ୍ଦିର ସମେତ ଆଖ ପାଖ ଅଞ୍ଚଳରେ ପୁଲିସ ମୁତୟନ ହେବା ସହ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା ଉପସ୍ଥିତ ରହିଥିଲେ ।




শনিবার ৯ মার্চ্চ, ২০২৪

ପ୍ରତିଦିନ
PRATIDIN Odia Daily
www.pratidintv.com
e-paper:
www.pratidintv.com

## ପିକ୍‌ଅପ୍ ଭ୍ୟାନ ଓଲଟି ୩ ମୃତ, ୧୫ ବରଯାତ୍ରୀ ଗୁରୁତର

**ରାଉରକେଲା,୮।୩ (ନି.ପ୍ର) :** ଏକ ପିକ୍‌ଅପ୍ ଭ୍ୟାନ ଓଲଟି ୩ ଜଣଙ୍କର ମୃତ୍ୟୁ ହୋଇଛି। ୧୫ ଜଣ ଆହତ ହୋଇଛନ୍ତି । ସମସ୍ତେ ବରଯାତ୍ରୀ । ସୂଚନା ଅନୁଯାୟୀ, ଝାରଖଣ୍ଡରୁ ବରଯାତ୍ରୀ ଦଳ ପିକ୍‌ଅପ୍ ଭ୍ୟାନରେ ଲାଠିକଟା ଥାନାର ଅଟାଘାଟ ଅଞ୍ଚଳକୁ ଆସୁଥିଲେ । ଭାରସାମ୍ୟ ହରାଇ ଗାଡ଼ିଟି ମୁଣ୍ଡାଜୋର ନିକଟରେ ଓଲଟି ପଡ଼ିଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛିଛ । ଗୁରୁତରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଯାଇଛି ।

## ୧୦୦ ଟଙ୍କା କମିଲା ଏଲ୍‌ପିଜି ସିଲିଣ୍ଡର ଦର



**ନୂଆଦିଲ୍ଲୀ,୮।୩ (ନି.ପ୍ର):** ଏଲ୍‌ପିଜି ସିଲିଣ୍ଡର ଦର ୧୦୦ ଟଙ୍କା କମିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ଶହେ ଟଙ୍କା କମ କରିଦେଇଛନ୍ତି । ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଏହା ତାଙ୍କର ମହିଳାମାନଙ୍କୁ ଭେଟି । ଏ ନେଇ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ 'ଏକ୍ସ'ରେ ଘୋଷଣା କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଗ୍ୟାସ ଦର ହ୍ରାସ ଫଳରେ ବିଶେଷ ଭାବେ ନାରୀ ଶକ୍ତି ଉପକୃତ ହେବେ । ରୋଷେଇ ଗ୍ୟାସର ଦର ହ୍ରାସ କରି ଏହାକୁ ପ୍ରତି ଘରେ ପହଞ୍ଚାଇବା ସହ ସୁସ୍ଥ ପରିବେଶ ଗଠନ ଲାଗି ସମସ୍ତ ପରିବାର ପ୍ରତି ଏହା ସହାୟକ ହେବ । (ପୃଷ୍ଠା-୫)

## ସାଧାରଣ ନିର୍ବାଚନ ପାଇଁ

# ଜିଲ୍ଲାସ୍ତରୀୟ ପ୍ରସ୍ତୁତି ସମୀକ୍ଷା

**ଭୁବନେଶ୍ୱର,୮।୩ (ନି.ପ୍ର) :** ଦେଶରେ ସାଧାରଣ ନିର୍ବାଚନ ପାଇଁ ଖୁବ ଶୀଘ୍ର ତାରିଖ ଘୋଷଣା ହେବାକୁ ଯାଉଛି । ନିର୍ବାଚନକୁ ମୁକ୍ତ ଓ ଅବାଧ କରିବାକୁ ଜିଲ୍ଲାସ୍ତରରୁ ନିର୍ବାଚନର ସୁପରିଚାଳନା ଏବଂ ପ୍ରତିଟି ବୁଥ୍‌ରେ ଯେପରି ଶୃଙ୍ଖଳିତ ମତଦାନ ହୋଇପାରିବ ସେଥିପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଲଗାତାର ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି ଏକ ସମୀକ୍ଷା ବୈଠକ । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟତମ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଏବଂ ମିହିର ମହାନ୍ତି ବିଭିନ୍ନ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତିକୁ ନେଇ ସମୀକ୍ଷା କରିଛନ୍ତି ।

ବୈଠକରେ ବିଭିନ୍ନ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭାସୀ ମାଧ୍ୟମରେ ନିଜ ନିଜ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ଉପରେ ସବିଶେଷ ତଥ୍ୟ ରଖିଥିଲେ । ମୁଖ୍ୟତଃ ଜିଲ୍ଲାସ୍ତରରେ ଟ୍ରେନିଂ, ପୋଷ୍ଟାଲ ବାଲଟର ପରିଚାଳନା ଆଦି ବିଷୟରେ ଆଲୋଚନା ହୋଇଥିଲା । ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରମାନେ ଯେପରି ଇଭିଏମ୍ ସମ୍ବନ୍ଧୀୟ ସମସ୍ତ ଟ୍ରେନିଂ ପାଇପାରିବେ ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଟ୍ରେନିଂ ପରେ ସମସ୍ତଙ୍କ ସନ୍ଦେହ ମୋଚନ ନିମନ୍ତେ ବ୍ୟବସ୍ଥା କରାଯିବ । ଏହା ପରେ ସେମାନେ ଏକ ସ୍ୱତନ୍ତ୍ର ପରୀକ୍ଷା ଦେବେ । ଏହା ଦ୍ୱାରା ନିର୍ବାଚନ ପରିଚାଳନା ସମ୍ବନ୍ଧରେ ସେମାନେ ସବିଶେଷ ଜ୍ଞାନ ପାଇପାରିବେ ଏବଂ ସଠିକ ଭାବେ ଦାୟିତ୍ୱ ନିର୍ବାହ କରିପାରିବେ । ବିଭିନ୍ନ ଜିଲା ପକ୍ଷରୁ ଏହି ସମସ୍ତ ବିଷୟ ଉପରେ ଅଧିକାରୀମାନେ ତଥ୍ୟ ରଖିଥିଲେ ।

## ପ୍ରଥମ ନ୍ୟାସନାଲ କ୍ରିଏଟର୍‌ସ ଆୱାର୍ଡ ପ୍ରଦାନ କଲେ ମୋଦୀ



**ନୂଆଦିଲ୍ଲୀ,୮।୩ (ନି.ପ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ମଣ୍ଡପମରେ ପ୍ରଥମ ନ୍ୟାସନାଲ କ୍ରିଏଟର୍‌ସ ଆୱାର୍ଡ ପ୍ରଦାନ କରିଛନ୍ତି । ୨୦ଟି ବିଭାଗରେ ୟୁଟ୍ୟୁବର୍ କାମିଆ ଜାନିଙ୍କ ସମେତ ୨୩ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । କାମିଆଙ୍କୁ ମିଳିଛି ବେଷ୍ଟ ଟାଭେଲର କ୍ରିଏଟର୍ ଆୱାର୍ଡ ।

ପୁରସ୍କୃତ ହୋଇଥିବା ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି କଥାବାଚକ ଜୟାକିଶୋରୀ, ୟୁଟ୍ୟୁବର ରଣଧୀର ଆହ୍ଲାବାଦିଆ, କଣ୍ଠଶିଳ୍ପୀ ମୈଥିଲୀ ଠାକୁର । ଏହି ଅବସରରେ ମୋଦୀ କହିଛନ୍ତି, ଆପଣମାନେ ହେଉଛନ୍ତି ସେହି ଲୋକ ଯେଉଁମାନେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତିଛ ଏହି କାରଣରୁ ଆପଣମାନେ ଭାରତ ମଣ୍ଡପମରେ ପହଞ୍ଚିଛନ୍ତି । ଏଠାରେ ଜି୨୦ ଶିଖର ସମ୍ମିଳନୀ ଆୟୋଜିତ ହୋଇଥିଲା । ବିଶ୍ୱର ନିର୍ମାଣ କିଭଳି ହେବା ଉଚିତ ତାହା ଏଠାରେ ଆଲୋଚନା ହୋଇଥିଲା । (ପୃଷ୍ଠା-୫)

## ସୁଧା ମୂର୍ତ୍ତି ରାଜ୍ୟସଭାକୁ ମନୋନୀତ



**ନୂଆଦିଲ୍ଲୀ,୮।୩ (ନି.ପ୍ର):** ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍ ଆର୍ ନାରାୟଣ ମୂର୍ତ୍ତିଙ୍କ ପତ୍ନୀ ତଥା ବିଶିଷ୍ଟ ସମାଜସେବୀ ଓ ଲେଖିକା ସୁଧା ମୂର୍ତ୍ତି ରାଜ୍ୟସଭାକୁ ଯିବେ । ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭା ପାଇଁ ସୁଧା ମୂର୍ତ୍ତିଙ୍କୁ ମନୋନୀତ କରିଛନ୍ତି । ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଲେଖିଛନ୍ତି, 'ସୁଧା ମୂର୍ତ୍ତି ନାରୀଶକ୍ତିର ପ୍ରତିନିଧିତ୍ୱ କରିବେ । ମୁଁ ଖୁସି ଯେ ଭାରତର ରାଷ୍ଟ୍ରପତି ସୁଧା ମୂର୍ତ୍ତି ଜୀଙ୍କୁ ରାଜ୍ୟସଭା ପାଇଁ ମନୋନୀତ କରିଛନ୍ତି । ସାମାଜିକ କାର୍ଯ୍ୟ, ପରୋପକାର ଓ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ଓ ପ୍ରେରଣାଦାୟକ । ରାଜ୍ୟସଭା ପାଇଁ ତାଙ୍କର ମନୋନୟନ ନାରୀ ଶକ୍ତିର ଏକ ଦୃଢ ପ୍ରମାଣ । ଦେଶର ଭାଗ୍ୟ ନିର୍ଦ୍ଧାରଣରେ ମହିଳାଙ୍କ ଶକ୍ତି ଓ ଦକ୍ଷତାର ମଧ୍ୟ ଏହା ଏକ ଉଦାହରଣ ।

୭୩ ବର୍ଷ ବୟସ୍କା ସୁଧା ମୂର୍ତ୍ତି 'ମୂର୍ତ୍ତି ଟ୍ରଷ୍ଟ'ର ଅଧ୍ୟକ୍ଷା ରହିଛନ୍ତି । ସେ ଅନେକ ପୁସ୍ତକ ରଚନା କରିଛନ୍ତି । ତାଙ୍କୁ ୨୦୦୬ରେ ପଦ୍ମଶ୍ରୀ ଓ ୨୦୨୩ରେ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା । ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ତାଙ୍କ ଜ୍ୱାଇଁ ।

## ମହିଳାମାନେ ନୂଆ ଓଡ଼ିଶାର ପରିଚୟ : ୫-ଟି ଅଧ୍ୟକ୍ଷ

**ଭୁବନେଶ୍ୱର,୮।୩ (ନି.ପ୍ର) :** ମହିଳା ସଶକ୍ତ ହେଲେ ଦେଶ ଆଗେଇବ ଛ ଅଧା ମହିଳା ସଶକ୍ତ ହେଲେ ଦେଶ ହେବ ସଶକ୍ତ ଛ ବିଜେଡ଼ିର ମହିଳାମାନେ ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକମହିଳାଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି । ମାଆମାନଙ୍କୁ କ୍ଷମତା ଦେଲେ ସେମାନେ ଭଲ ଭାବେ ତୁଲାଇବେ ବୋଲି ମୁଖ୍ୟମନ୍ତ୍ରୀ ବୁଝିଛନ୍ତି । ମହିଳାମାନେ ହେଉଛନ୍ତି ନୂଆ ଓଡ଼ିଶାର ପରିଚୟ । ମହିଳା ଦିବସ ଉତ୍ସବରେ ଯୋଗଦେଇ ଏହା କହିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ।



ସେ କହିଛନ୍ତି, ଜନସଂଖ୍ୟାର ୫୦ପ୍ରତିଶତ ହେଉଛନ୍ତି ମହିଳା । ୫୦ ପ୍ରତିଶତ ମହିଳା ସଶକ୍ତ ହେଲେ ରାଜ୍ୟ ଓ ଦେଶକୁ ଆହୁରି ଆଗକୁ ନେବେ । ବିଜୁ ବାବଙ୍କ ସ୍ୱପ୍ନ ପୂରଣ କରିଛନ୍ତି ମୁଖ୍ୟମନ୍ତ୍ରୀ । ୩୩ ପ୍ରତିଶତରୁ ପଞ୍ଚାୟତରେ ୫୦ ପ୍ରତିଶତ ସଂରକ୍ଷଣ ସହ ଜିଲ୍ଲା ପରିଷଦରେ ୭୦ ପ୍ରତିଶତ ସଂରକ୍ଷଣ ଦେଇଛନ୍ତି । ଏସ୍‌ଏଚ୍‌ଜି ଜରିଆରେ ୭୦ଲକ୍ଷ ମହିଳାଙ୍କୁ ସଶକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ । ଲୋକସଭା ନିର୍ବାଚନରେ ବି ଏଥର ବି ଅଧିକ ମହିଳାଙ୍କୁ ଟିକେଟ ମିଳିବ । ଓଡ଼ିଶା ଯାହା କରୁଛି ତାକୁ ଅନ୍ୟ ରାଜ୍ୟମାନେ ଗ୍ରହଣ କରୁଛନ୍ତି ।

## ଏନ୍‌ଡ଼ିଏକୁ ଫେରିପାରେ ଟିଡ଼ିପି

**ଚେନ୍ନାଇ,୮।୩ (ଏଜେନ୍ସି):** ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ଦୀର୍ଘ ୬ ବର୍ଷ ପରେ ଫେରୁଛି ତେଲୁଗ ଦେଶମ ପାର୍ଟି (ଟିଡିପି) । ଟିଡ଼ିପି ମୁଖ୍ୟ ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ମଧ୍ୟରେ ଆଲୋଚନା ପରେ ରାଜନୈତିକ ମହଲରେ ଏହି ଚର୍ଚ୍ଚା ଜୋର ଧରିଛି । ରିପୋର୍ଟ ଅନୁଯାୟୀ, ଆଗାମୀ ନିର୍ବାଚନରେ ମିଳିତ ମଞ୍ଚର ସମ୍ଭାବନାକୁ ନେଇ ଆଲୋଚନା ହୋଇଛି । ଏହାସହ ଟିଡ଼ିପି ଓ ବିଜେପି ମଧ୍ୟରେ ଆସନ ବୁଝାମଣାକୁ ନେଇ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି । ୨୦୧୮ରେ ନାଇଡୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଥିବାବେଳେ ଟିଡ଼ିପି ଏନଡିଏରେ ସାମିଲ ଥିଲା ।



## ଅନୁଚିହ୍ନ

ମୁକ୍ତି ଶାଶ୍ୱତ ଶାନ୍ତିର ଆଶ୍ରୟ ସ୍ଥଳ ।

# ପୋନୁଙ୍ଗ ଡୋମିଙ୍ଗ

**ଲା**ଦାଖର ହାନ୍‌ଲେରେ ଭାରତୀୟ ସେନାର ଡାଇଭିଂ ଫୋର୍ସ ହେଉଛନ୍ତି ଅରୁଣାଚଳ ପ୍ରଦେଶର ମହିଳା କର୍ଣ୍ଣେଲ ପୋନୁଙ୍ଗ ଡୋମିଙ୍ଗ। ହାନ୍‌ଲେ ୧୯,୪୦୦ ଫୁଟ ଉଚ୍ଚରେ। ସେଠାରେ ତାପମାତ୍ରା ମାଇନସ ୨୦ ଡିଗ୍ରୀ ସେଲସିୟସ । ଏହି ସ୍ଥାନ ଭାରତ-ଚୀନ୍ ସୀମାରେ ଲାଇନ ଅଫ୍ ଆକ୍‌ଚ୍ୟୁଆଲ କଣ୍ଟ୍ରୋଲ (ଏଲ୍‌ଏସ୍‌ସି)ରେ। ସେଠାରେ ଭାରତୀୟ ସେନାର ରୋଡ୍ ପ୍ରୋଜେକ୍ଟ କାର୍ଯ୍ୟର ତଦାରଖ କରୁଛନ୍ତି ପୋନୁଙ୍ଗ। ବର୍ଡ଼ର ରୋଡ୍ସ ଟାସ୍କ ଫୋର୍ସ (ବିଆର୍‌ଟିଏଫ୍)କୁ କମାଣ୍ଡ କରିବାରେ ପୋନୁଙ୍ଗ ହେଉଛନ୍ତି ପ୍ରଥମ ମହିଳା ଅଫିସର। ତାଙ୍କର ବୟସ ୪୨ ବର୍ଷ। ଡେମ୍‌ଚକ ସେକ୍ଟରରେ ନିର୍ମାଣ ହେଉଥିବା ୩୦୦ କିମି ରାସ୍ତା କାର୍ଯ୍ୟ ସହ କେତୋଟି ବ୍ରିଜ୍ ଏବଂ ପୂର୍ବ ଲାଦାଖର ନ୍ୟୋମାରେ ଏକ ଫାଇଟର ଏୟାର ବେସ୍ ନିର୍ମାଣ ଦାୟିତ୍ୱରେ ସେ ରହିଛନ୍ତି। ଏହାସହ ଉମ୍‌ଲିଂ ଲା'ରେ ବିଶ୍ୱର ସବୁଠାରୁ ଉଚ୍ଚତମ ମୋଟରଯାନ ଚଳାଚଳ ରାସ୍ତାର ପ୍ରହରା କାର୍ଯ୍ୟ ବୁଝୁଛନ୍ତି। ବିଆର୍‌ଟିଏଫ୍ ହେଉଛି ବର୍ଡ଼ର ରୋଡ୍ସ ଅର୍ଗାନାଇଜେସନ (ବିଆର୍‌ଓ)ର ଅଂଶବିଶେଷ। ମିଲିଟାରୀ ଇଞ୍ଜିନିୟରିଂ କଲେଜରୁ ଷ୍ଟ୍ରକ୍‌ଚରାଲ ଇଞ୍ଜିନିୟରିଂରେ ଏମ୍‌ଟେକ୍‌ରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ପୋନୁଙ୍ଗ। ଅରୁଣାଚଳ ପ୍ରଦେଶର ଇଷ୍ଟ ସିଆଙ୍ଗ ଜିଲ୍ଲାର ପାସିଘାଟରେ ତାଙ୍କର ଘର। ତାଙ୍କ ପିତାମାତା କୃଷକ। ଇଞ୍ଜିନିୟରିଂ ପଢ଼ିବା ପାଇଁ ସେ ରାଜ୍ୟ ସ୍କଲାରଶିପ୍ ପରୀକ୍ଷାରେ କୃତିତ୍ୱ ହାସଲ କରିବା ପରେ ମହାରାଷ୍ଟ୍ରର ସାଙ୍ଗଲିରେ ୱାଲଚାନ୍ଦ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇଥିଲେ। ସେଠାରେ ତାଙ୍କ ବ୍ୟାଚର ଟପ୍ପର ହୋଇଥିଲେ। ପୋନୁଙ୍ଗ ଏବେ ଭାରତୀୟ ସେନାର ଯେଉଁ ପ୍ରୋଜେକ୍ଟ ଦାୟିତ୍ୱରେ ରହିଛନ୍ତି ତାହାକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ପଡ଼ିବ। ସେହି ଅଞ୍ଚଳର ଗ୍ରାମଗୁଡ଼ିକୁ ସଡ଼କ ପଥରେ ଯୋଡ଼ିବ ଏହି ପ୍ରୋଜେକ୍ଟ। ପୋନୁଙ୍ଗ ଏହି ପ୍ରୋଜେକ୍ଟକୁ ସଫଳତାର ସହ ଶେଷ କରିବା ପାଇଁ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ତାଙ୍କ ଚ୍ୟାଲେଞ୍ଜିଂ । ନେତୃତ୍ୱ ନେବାର ଦକ୍ଷତା ତାଙ୍କର ରହିଛି। ଏଥିପାଇଁ ସେ ତାଙ୍କର ଟିମ୍‌କୁ ସଫଳତାର ସହ ପରିଚାଳନା କରୁଛନ୍ତି। ବିଆର୍‌ଓ ପୂର୍ବତନ ଚିଫ୍ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଚୌଧୁରୀ (ଅବସରପ୍ରାପ୍ତ) ପୋନୁଙ୍ଗଙ୍କ କାର୍ଯ୍ୟ ଶୈଳୀର ଖୁବ୍ ପ୍ରଶଂସା କରିଛନ୍ତି। ଚୌଧୁରୀଙ୍କ ସମୟରେ ବିଆର୍‌ଓରେ ମହିଳା ଅଫିସରମାନଙ୍କୁ ନିଯୁକ୍ତି ଦିଆଯାଇଥିଲା।

**ଲାଦାଖରେ ଭାରତ-ଚୀନ୍ ସୀମାରେ ଲାଇନ ଅଫ୍ ଆକ୍‌ଚ୍ୟୁଆଲ କଣ୍ଟ୍ରୋଲ (ଏଲ୍‌ଏସ୍‌ସି)ରେ, ମାଇନସ ୨୦ ଡିଗ୍ରୀ ସେଲସିୟସରେ, ୧୯,୪୦୦ ଫୁଟ ଉଚ୍ଚରେ, ଭାରତୀୟ ସେନାର ଡାଇଭିଂ ଫୋର୍ସ ହେଉଛନ୍ତି ଅରୁଣାଚଳ ପ୍ରଦେଶର ମହିଳା କର୍ଣ୍ଣେଲ ପୋନୁଙ୍ଗ ଡୋମିଙ୍ଗ**



# ଜଙ୍ଗଲ ଜଗିଛନ୍ତି ମହିଳା

**ଏ**କ ମହିଳା ଗୋଷ୍ଠୀ ଜଙ୍ଗଲ ଜଗିଛନ୍ତି। ପରିବେଶର ସୁରକ୍ଷାକୁ ନେଇ ସେମାନେ ବେଶ୍ ସଚେତନ। ଦୀର୍ଘ ୨୦ବର୍ଷ ଧରି ସେମାନେ ଜଙ୍ଗଲ ଜଗିଛନ୍ତି। ଏହି ଜଙ୍ଗଲ ମଧ୍ୟ ସେମାନେ ନିଜେ ସୃଷ୍ଟି କରିଛନ୍ତି । ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକର ସୁନାମୁଦି ଗ୍ରାମର ଏହି ମହିଳାମାନେ ସୃଷ୍ଟି କରିଛନ୍ତି ଏକ ଉଦାହରଣ। ଗ୍ରାମ ବାହାରେ ୧୦ ଏକର ପରିମିତ ଅବ୍ୟବହୃତ ଜମିରେ ସେମାନେ ସୃଷ୍ଟି କରିଛନ୍ତି ଏହି ଜଙ୍ଗଲ। ଏହି ଜଙ୍ଗଲରୁ ମଧ୍ୟ ସେମାନେ ବହୁ ଉପକାର ପାଉଛନ୍ତି। ଜଙ୍ଗଲରେ ଅନେକ ଔଷଧୀୟ ଗୁଳ୍ମ ଲତା ସୁରକ୍ଷିତ ରହୁଛି। ଜୀବଜନ୍ତୁଙ୍କର ବହୁ ପ୍ରଜାତି ମଧ୍ୟ ଆନନ୍ଦରେ ଏହି ଜଙ୍ଗଲରେ ବିଚରଣ କରୁଛନ୍ତି। ମହିଳାମାନେ ବି ଏହି ଜଙ୍ଗଲରୁ ସେମାନଙ୍କ ପାଇଁ ଜାଳେଣି କାଠ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିପାରୁଛନ୍ତି। ଏହି ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟରେ ରହିଛି ଔଷଧ, ଫୁଲଫଳ, ମହୁଲ, କେନ୍ଦୁପତ୍ର ଆଦି। ୨୦ବର୍ଷ ପୂର୍ବେ ସେଠାରେ ଥିବା ଜଙ୍ଗଲଟି ନଷ୍ଟ ହୋଇଯାଇଥିଲା। ଏହାପରେ ଏହି ମହିଳାମାନେ ସେଠାରେ ଜଙ୍ଗଲ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲେ। କିଛି ବର୍ଷ ଧରି ଲଗାତାର ଜଗିବା ପରେ ସେଠାରେ ଆତ୍ମପ୍ରକାଶ କରିଥିଲା ସବୁଜିମା। ଜଙ୍ଗଲ ବଢ଼ିଥିଲା । ଏହି ଏସ୍‌ଏଚ୍‌ଜି ମହିଳାମାନେ ସ୍କୁଲରେ ପଢ଼ିନାହାନ୍ତି, କିନ୍ତୁ ଜୀବନ ପାଇଁ ମାଟି ମାଆର ଗୁରୁତ୍ୱ କେତେ ଏହା ଠିକ୍ ଭାବେ ବୁଝିଛନ୍ତି। ସେମାନେ ମଧ୍ୟ ଜାଣିଛନ୍ତି ଯେ, ଏହି ଜଙ୍ଗଲକୁ ସୁରକ୍ଷା ଦେଲେ ସେମାନଙ୍କ ପିଲା, ନାତିନାତୁଣୀ, ଅଣନାତିନାତୁଣୀ ବଂଶାନୁକ୍ରମିକ ଏଥିରୁ ଉପକୃତ ହେବେ। ସେମାନଙ୍କ ବିଷୟରେ ଅବଗତ ହେବା ପରେ ନୂତନ ଭାବେ ଯୋଗ ଦେଇଥିବା ଫରେଷ୍ଟର ସେହି ଜଙ୍ଗଲ ବୁଲି ଦେଖିଛନ୍ତି। ମହିଳାଙ୍କ କାର୍ଯ୍ୟର ପ୍ରଶଂସା କରି ସେମାନଙ୍କୁ ସବୁପ୍ରକାର ସହାୟତା ଦେବାକୁ କହିଛନ୍ତି । ନିଜ ରେଞ୍ଜ ଅଫିସରଙ୍କୁ ମଧ୍ୟ ଏହି ବିଷୟରେ ଜଣାଇଛନ୍ତି।

# ଗୁଣ୍ଡିଚା ମନ୍ଦିର

**ବିପିନ ବିହାରୀ ରାଉତ**

**ମ**ହାପ୍ରଭୁ ବର୍ଷ ତମାମ ନୀଳକନ୍ଦରରେ ବିଜେ ହୋଇଥାନ୍ତି। ସେଠି ତାଙ୍କର ସମସ୍ତ ଦୈନନ୍ଦିନ ନୀତିକାନ୍ତି ଚାଲିଥାଏ। ତେବେ ବର୍ଷକରେ ଥରେ ମାଉସୀ ମାଆ ଘର ଗୁଣ୍ଡିଚା ମନ୍ଦିର ବିଜେ ହୁଅନ୍ତି ରଥଯାତ୍ରାରେ। ଗୁଣ୍ଡିଚା ମନ୍ଦିର ଗୁଣ୍ଡିଚା ମଣ୍ଡପ, ଜନକ ପୁରୀ, ଜନ୍ମବେଦୀ, ଯଜ୍ଞ ମଣ୍ଡପ ଓ ଆଡ଼ପ ମଣ୍ଡପ ନାମରେ ପ୍ରସିଦ୍ଧ । ସ୍ୱପ୍ନାଦେଶ ଅନୁସାରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ମହୋଦଧି ତଟରେ ଦାରୁର ସନ୍ଧାନ ପାଇ, ତାହାକୁ ଆଣି ମୂର୍ତ୍ତି ନିର୍ମାଣ କରିଥିଲେ ଏବଂ ଗୁଣ୍ଡିଚା ମଣ୍ଡପରେ ହିଁ ସ୍ଥାପନ ହୋଇଥିଲେ ଚତୁର୍ଦ୍ଧାମୂର୍ତ୍ତି। ଏହା ସତ ଯେ ସର୍ବପ୍ରଥମେ ରଥଯାତ୍ରା ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ହୋଇଥିଲା। ତେବେ ଜନକ ପୁରୀକୁ ବର୍ଷକେ ଥରେ ଯାତ୍ରା କରିବା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରାର୍ଥନା କରିଥିଲେ ଏବଂ ତାହାକୁ ଗ୍ରହଣ କରିଥିଲେ ଭାବର ଠାକୁର ।

ଗୁଣ୍ଡିଚା ମନ୍ଦିର ସମ୍ପର୍କରେ ମାଦଳା ପାଞ୍ଜିରେ ଥିବା ସୂଚନା ଅନୁଯାୟୀ, ଏହା କାଠ ମଣ୍ଡପରେ ସୀମିତ ଥିଲା । ରାଜା ନରସିଂହଦେବ ଏହାକୁ ପଥର ମଣ୍ଡପ କରିଥିଲେ। ଏହାର ବେଢ଼ା ୪୩୦ ଫୁଟ ଲମ୍ବ ଓ ୩୨୦ ଫୁଟ ଚଉଡ଼ା । ମନ୍ଦିରର ଚତୁର୍ଦ୍ଦିଗରେ ରହିଛି ୨୦ ଫୁଟ ଉଚ୍ଚ ଓ ୫ ଫୁଟ ୨ ଇଞ୍ଚ ବହଳର ଏକ ବିଶାଳ ପ୍ରାଚୀର । ଏହି ମନ୍ଦିର ଭିତରେ ୪ଫୁଟ ଉଚ୍ଚ ଓ ୧୯ ଫୁଟ ଲମ୍ବର ଏକ ମଣ୍ଡପ ଉପରେ ଚତୁର୍ଦ୍ଧାମୂର୍ତ୍ତି ବର୍ଷକେ ଥରେ ବିଜେହୁଅନ୍ତି । ବିମାନ, ଜଗମୋହନ, ନାଟ୍ୟ ମଣ୍ଡପ ଓ ଭୋଗମଣ୍ଡପ, ଏହି ମନ୍ଦିରର ଚାରିଟି ପର୍ଯ୍ୟାୟ । ଏହାର ମୁଖ୍ୟ ବାହ୍ୟ ପ୍ରାଚୀରରେ ମୁଖ୍ୟତଃ ଦୁଇଟି ଦ୍ୱାର। ସିଂହଦ୍ୱାର ଦେଇ ପ୍ରଭୁ ମନ୍ଦିର ଭିତରକୁ ଯାଇଥାନ୍ତି । ବାହୁଡ଼ା ଯାତ୍ରାରେ ଫେରନ୍ତି ନାକଚଣା ଦ୍ୱାର ବାଟେ। ଏହାବ୍ୟତୀତ ମନ୍ଦିରର ଉତ୍ତର ପଟେ ରହିଛି ତୃତୀୟ ତଥା କ୍ଷୁଦ୍ର ଦ୍ୱାରଟିଏ। ପ୍ରଭୁ ଏଠାରେ ୭ଦିନ ଅବସ୍ଥାନ କରିଥାନ୍ତି । ବର୍ଷକରେ ମାତ୍ର ୭ ଦିନ ପାଇଁ ଏହି ସମୟରେ ଏଠାରେ ଅବଢ଼ା ପ୍ରସ୍ତୁତ ହୁଏ, ଯାହାକି ଆଡ଼ପ ଅବଢ଼ା ନାମରେ ପ୍ରସିଦ୍ଧ । ଶ୍ରୀଜିଉମାନେ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବା ସମୟରେ ପଞ୍ଚମୀଦିନ ହେରା ପଞ୍ଚମୀ ନୀତି ଓ ନବମୀ ତିଥିରେ ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହୋଇଥାଏ । ହେରାପଞ୍ଚମୀରେ ମହାଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିର ଯାଇ ତାଙ୍କୁ ରଥଯାତ୍ରାରେ ଅଣାଯାଇନଥିବାରୁ ରାଗରେ ନନ୍ଦିଘୋଷ ରଥରେ ଭଙ୍ଗାରୁଜା କରନ୍ତି । ଠାକୁରେ ବାହୁଡ଼ା ଯାତ୍ରା କରି ଶ୍ରୀମନ୍ଦିରକୁ ଫେରି ଆସିବା ପରେ ଗୁଣ୍ଡିଚା ମନ୍ଦିର ପୁଣି ଥରେ ଅପେକ୍ଷାରେ ରହେ ଏକ ବର୍ଷ ।

ଶ୍ରୀବିହାର କଲୋନୀ, କଟକ, ମୋ : ୯୪୩୭୬୬୬୪୫୩

# ଗୃହଲକ୍ଷ୍ମୀ ଓ ନାରୀର ସପ୍ତ ସଦ୍‌ଗୁଣ

**ଯଶସ୍ୱିନୀ ପଟ୍ଟନାୟକ**

**ମ**ହିଳାଙ୍କୁ ସମ୍ମାନ ଦେବା ପାଇଁ ଜାତିସଂଘ ଘୋଷଣାକ୍ରମେ ୧୯୭୭ରୁ ପ୍ରତି ବର୍ଷ ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଉଛି। ଏହାକୁ ପ୍ରଥମେ ଅନ୍ତର୍ଜାତୀୟ କର୍ମଜୀବୀ ମହିଳା ଦିବସ କୁହାଯାଉଥିଲା । ପରେ ଜାତିସଂଘ ଅନୁମୋଦନ କ୍ରମେ ସେଥିରୁ କର୍ମଜୀବୀ ଶବ୍ଦଟିକୁ ବାଦ୍ ଦିଆଯାଇଥିଲା । ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ମହିଳାଙ୍କୁ ପ୍ରତିଷ୍ଠିତ କରାଇବା ଦିଗରେ ଜନସଚେତନତା ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ । ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଅଧିକାର ପାଇବା ପାଇଁ ବହୁ ଦିନରୁ ସଂଘର୍ଷରତ । ୟୁରୋପ୍‌ରେ ଊନବିଂଶ ଶତାବ୍ଦୀର ଆଦ୍ୟ ଭାଗ ପର୍ଯ୍ୟନ୍ତ ମହିଳାମାନେ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ଗଣା ଯାଉଥିଲେ । ସ୍ୱାଧୀନ ମତ ପୋଷଣ ବା ଭୋଟ୍ ଦେବାର ଅଧିକାର ନଥିଲା । ଏପରିକି ଗ୍ରେଟ୍ ବ୍ରିଟେନ୍ ଭଳି ରାଷ୍ଟ୍ରରେ ମଧ୍ୟ ମହିଳାଙ୍କ ଶିକ୍ଷା ଅନେକଟା ସୀମିତ ଥିଲା । ୧୭୯୨ରେ ମେରି ଉଲଷ୍ଟୋନ୍‌କ୍ରାଫ୍ଟ ନାମ୍ନୀ ବ୍ରିଟିଶ ଲେଖିକା ପୁରୁଷ ଓ ମହିଳାଙ୍କର ସମାନ ଅଧିକାର ପ୍ରସଙ୍ଗରେ ବହିଟିଏ ଲେଖିଥିଲେ – 'ଏ ଭିଣ୍ଡିକେସନ୍ ଅଫ୍ ଦି ରାଇଟସ୍ ଅଫ୍ ୱିମେନ୍' । ବହିଟି ସେତେବେଳେ ସମଗ୍ର ୟୁରୋପରେ ଚହଳ ପକାଇଥିଲା । ସମସ୍ତଙ୍କୁ ସେ ଦିଗରେ ଚିନ୍ତା କରିବା ପାଇଁ ଖୋରାକ ଯୋଗାଇଥିଲା। ଏହାପରେ ପୁରୁଷଙ୍କ ସହ ସମାନ ଅଧିକାର ପାଇବା ପାଇଁ ୟୁରୋପ୍‌ର ବିଭିନ୍ନ ଅଞ୍ଚଳର ମହିଳାମାନେ ଆନ୍ଦୋଳନ ଆରମ୍ଭ କରିଥିଲେ । ବିଂଶ ଶତାବ୍ଦୀର ପ୍ରାରମ୍ଭ ବେଳକୁ ୟୁରୋପୀୟ ମହିଳାମାନେ ପୁରୁଷଙ୍କ ସମକକ୍ଷ ହୋଇଥିଲେ । ୧୯୧୧ ମାର୍ଚ୍ଚ ୧୯ ତାରିଖରେ ଜର୍ମାନୀ, ଅଷ୍ଟ୍ରିଆ, ଡେନମାର୍କ ଏବଂ ସୁଇଜରଲ୍ୟାଣ୍ଡରେ ପ୍ରଥମ ବିଶ୍ୱସ୍ତରୀୟ ମହିଳା ଦିବସ ପାଳିତ ହୋଇଥିଲା । ୧୯୧୩ରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହେଲା ମାର୍ଚ୍ଚ ୮ ତାରିଖରେ । ୧୯୭୫ରେ ଜାତିସଂଘ ପକ୍ଷରୁ ପାଳିତ ହେଲା ଆନ୍ତର୍ଜାତିକ ମହିଳା ବର୍ଷ । ତା'ପରେ ୧୯୭୭ ମାର୍ଚ୍ଚ ୮ରୁ ପାଳିତ ହେଉଛି ଆନ୍ତର୍ଜାତିକ ମହିଳା ଦିବସ ।

ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ, ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେକୌଣସି କାର୍ଯ୍ୟ କରିବାକୁ ଯେକୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗ ସ୍ୱରୂପୀଣୀ। ନାରୀର ତ୍ୟାଗ ପୂରାପୂରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ। ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି, 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'।

ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀର ଦାନ ଅତୁଳନୀୟ। ବୈଦିକ ଯୁଗରୁ ନାରୀମାନେ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ।



ପୁରାଣରେ ବର୍ଣ୍ଣିତ ଅଛି– 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି। ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମା, ପ୍ରକୃତିପରମେଶ୍ୱର, ଶକ୍ତିଶିବ । ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ। ସୁତରାଂ ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀଙ୍କୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀଙ୍କୁ ତାଙ୍କ ମହାନୀୟତା ଅନୁଯାୟୀ ପ୍ରତିଷ୍ଠା ମଧ୍ୟ ଦିଆଯାଇଛି।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ,

# ମା'ର ସ୍ନେହ ଓ ନାରୀର ସଂସାର

**ଡ.ଅରୁନ୍ଧତୀ ଦେବୀ**

**ଯା**ହାର ବ୍ୟକ୍ତିତ୍ୱ ନିଷ୍ପେଷିତ ହୋଇଯାଏ ସ୍ୱାର୍ଥପର ଏଇ ସମାଜର ନାଲି ଆଖି ନିକଟରେ ଯିଏ ଚେଷ୍ଟାକରି ମଧ୍ୟ, ପାରେନାହିଁ ନିଜର ଆତ୍ମାନୁଭୂତି ବ୍ୟକ୍ତ କରି, ସେ ନାରୀ । ସାରା ଜୀବନ ସେ ଧୂପକାଠିଟିଏ ପରି ତ୍ୟାଗର ସୁଗନ୍ଧିତ ଧୂମ ବିତରଣରେ ସମଗ୍ର ପରିବେଶକୁ ବାସ୍ନାରେ ଭରିଦିଏ । ଆଜି ପରିବର୍ତ୍ତିତ ସମାଜ ତାକୁ କରିଚାଲିଛି ଅବହେଳିତ, ଲାଞ୍ଛିତ। ପଦାକୁ ପାଦ କାଢ଼ିଲେ, ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ । ଖବରକାଗଜର ପୃଷ୍ଠା ଲେଉଟେଇଲେ ଯୌତୁକ ଜନିତ ବଧୂ ହତ୍ୟା, କନ୍ୟା ଭ୍ରୂଣ ହତ୍ୟା ଅଥବା ପ୍ରତାରିତ ପ୍ରେମିକର ବିଶ୍ୱାସଘାତକତା । ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନେ ବିଚରଣ କରନ୍ତି । ନାରୀର ଅସମ୍ମାନ ସମଗ୍ର ଧରିତ୍ରୀର ଅସମ୍ମାନ । ନାରୀ ବିନା ସୃଷ୍ଟ ଅସମ୍ଭବ। ସ୍ୱାମୀ-ସ୍ତ୍ରୀ, ନାରୀ-ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏକ ବିନା ଆରେକର ସ୍ଥିତି ନାହିଁ, ପ୍ରଗତି ଆସିବ କୁଆଡୁ ? ସ୍ୱାମୀ ଆକାଶ, ସ୍ତ୍ରୀ ପୃଥିବୀ। ଏକଥା ଭୁଲିଯାଉଛି ହୁଏତ ସମାଜ । ନାରୀକୁ କେବଳ ଶଯ୍ୟା ସଙ୍ଗିନୀ, କ୍ରୀଡ଼ାନକ କରି ରଖିବାର ଲାଳସା ତା'ର ପ୍ରଗତି ପଥରେ ବାଧକ ହେଉଛି । ନାରୀ ଦୁର୍ବଳା ନୁହେଁ । କନ୍ୟା, ଭଗିନୀ, ଜାୟା, ଜନନୀ ଭୂମିକାରେ ସେ ମହନୀୟା। ସାଜିପାରେ ଅନ୍ୟାୟ, ଅନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଦୁର୍ଦ୍ଦମନୀୟା ମହାକାଳୀ, ମହିଷାମର୍ଦ୍ଦିନୀଙ୍କର ବିଷମୟ ରୂପ ଧାରଣ କରିପାରେ ।



ଦିନେ ପିଲାମାନଙ୍କୁ ଗୁରୁ ବୁଝାଉଥିଲେ ପିତା-ମାତାଙ୍କ ମହାନତା କେତେ। ସନ୍ତାନ ପ୍ରତି ମା'ର ତ୍ୟାଗ ଅନ୍ୟ କେଉଁଠି ଦେଖିବାକୁ ମିଳେନା। ଶିଷ୍ୟଗଣଙ୍କ ଉତ୍ସୁକ ନୟନକୁ ଦେଖି ଏହି ଅବସରରେ ଗୁରୁ ଏକ ସତ୍ୟ ଘଟଣାର ଅବତାରଣା କରିବାକୁ ଯାଇ କହିଚାଲିଲେ, ଛୋଟ ସହରରେ ଏକ ଦମ୍ପତି ରହୁଥାନ୍ତି। ସେମାନଙ୍କର ଏକମାତ୍ର ପୁଅଟି ତୃତୀୟ ଶ୍ରେଣୀରେ ପାଠ ପଢୁଥାଏ। ବାପାଙ୍କ ଆକସ୍ମିକ ମୃତ୍ୟୁ ହୋଇଗଲା। ଆର୍ଥିକ ଅବସ୍ଥା ଭଲ ନଥାଏ। ପୁଅର ସ୍କୁଲ ହଷ୍ଟେଲରେ ମା' ରୋଷେଇ କରି କିଛି ରୋଜଗାର କରୁଥିଲେ ଏବଂ ପିଲାଟିକୁ ପାଠ ପଢ଼ାଉଥିଲେ। ପୁଅଟି ଭଲ ପାଠ ପଢୁଥାଏ। ଦିନେ ପୁଅର ଜଣେ ସାଙ୍ଗ ଥଟ୍ଟା କରି କହିଲା ଏଃ, ତୋ ମା କାଣୀ। ଅର୍ଥାତ୍ ମା'ର ଗୋଟିଏ ଆଖି ନାହିଁ। ପୁଅକୁ ଖରାପ ଲାଗିଲା। ଏମିତି ଭିନ୍ନ ଭିନ୍ନ ସମୟରେ ସେ ମନ୍ତବ୍ୟ ଶୁଣିଲା ଯେ ତା'ର ପରିଚୟ ହେଉଛି କାଣୀ ରୋଷେୟାଙ୍କ ପୁଅ। ସେ ମନେ ମନେ ସ୍ଥିର କଲା ସହର ଛାଡ଼ି ବହୁ ଦୂରକୁ ଚାଲିଯିବ। ମା'ର ପରିଚୟଠାରୁ ଦୂରେଇ ଯିବ। ଭଲ ପାଠ ପଢୁଥିଲା, ବଡ଼ ସହରକୁ ଚାଲିଗଲା। ମା'ପାଖକୁ ଫେରିଲାନି, ଭାବିଲା ମା' ତା ପାଇଁ ଅଭିଶାପ। ପୁଅଠୁ ଅଲଗା ରହିବାର କଷ୍ଟ ସହି ମା' ଗାଁରେ ପଡ଼ିରହିଲା। ପୁଅ ବଡ଼ ଅଫିସର, ବାହାସାହା ହୋଇ ସହରରେ ରହିଲା । ଦିନେ ମା'ର ଇଚ୍ଛା ହେଲା ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଟିକିଏ ଦେଖନ୍ତା। ପଚାରି ପଚାରି ଗଲା। ପିଲାମାନଙ୍କୁ ଘର ବାହାରେ ଠିଆ ହୋଇ ଦେଖିଲା। କିନ୍ତୁ ପୁଅ ଯେତେବେଳେ ମା'କୁ ଦେଖିଲା ଗାଳି କରି ତଡ଼ିଦେଲା। କହିଲା କାଣୀ ମା'ର ପୁଅ ବୋଲି ମୋତେ ଲାଜ ଲାଗୁଛି। ଏ ଭିତରେ କିଛି ମାସ ଚାଲିଗଲା। କ'ଣ ସରକାରୀ କାମରେ ପୁଅ ସେଇ ଗାଁକୁ ଆସିଥାଏ। କ'ଣ ମନ ହେଲା କେଜାଣି, ଭାବିଲା ଜନ୍ମସ୍ଥାନ ଟିକିଏ ଦେଖିଯିବି। ଘରେ ପହଞ୍ଚିଲା ବେଳକୁ ଜାଣିବାକୁ ପାଇଲା ମାସକ ଆଗରୁ ମା' ମରିଯାଇଛି। ପଡ଼ୋଶୀ ମହିଳା ପୁଅ ନାଁରେ ଲେଖାଥିବା ଚିଠିଟିଏ ଆଣି ଦେଲେ। ସେଥିରେ ଲେଖାଥିଲା – ପୁଅ, ତୁ ଖୁସିରେ ଅଛୁ ଜାଣିଲି, ଯାହାହେଉ। ତୋ ଜରିଆରେ ମୁଁ ଦୁନିଆକୁ ଦେଖୁଥିଲି। ମୋ ଆଖି କାଢ଼ି ତୋ ଆଖିରେ ଡାକ୍ତର ଲଗାଇଥିଲେ। ମୋର ଦୁର୍ଭାଗ୍ୟ ଯେ ତୋ ଠାରେ ଆଉ ଭେଟ ହୋଇପାରିଲା ନାହିଁ।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ, ମୋ : ୯୯୩୭୧୭୨୮୧୦

# ନିଜେ ନିଜକୁ ରକ୍ଷା କର

**ସୌଭାଗ୍ୟ ରଞ୍ଜନ ମହାନ୍ତି**

**ଏ**ବେ ବିଶ୍ୱରେ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି । ଏକ ସ୍ୱାସ୍ଥ୍ୟ ରିପୋର୍ଟରୁ ଜଣାଯାଇଛି ଯେ, କେବଳ ପୂର୍ବ ଭୂମଧ୍ୟ ଅଂଚଳରେ ପ୍ରତିବର୍ଷ ସାଢେ ୪ଲକ୍ଷରୁ ଅଧିକ ଲୋକଙ୍କର ଜୀବନ କର୍କଟ ନେଉଛି। ଭାରତ ଏବଂ ଓଡିଶାରେ ମଧ୍ୟ କର୍କଟ ରୋଗୀଙ୍କ ସଂଖ୍ୟା କିଛି କମ୍ ନୁହେଁ। ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମ୍‌ଆର୍)ର ଜାତୀୟ କର୍କଟ ପଞ୍ଜୀକରଣ କାର୍ଯ୍ୟକ୍ରମ ଅନୁଯାୟୀ, ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶଶସିତ ଅଞ୍ଚଳରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି।

ଆଇସିଏମ୍‌ଆର୍‌ର ଜାତୀୟ କର୍କଟ ପଞ୍ଜୀକରଣ କାର୍ଯ୍ୟକ୍ରମ ରିପୋର୍ଟ ଅନୁଯାୟୀ, ଦେଶରେ ୨୦୨୦ରେ ୧୩,୯୨,୧୭୯ କର୍କଟ ପୀଡିତ ଥିବାବେଳେ ୨୦୨୧ରେ ୧୪,୨୭,୪୪୭ ଓ ୨୦୨୨ରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪,୬୧,୪୨୭କୁ ବୃଦ୍ଧି ପାଇଥିଲା। ଦେଶରେ ଏହି ୩ବର୍ଷ ମଧ୍ୟରେ ଯଥାକ୍ରମେ ୭,୭୦,୨୩୦ଦଶକର ୭,୮୯,୨୦୨ଜଣଙ୍କର ଏବଂ ୮,୦୮,୫୫୮ ଜଣଙ୍କର ମୃତ୍ୟୁ ଘଟିଥିଲା। କେବଳ ଏତିକି ନୁହେଁ, ପଞ୍ଜାବ, ହରିୟାନା, ହିମାଚଳ ପ୍ରଦେଶ ଓ ଚଣ୍ଡିଗଡରେ ସର୍ବାଧିକ କର୍କଟ ପୀଡିତ ଥିବାବେଳେ ସେମାନଙ୍କର ସଂଖ୍ୟା ମଧ୍ୟ ବଢିଚାଲିଛି। ଆମ ରାଜ୍ୟରେ ଶିଶୁକର୍କଟ ରୋଗୀଙ୍କ ସଂଖ୍ୟା ଉଦ୍‌ବେଗଜନକ। ପ୍ରାୟ ୫୦ହଜାର ଶିଶୁ ଆକ୍ରାନ୍ତ ହୋଇଥିବା କୁହାଯାଇଛି। ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ପଞ୍ଜାବରେ ପ୍ରତି ୧ଲକ୍ଷ ଲୋକରେ ୯୦ଜଣ କର୍କଟ ପିଡିତ। ଗତ ୭ବର୍ଷ ମଧ୍ୟରେ ହାରାହାରି ୭.୫୮୬ ନୂଆ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଏକଦା ପଞ୍ଜାବର ଭଟିଣ୍ଡାରୁ ରାଜସ୍ଥାନର ବିକାନିର ଯାଉଥିବା ପାସେଞ୍ଜର ରେଳଗାଡିରେ ସର୍ବାଧିକ କର୍କଟ ରୋଗୀ ଚିକିତ୍ସା ପାଇଁ ଯାଉଥିବାରୁ ତାହା କ୍ୟାନସର ଏକ୍ସପ୍ରେସ ଭାବେ ପରିଚିତ ଥିଲା।

ଆମ ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ମଧ୍ୟ କିଛି କମ ନୁହେଁ। ତଥ୍ୟ ଅନୁଯାୟୀ, ୨୦୧୯-୨୦ରୁ ୨୦୨୧-୨୨ ମଧ୍ୟରେ ରାଜ୍ୟରେ ୯୨,୬୯୯ ଜଣ କର୍କଟ ରୋଗୀ ବିଭିନ୍ନ ହସପିଟାଲରେ ଚିକିତ୍ସିତ ହେଉଥିବାବେଳେ ୩୧,୬୯୨ଜଣଙ୍କର ମୃତ୍ୟୁ ହୋଇଥିଲା। ଆମ ରାଜ୍ୟରେ ଏହି ମାରାତ୍ମକ ଦୁରାରୋଗ୍ୟ ବ୍ୟାଧିରେ ବାର୍ଷିକ ହାରାହାରି ୫୦ହଜାରରୁ ଅଧିକ ଲୋକ ଆକ୍ରାନ୍ତ ହେଉଥିବାବେଳେ ୧୫ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟୁଛି। ରାଜ୍ୟରେ ପୁରୁଷମାନେ ମୁଖ୍ୟତଃ ମୁଖ କର୍କଟରେ ପୀଡିତ ହେଉଥିବାବେଳେ ମହିଳାଙ୍କ କ୍ଷେତ୍ରରେ ସ୍ତନକର୍କଟ ଅଧିକ ପରିମାଣରେ ଦେଖାଯାଏ। ଡାକ୍ତରଙ୍କ ମତରେ, ମଣିଷ ଶରୀରର କେବଳ ନଖ ଓ ବାଳକୁ ଛାଡିଦେଲେ, ପ୍ରତ୍ୟେକ ଅଙ୍ଗରେ କର୍କଟ ହେବାର ଆଶଙ୍କା ରହିଛି।

ଆମ ଦେଶରେ କର୍କଟରେ ପୀଡିତ ରୋଗୀଙ୍କ ମଧ୍ୟରୁ ୪୦ରୁ ୫୦ ପ୍ରତିଶତ ହେଉଛନ୍ତି ମୁଖ ଗହ୍ୱର କର୍କଟ ରୋଗୀ। ମୁଖ କର୍କଟର ମୁଖ୍ୟ କାରଣ ହେଉଛି ତମାଖୁ ଓ ଗୁଟ୍‌ଖା ସେବନ। ତମାଖୁ, ଗୁଟଖା ଧୂମପାନ ଆଦି ଦ୍ରବ୍ୟରେ ବୈଧାନିକ ସତର୍କତା ସତ୍ତ୍ୱେ ଏହାର ସେବନ ବଢି ଚାଲିଛି । ଯଦି ଏହାକୁ ନିୟନ୍ତ୍ରଣ କରାଯାଇପାରନ୍ତା ତେବେ ୪୦ପ୍ରତିଶତ ମୁଖ ଗହ୍ୱର କର୍କଟ ରୋଗୀଙ୍କ ସଂଖ୍ୟା କମିଯିବ ଏଥିରେ ସନ୍ଦେହ ନାହିଁ। କର୍କଟ ରୋଗର ଆଉ ଏକ କାରଣ ହେଉଛି, କୀଟନାଶକ ଔଷଧର ବହୁଳ ବ୍ୟବହାର। ଏବେ ସମସ୍ତେ ପନିପରିବା, ଧାନ, ମୁଗ, ଗହମ, ଆଖୁ ଆଦି ଫସଲରୁ ରୋଗ ଦାଉରୁ ରକ୍ଷା ପାଇଁ ବହୁଳ ଭାବରେ କୀଟନାଶକ ଔଷଧ ବ୍ୟବହାର ହୋଉଛି। ରାଜ୍ୟର ଭାତହାଣ୍ଡି ଭାବେ ପରିଚିତ ବରଗଡ ଜିଲ୍ଲାରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପଛରେ ଅତ୍ୟଧିକ ରସାୟନିକ ସାର ବ୍ୟବହାର ଓ କୀଟନାଶକ ଔଷଧ ଫସଲରେ ବ୍ୟବହାର ବୋଲି କୁହାଯାଇଛି। ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ, ଆମ ଦେଶରେ ବ୍ୟବହୃତ ୨୩୪ଟି ପଞ୍ଜୀକୃତ ରାସାୟନିକ ଔଷଧ ମଧ୍ୟରୁ ଅନେକ ଏହାର ମାରାତ୍ମକ ପ୍ରଭାବ ଯୋଗୁ ବିଦେଶରେ ନିଷିଦ୍ଧ ହୋଇଥିବାବେଳେ ଆମେ ସେଗୁଡିକୁ ଅତ୍ୟଧିକ ମାତ୍ରାରେ ବ୍ୟବହାର କରିଚାଲିଛୁ। ଏହାର ପ୍ରଭାବରେ କେବଳ ଖାଦ୍ୟ ନୁହେଁ, ଜୀବନରକ୍ଷାକାରୀ ଜଳ, ମାଟି, ପବନ ସବୁକିଛି ବିଷାକ୍ତ ହୋଇଯାଇଛି।

ଏହା ସତ୍ୟ ଯେ, ପ୍ରାଥମିକ ପର୍ଯ୍ୟାୟରେ ରେଗ ଚିହ୍ନଟ ହୋଇପାରିଲେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବ। ତେବେ ରୋଗ ସମ୍ପର୍କରେ ବ୍ୟାପକ ସଚେତନତା ଜରୁରୀ। କିନ୍ତୁ ଏହା ନିଃସନ୍ଦେହ ଯେ, ଲୋକମାନେ ନିଜେ ନିଜେ ଜାଣିଶୁଣି କର୍କଟକୁ ଆମନ୍ତ୍ରଣ କରୁଛନ୍ତି। ତମାଖୁ, ସିଗାରେଟ, ମଦ ଆଦି ମାଦକ ଦ୍ରବ୍ୟ ଉପରେ ବୈଧାନିକ ଚେତାବନୀ ରହିଛି ଏପରିକି କଙ୍କଡାବିଛା(କର୍କଟ)ର ଛବି ରହିଛି। ଯାହାକି ମାରାତ୍ମକ କର୍କଟ ରୋଗର ଚେତାବନୀ। ସେହିପରି ଧୂମପାନ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ବୋଲି ସତର୍କ କରାଇ ଦିଆଯାଇଛି। ଏହା ସତ୍ତ୍ୱେ ଜାଣିନଜାଣିବା ପରି ଲୋକ ତମାଖୁ, ସିଗାରେଟ ମଦ ଛାଡିପାରିନାହିଁ ଯାହାକି କର୍କଟ ରୋଗର ବାହାକ। ନିଜେ ଯଦି ଆମେ ନହେଜିବା, ଆମକୁ ସତର୍କ କରିବ କିଏ ?

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ, ମୋ: ୯୪୩୭୯୯୪୩୭୯

# ନାରୀ ଓ ଆମ ଦୃଷ୍ଟିଭଙ୍ଗୀ

**କବିତା ସ୍ୱାଇଁ**

**ଏ**କଦା ପ୍ରକୃତିରାଣୀର ସବୁଜ ବନାନୀ କୋଳରେ ଇତର ପ୍ରାଣୀଟିଏ ପରି ଜୀବନଯାପନ କରୁଥିବା ମଣିଷ କେତେବେଳେ ଯେ ସାମାଜିକ ହୋଇଗଲା ତାହା ଠିକ୍ କରି କହିହେବନି। ଇତିହାସ ପୃଷ୍ଠାକୁ ଓଲଟାଇଲେ ମଧ୍ୟ ତା'ର ଠିକ୍ ସମୟକାଳ ଜଣାପଡ଼ିନାହିଁ। ଯେତେବେଳେ ମଣିଷ ଜାଣିଲା ଏକୁଟିଆ ବଞ୍ଚିବା କଷ୍ଟକର, ବନ୍ୟଜନ୍ତୁଙ୍କ ଦାଉରୁ ନିଜକୁ ସୁରକ୍ଷିତ ରଖିବା ବି ଅସମ୍ଭବ, ସେତେବେଳେ ଠିକ୍ କଲା ଅସହାୟତାର ଘୋଡ଼ଣି ତଳେ ଅଣନିଃଶ୍ୱାସୀ ହେବା ଅପେକ୍ଷା ପରସ୍ପରର ହାତ ଧରି ଆଗକୁ ବଢିଲେ ବଞ୍ଚିବା ସୁବିଧାଜନକ ଓ ଆନନ୍ଦଦାୟକ ହୋଇପାରିବ। ଏହି ଅନୁଭବ, ଲବ୍ଧଜ୍ଞାନ ଟିକକ ମଣିଷକୁ ଏକାଠି ରହିବାକୁ ସାହାଯ୍ୟ କଲା। ସମୟକ୍ରମେ ତା'ର ଅଜାଣତରେ ଗୋଷ୍ଠୀଜୀବନ ସାମାଜିକ ଜୀବନରେ ରୂପାନ୍ତରିତ ହେଲା।

ସେହି ସାମାଜିକ ଜୀବନରେ ଦୁଇଟି ଛବି ଦେଖିବାକୁ ମିଳିଲା। ଜଣେ ପୁରୁଷର, ଆଉ ଜଣେ ନାରୀର ଛବି। ନାରୀ ହେଉଛି ସିଏ ଯିଏ ପ୍ରଜନନ କ୍ଷମତାର ଅଧିକାରିଣୀ। ପୁରୁଷ ହେଉଛି ସିଏ ଯିଏ ପ୍ରଜନନର ଗୁରୁଭାର ବହନ କରି ନାରୀକୁ ସୁରକ୍ଷା ପ୍ରଦାନ କରେ। ପୁରୁଷ ଓ ନାରୀର ସହଯୋଗରେ ପାରିବାରିକ ଜୀବନ ହେଲା ଶୃଙ୍ଖଳିତ, ସଂଗଠିତ ଓ ପ୍ରତିଷ୍ଠିତ। ନାରୀ ସଦାସର୍ବଦା ଏ ସୃଷ୍ଟିର ମୂଳାଧାର। ତେଣୁ ବେଦ, ବେଦାନ୍ତ ଓ ଶାସ୍ତ୍ର ଓ ପୁରାଣରେ ନାରୀକୁ ପ୍ରାଧାନ୍ୟ ଦିଆଯାଇ କୁହାଯାଇଛି – 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତା' ଅର୍ଥାତ୍ ନାରୀମାନେ ଯେଉଁଠି ପୂଜା ପଆନ୍ତି ସେଠାରେ ଦେବତାମାନେ ବିରାଜିତ ହୋଇଥାନ୍ତି। ସାମାଜିକ ଜୀବନର ସମ୍ପୂର୍ଣ୍ଣ ସମୟ ମଧ୍ୟରେ ନାରୀ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଥାଏ-କେବେ ଜନନୀ, କେବେ ଜାୟା, କେବେ ଭଗିନୀ ଓ କେବେ କନ୍ୟାର କାର୍ଯ୍ୟ ତୁଲାଇଥାଏ। ନାରୀ କୌଣସି ଗୁଣରେ ପୁରୁଷଙ୍କ ଠାରୁ ନ୍ୟୁନ ନୁହେଁ। ନିଜର ଶକ୍ତି ଓ ସାମର୍ଥ୍ୟ ବଳରେ ସେ ହୁଏ– କାର୍ଯ୍ୟେଷୁ ମନ୍ତ୍ରୀ, କର୍ମେଷୁ ଦାସୀ, ଧର୍ମେଷୁ ପତ୍ନୀ, କ୍ଷମୟା ଧରିତ୍ରୀ, ସ୍ନେହେଷୁ ମାତା, ଶୟେନେଷୁ ରମ୍ଭା,ସଙ୍ଗେଷୁ ସଖା।

ନାରୀ ଅତ୍ର, ତତ୍ର, ସର୍ବତ୍ର ଭଳି ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି କରିଚାଲିଛି। ଆଜି ଜଳ, ସ୍ଥଳ ଓ ଆକାଶ କୌଣସି କ୍ଷେତ୍ର ନାରୀପାଇଁ ଅଗମ୍ୟ ନୁହେଁ। ତଥାପି ଏକବିଂଶ ଶତାବ୍ଦୀରେ ନାରୀ ସଶକ୍ତିକରଣର ଆବଶ୍ୟକତା କାହିଁକି ଜରୁରୀ ହୋଇପଡିଛି ? ଆଜିକାର ସମାଜ ବ୍ୟବସ୍ଥା ସୂଚାଇଦେଉଛି ଯେ ନାରୀଜାତି ସୁରକ୍ଷିତ ନୁହେଁ। ନାରୀ ସହ ଅନେକ ଲୋମହର୍ଷଣକାରୀ ଘଟଣା ଘଟିଚାଲିଛି ପ୍ରତିଦିନ। ଗଣଦୁଷ୍କର୍ମ, ଘରୋଇ ହିଂସା, ପୁରୁଷ ସମାଜର ପ୍ରତାରଣା ପୂର୍ଣ୍ଣ ବ୍ୟବହାର ଇତ୍ୟାଦି ଇତ୍ୟାଦି। ଯେଉଁ ସମାଜରେ ନାରୀ ଯେତେ ସୁରକ୍ଷିତ ସେ ସମାଜ ସେତେ ଉନ୍ନତ। ନାରୀ ମଧ୍ୟରେ ପ୍ରଥମ ଡାକ ହେଉଛି ଆମର ମା'। ଦଶ ଜଣ ଶିକ୍ଷକଙ୍କଠାରୁ ଜଣେ ଆଚାର୍ଯ୍ୟ ବଡ଼। ଶହେ ଆଚାର୍ଯ୍ୟଙ୍କଠାରୁ ଜଣେ ପିତା ମହାନ। ହଜାରେ ପିତାଙ୍କ ଠାରୁ ଜଣେ ମାତା ଗୌରବମୟୀ । ମରଣର ମାର୍ଗ ଅନେକ କିନ୍ତୁ ଜନମ ଲଭିବାର ମାର୍ଗ ହେଉଛି ମାତ୍ର ଗୋଟିଏ । ସେ ହେଉଛି ନାରୀ – କେବଳ ମା'। ସେଇ ମା', ସେଇ ନାରୀ ଆମର ପ୍ରାଣ, ପୂଜା ଓ ପ୍ରାର୍ଥନା ହେବା ଦରକାର। ନାରୀ ଆମର ଜନ୍ମଦାତ୍ରୀ।

ନାରୀକୁ ଅବଳା, ଦୁର୍ବଳା ଭାବିବା ମନୋଭାବକୁ ପରିହାର କରି ସମସ୍ତେ ଚିନ୍ତା କରିବା ଉଚିତ ଯେ ତା'ର ଶରୀର କୌଣସି ଭୋଗ୍ୟବସ୍ତୁ ନୁହେଁ, ବରଂ ଆଗାମୀ ବଂଶଧରମାନଙ୍କର ଭୋଗଥାଳି। ସେଥିରେ ବରଂ ନୈବେଦ୍ୟ ବାଢି ଆତ୍ମିକ ଭାବନାରେ ଆରାଧନା କରାଯାଉ ନାରୀର ନାରୀତ୍ୱକୁ। ଏଭଳି ପରିସ୍ଥିତିରେ ପରିବର୍ତ୍ତନର ଆବଶ୍ୟକତା ରହିଛି ଆମ ଦୃଷ୍ଟିଭଙ୍ଗୀର। ସଚେତନ ହେବା ଦରକାର, ଆମ ମନ ଓ ବିବେକ।

ପ୍ରାଧାପିକା, ମହିଳା ମହାବିଦ୍ୟାଳୟ, ଖୋରଧା, ମୋ : ୮୮୯୫୦୧୪୨୮୩

# କାମାକ୍ଷାଙ୍କ ରଣହୁଙ୍କାର , ଚିନ୍ତାରେ ଆଶାୟୀ ପ୍ରାର୍ଥୀ

**କଣାସ,୮।୩(ନି.ପ୍ର):** ଟିକେଟ ମିଳୁ କିମ୍ବା ନ ମିଳୁ। ମେଣ୍ଟ ହେଉ କି ନହେଉ ।ଆଗମୀ ନିର୍ବାଚନରେ ବିଧାୟକ ପାଇଁ ଲଢେଇ ନିଶ୍ଚିତ କରିବେ ବୋଲି କହିଛନ୍ତି ବିଜେପି ଯୁବନେତା କାମାକ୍ଷା ପ୍ରସାଦ ପ୍ରଧାନ। ପ୍ରୟାସ ଅନୁଷ୍ଠାନ ମାଧ୍ୟମରେ କିଛି ଛାମୁଆ କର୍ମୀ ଓ ନିର୍ବାଚନ ମଣ୍ଡଳୀର ଯୁବ ଭୋଟର ମାନଙ୍କୁ ଧରି ପ୍ରତି ପଞ୍ଚାୟତରେ ଏବେ ନିର୍ବାଚନୀ ବୈଠକ କରି ପ୍ରତି ୱାର୍ଡରୁ କିପରି ଅଧିକ ଭୋଟ ହାତେଇ ହେବ ସେଇ ଯୋଜନାରେ ଲାଗିପଡିଛନ୍ତି। କେବଳ ସେତିକି ନୁହେଁ , ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ଜନ ସମ୍ପର୍କ ଅଭିଯାନ ଆରମ୍ଭ କରି ଭୋଟ ଭିକ୍ଷା କରୁଛନ୍ତି। ପ୍ରାୟ ଦୁଇ ବର୍ଷ ହେବ ନିଜ ପ୍ରସ୍ତୁତିକୁ ଯୋଗଦାର କରିଛନ୍ତି। ବିଜେପିର ବରିଷ୍ଠ ନେତା କୃଷ୍ଣ ଚନ୍ଦ୍ର ଜଗଦେବ, ବିଶ୍ୱଜିତ ବଡଜେନା, ଜିସ୍ନୁଜୟ ମତଗଜଜସିଂହ, କିଶୋର ମାର୍ଥୀ, ଶ୍ରୀନିବାସ ପାତ୍ର, ଦୁର୍ଗାବାହୀନୀ ସଭାନେତ୍ରୀ ମେନେକା ପ୍ରଧାନ ତରଣିସେନ ସ୍ୱାଇଁ, ଅକ୍ଷୟ କୁମାର ଜେନା ପ୍ରମୁଖ ଆଗଧାଡିର କର୍ମୀଙ୍କୁ ଧରି ସେ ପ୍ରତି ସାମଜିକ କାର୍ଯ୍ୟକ୍ରମ ସହ ବିଭୀନ୍ନ ଜନହିତକର



କାମରେ ନିଜକୁ ସାମିଲ କରିଛନ୍ତି। ଏବେ ବିନ୍ଧଣ, ଗୋପିନାଥପୁର,ବକୁ ,ବଡପୁଟ, କଣାସ, ପାଣ୍ଡିଆକେରା, ଆଳୀବାଡ ଆଦି ଅନେକ ପଞ୍ଚାୟତରେ ଆରମ୍ଭ କରିଛନ୍ତି ନିର୍ବାଚନୀ ବୈଠକ ଓ ଜନ ସମ୍ପର୍କ ଅଭିଯାନ। କାମାକ୍ଷାଙ୍କ ପ୍ରଥମଥର ନିର୍ବାଚନ ଲଢିବେ ତାଙ୍କର ରଣ ହୁଙ୍କାର ଏବେ ଅନ୍ୟ ଆଶାୟୀ ପ୍ରାର୍ଥୀଙ୍କ ଚିନ୍ତା ବଢାଇଛି। ତାଙ୍କ ସମର୍ଥକମାନେ ଜିତିବାର ବାହାସ୍ଫଟ ମାରୁଥିବା ବେଳେ ସେ କାହା ପାଇଁ ପରାଜୟର କାରଣ ହେବେ ତାକୁ ନେଇ ଅନ୍ୟଦଳର ଆଶାୟୀଙ୍କ ଅଙ୍କ କଷା ଆରମ୍ଭ ହୋଇଛି। ଯଦି ମେଣ୍ଟହୁଏ ତେବେ କାହା ଭାଗରେ ପଡୁଛି ସତ୍ୟବାଦୀ। ଏବେ ଏହି ଅଅସନରୁ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଦାବିଦାର ରହିଥିବା ବେଳେ ବ୍ରହ୍ମଗିରିର ପୁର୍ବତନ ବିଧାକ ସଂଜୟ ଦାସବର୍ମା, ବିଜେପିନେତା ଓମପ୍ରକାଶ ମିଶ୍ର ମଧ ଲଢିବାକୁ ଆଶାବାନ୍ଧନ୍ତି। କଂଗେସ ମଧ କାହାକୁ ପ୍ରାର୍ଥୀ କରିପାରେ। ଏସବୁ ଭିତରେ କାମାକ୍ଷା ଏବେ ନିଜକୁ ସମ୍ପୁର୍ଣ୍ଣ ପ୍ରସ୍ତୁତି କରି କ୍ୟାମ୍ପେନିଙ୍ଗରେ ଲାଗିପଡିଛନ୍ତି। ଆଉ ସପ୍ତାହପରେ ମୁଣ୍ଡରେ ପାଗ ବାନ୍ଧି ନେତାଏ ମଇଦାନକୁ ଓହ୍ଲାଇବେ। ସେତେବେଳେ ଚିତ୍ର ସ୍ପଷ୍ଟ ହେବ। ଅନ୍ୟମାନଙ୍କ ମଧରେ ଗଦାଧର ନାୟକ, ଗୋବିନ୍ଦ ନାୟକ, ବବିତା ନାୟକ, ଭରତ ହରିଚନ୍ଦନ, ସନ୍ତୋଷ ବିଶ୍ୱାଳ ଭରତ ସୁନ୍ଦରାୟ, ଦିଲ୍ଲୀପ ଚମ୍ପତି, ଅନନ୍ତ ଜୟସିଂହ, ସୁରେଷ ପାଲଟାସିଂହ, ନରେନ୍ଦ୍ରନାଥ ସୁନ୍ଦରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ନେଟଙ୍ଗା ଗ୍ରାମରେ ମହାଶିବରାତ୍ରୀ ଉପଲକ୍ଷେ ବୃକ୍ଷ ରୋପଣ



**ଭଞ୍ଜନଗର,୮।୩(ନି.ପ୍ର):** ମହାଶିବରାତ୍ରୀ ପାଳନ ଅବସରରେ ନେଟଙ୍ଗା ବିଜେ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ସ୍ୱାମୀ ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ନେଟଙ୍ଗା ସବୁଜ ବାହିନୀଙ୍କ ମିଳିତ ସହଯୋଗରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନେଟଙ୍ଗା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ସ୍ୱାମୀ ମନ୍ଦିର ପ୍ରାଙ୍ଗଣ ଓ ମନ୍ଦିର ପାର୍ଶ୍ୱରେ ବଉଳ କୋଳି, କରଞ୍ଜ, ବେଲ, ରକ୍ତ ଚନ୍ଦନ, ଅର୍ଜୁନ, ମନ୍ଦାର ଓ କ୍ରୋଟନ ଗଛ ଆଦି ରୋପଣ କରାଯାଇଛି । ପ୍ରକୃତି ବନ୍ଧୁ ଶିକ୍ଷକ ଦ୍ୱିତୀକୃଷ୍ଣ ଲେଙ୍କାଙ୍କ ଉଦ୍ୟମରେ ଅନୁଷ୍ଠିତ । ଏହି ପବିତ୍ର କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ରମା ବଲ୍ଲଭ ସ୍ୱାଇଁ, ମନ୍ଦିର ପରିଚାଳନା କମିଟି ସଭ୍ୟବୃନ୍ଦ, ମନ୍ଦିର କର୍ମକର୍ତ୍ତା, ନେଟଙ୍ଗା ସବୁଜ ବାହିନୀ ସଦସ୍ୟ ତଥା ସ୍ୱେଚ୍ଛାସେବୀ ମାଧବ ନାୟକ, ସୁଧୀର ନାୟକ, ରୁଦ୍ରନାରାୟଣ ପାତ୍ର, ଚିତ୍ତରଂଜନ ଲେଙ୍କା, ସନ୍ତୋଷ, କାର୍ତ୍ତିକେଶ୍ୱର, ମାନସ, ସଂଗ୍ରାମ, ସୋନୁ, ପିଣ୍ଟୁ, ପ୍ରକାଶ, ଅମୂଲ୍ୟ, କାର୍ତ୍ତିକ ଓ କାର୍ତ୍ତିକ ସ୍ୱାଇଁ ଆଦି ସକ୍ରିୟ ଅଂଶଗ୍ରହଣ କରି ପ୍ରତ୍ୟେକେ ଗୋଟିଏ ଗୋଟିଏ ବୃକ୍ଷ ଚାରା ରୋପଣ କରିଥିଲେ ।

ପ୍ରକାଶ ଥାଉକି, ନେଟଙ୍ଗା ସବୁଜ ବାହିନୀ ବର୍ଷର ପ୍ରତ୍ୟେକ ପର୍ବ ପର୍ବାଣୀ, ବିଭିନ୍ନ ଉତ୍ସବ ଓ ଜାତୀୟ ଦିବସ ଅବସରରେ ବୃକ୍ଷ ରୋପଣ, ବନମହୋତ୍ସବ ପାଳନ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପରିଚାଳନା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଓ ସମ୍ପାଦନ କରିଥାଆନ୍ତି । ନେଟଙ୍ଗା ସବୁଜ ବାହିନୀର ଏହି କାର୍ଯ୍ୟକ୍ରମକୁ ସବୁମହଲରୁ ସ୍ୱାଗତ ଏବଂ ପ୍ରଶଂସା କରାଯାଉଛି ।

# ଶାନ୍ତି ଶକ୍ତି ଭବନରେ ତ୍ରିମୂର୍ତ୍ତୀ ଶିବ ଜୟନ୍ତୀ



**ଆସିକା,୮।୩(ନି.ପ୍ର):** ତ୍ରିମୁର୍ତ୍ତୀ ଶିବ ଜୟନ୍ତୀ ଅବସରରେ ଶାନ୍ତି ଶକ୍ତି ଭବନ ତରଫରୁ ତ୍ରିମୁର୍ତ୍ତୀ ଶିବ ପରମାତ୍ମାଙ୍କ ୮୮ତମ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଆସିକା ପୌରପାଳିକାର ମେୟର ବିନେତା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିବାବେଳେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ଟିପିଏସଓଡିଏଲ ନୁଆଗାଁ ଡିଭିଜନର ଉପଖଣ୍ଡ ଅଧିକାରୀ ଜୀତେନ୍ଦ୍ର ସିଂ ଯୋଗ ଦେଇ ପରମାତ୍ମା ଶିବ ପିତାଙ୍କ ଶିବ ଧ୍ୱଜା ଉତ୍ତୋଳନ କରିବା ସହିତ ଶିବ ସନ୍ଦେଶ ଯାତ୍ରାକୁ ଉଦଘାଟନ କରିଥିଲେ । ଶାନ୍ତି ଶକ୍ତି ଭନ ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ଏହି ଅବସରରେ ସହର ବାସୀଙ୍କ ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରିଥିବା ବେଳେ ସମସ୍ତ ଅତିଥି ଶିବ ଜୟନ୍ତୀ ଅବସରରେ ସହର ବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଶାନ୍ତି ଶକ୍ତି ଭବନରୁ ଶିବ ସନ୍ଦେଶ ଯାତ୍ରା ସହର ପରିକ୍ରମା କରିଥିଲା । ଏଥିରେ ସୁସଜ୍ଜିତ ରଥରେ ଜ୍ୟୋତିରବିନ୍ଦୁ ଶିବ ପିତାଙ୍କ ଜ୍ୟୋର୍ତିଲିଙ୍ଗ ଶୋଭା ପାଉଥିଲେ । ଅପରାହ୍ନରେ ପୁଡୁଗେଶ୍ୱରଙ୍କ ପିଠରେ ପ୍ରୋଜେକ୍ଟ ଶୋ ମାଧ୍ୟମରେ ପରମାତ୍ମା ଶିବ ପିତାଙ୍କ ଅକର୍ଷଣୀୟ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା ।

# ଆଦିବାସୀ ମହିଳାଙ୍କ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ବଣାଇ,୮।୩(ନି.ପ୍ର):** ଲହୁଣୀପଡ଼ା ବ୍ଲକ ଆଦିବାସୀ ମହିଳା ବିଜୁ ଜନତା ଦଳ ତରଫରୁ ଲହୁଣୀପଡ଼ା ବ୍ଲକ ପଡିଆଠାରେ ଶୁକ୍ରବାର ଦିନ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଲହୁଣୀପଡା ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀ କିଷାନ, ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ବରିଷ୍ଠ କଳାକାର ଶୁକାଦେ ପଲେଇ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜିଲା ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ଜୟନ୍ତୀ ମାହାନ୍ତ ପରିଚୟ ପ୍ରଦାନ ଓ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଜିଲ୍ଲା ପରିଷଦ ସଦସ୍ୟା




ଜୁଲିଆନି କାଣ୍ଡିରଙ୍କର ଅଧକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଆୟୋଜନ କମିଟି ପକ୍ଷରୁ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ବେଳେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ନାରୀମାନଙ୍କର ସାମୁହିକ ବିକାଶ ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଚଳିତ କରିଛନ୍ତି । ସରକାରୀ ନିୟମ ଅନୁସାରେ ନାରୀମାନେ ଦଳ ମାଧ୍ୟମରେ ସଦବିନିଯୋଗ କରି ପାରିଲେ ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭା ଶେଷରେ ସବିତା ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରଲର ଧକ୍କାରେ ବାଇକ ଆରୋହୀ ଗୁରୁତର

**ବଣାଇ,୮।୩(ନି.ପ୍ର):** ବଣାଇ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଉପରବାହାଲ ଗ୍ରାମ ଛକ ଉପରେ ଏକ ଟ୍ରଲର ଗାଡ଼ି ବାଇକକୁ ଧକ୍କା ଦେବା ଯୋଗୁଁ ବାଇକ ଆରୋହୀ ଗୁରୁତର ହେଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ବଣାଇ ଥାନା ଅନ୍ତର୍ଗତ ଉପରପଡ଼ା ଗ୍ରାମର ଅମୂଲ୍ୟ ସାମଲ କୌଣସି କାର୍ଯ୍ୟରେ ଉପରବାହାଲ ଯାଇଥିବା ବେଳେ ଏକ ଟ୍ରଲର ତାଙ୍କୁ ଧକ୍କା ଦେବାରୁ ବାଇକ ଆରୋହୀ ଛିଟିକି ପଡ଼ି ଗୁରୁତର ଯାଇଥିଲେ। ସ୍ଥାନୀୟ ଲୋକ ପରିବାର ଲୋକଙ୍କୁ ଖବର ଦେବା ପରେ ତାଙ୍କୁ ବଣାଇ ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୂଚନା ଅନୁଯାୟୀ ୧୪୩ ନମ୍ବର ଜାତୀୟ ରାଜପଥ ରାସ୍ତା କାର୍ଯ୍ୟ ଦୀର୍ଘ ଦିନ ହେଲା ଏ ଆର ଏସ ଏସ ଠିକା ସଂସ୍ଥା କରୁଥିଲେ ମଧ କମ୍ପାନୀର ମନମୁଖୀ କାର୍ଯ୍ୟ ଯୋଗୁଁ ନିରୀହ ଲୋକେ ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଉପର ବାହାଲ ଛକକୁ ଅସମ୍ପୂର୍ଣ୍ଣ କରି ରଖିଥିବାରୁ ସେହି ସ୍ଥାନରେ ବାରମ୍ବାର ଛୋଟ ବଡ ଦୁର୍ଘଟଣା ଘଟି ଅନେକ ଲୋକ ଆହତ ହେବା ସହିତ ମୃତ୍ୟୁ ବରଣ କରୁଥିବା ଜଣା ପଡ଼ିଛି। କିଛି ଦିନ ପୂର୍ବରୁ ସେହି ସ୍ଥାନରେ ଦୁର୍ଘଟଣା ଘଟି ଦୁଇ ଜଣ ମୃତ୍ୟୁ ବରଣ କରିଥିବା ବେଳେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ କର୍ଯ୍ୟକରୁଥିବା ଠିକା ସଂସ୍ଥା ଓ ଗ୍ରାମବାସୀଙ୍କ ଦାବୀ ଗ୍ରହଣ କରି ଅତି ଶୀଘ୍ର ରାସ୍ତା କାର୍ଯ୍ୟ କରିବାକୁ ପ୍ରତିଶୃତି ଦେଇଥିଲେ ମଧ ତାକୁ ପୂରଣ ନ କରି ଅଧା ପନ୍ତରିଆ ଭାବେ ଛାଡ଼ି ଦେଇଛ। ତେଣୁ ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱରାଜ କୁମାର ଦେବତା ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଇବା ପରେ ରାସ୍ତା ଅବରୋଧ ହଟାଇ ଦିଆଗଲା।

# ଦୟା ବିହାର କଲେଜରେ ବିଶ୍ୱ ମହିଳା ଦିବସ

**କଣାସ,୮।୩ (ନିପ୍ର):** ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ଓଡିଶା ଏଡ୍ସ କଣ୍ଟ୍ରୋଲ ସୋଷାଇଟ୍ ଓ ଭାରତୀୟ ରେଡ କ୍ରସ ସୋସାଇଟ ତରଫରୁ ଦୟା ବିହାର ସ୍ନାତକ ମହାବିଦ୍ୟାଳୟ ଯୁବ ରେଡ କ୍ରସ ଓ ରେଡ ରିବନ କ୍ଲବ ଆନୁକୁଲ୍ୟରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ମହା ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର




ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ଜିଲ୍ଲା ଯୁବ ରେଡ କ୍ରସର ଆବାହକ ଡ.ସ୍ମୃତିରେଖା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାରିମାନେ ସମାଜର ମୂଳକେନ୍ଦ୍ର। ସବୁ ତ୍ରେତ୍ରେରେ ସେମାନଙ୍କ ଆବଶ୍ୟକତା ରହିଛି ଓ ସେମାନଙ୍କ ସହ୍ଯୋଗ ବିନା କୌଣସି ବି କାର୍ଯ୍ୟ ସଫଳ ହୋଇପାରିବନି। ନାରୀର ପ୍ରଗତି ହିଁ ଦେଶ ଓ ଜାତିର ପ୍ରଗତି। ନାରିମାନଙ୍କୁ ଅବହେଳୀତ ନକରି ସେମାନଙ୍କୁ ଆଗକୁ ଆସିବାକୁ ନିରନ୍ତର ଉଦ୍ୟମ ରହିବା ଦରକାର। ସେମାନେ ଆଜି ବିଶ୍ୱରେ ନିଜକୁ ପୁରୁଷମାନଙ୍କ ଠାରୁ ବି କୌଣସି ଗୁଣରେ କମନୁହଁ ବୋଲି ପ୍ରମାଣୀତ କରିସାରିଛନ୍ତି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବୈଜ୍ଞାନିକ, ପାଇଲଟ, କବି, ସାମ୍ବାଦିକ, ସୈନିକ, ଶିକ୍ଷକ, କ୍ରିଡାବିତ, ରାଜନେତା ସମାଜସେବୀକା ଭାବରେ କାର୍ଯ୍ୟକରି ବିଶ୍ୱରେ ପ୍ରଶଂସିତ ହୋଇପାରିଛନ୍ତି । ତେଣୁ ନାରୀମାନଙ୍କୁ ଆଗକୁ ବଢାଇନେବାରେ ସହ ଯୋଗ ଓ ସୁସ୍ଥ ମାନସିକତା ରଖୀବା କୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅଧାପକ ଅଜୟ କୁମାର ମହାପାତ୍ର, ମନୋଜ କୁମାର ମିଶ୍ର, ଅଧାପିକା ମୈତ୍ରୀ ମିଶ୍ର, ସୁପ୍ରଭା ଷଡଙ୍ଗି, ଦେବଶ୍ରୀ ମଲ୍ଲିକ, ତପସ୍ୱିନୀ ମାନସିଂହ ପ୍ରମୁଖ ଯୋଗ ଦେଇ ରାଷ୍ଟ୍ର ଗଠନରେ ନାରୀର ଭୂମିକା ଅତୁଳନୀୟ ଓ ସବୁ କ୍ଷେତ୍ରରେ ନାରୀମାନଙ୍କୁ ସାମିଲ କଲେ ବିଶ୍ୱର ପ୍ରଗତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ଯୁବରେଡ କ୍ରସ ଅଧିକାରୀ ରବିନ୍ଦ୍ର କୁମାର ସାହୁ ସଂଯୋଜନା କରିଥିବା ବେଳେ ଅଧାପକ ମାନସ ରନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଶୈବପୀଠରେ ଭକ୍ତି ସହିତ ଜାଗର ଯାତ୍ରା ପାଳିତ

**ବୁଗୁଡ଼ା,୮।୩(ନି.ପ୍ର):** ମହାଶିବରାତ୍ରୀ ଉପଲକ୍ଷେ ବୁଗୁଡା ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧା ଓ ଭକ୍ତିର ସହ ଜାଗର ଯାତ୍ରା ପାଳିତ ହୋଇଯାଇଛି । ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲସ୍ଥିତ ଜଗଦୀଶ୍ୱର, ଗଙ୍ଗାଧରେଶ୍ୱର , ମକରେଶ୍ୱର, ବୁଦ୍ଧେଶ୍ୱର ଓ ସିଦ୍ଧେଶ୍ୱର ଆଦି ପଞ୍ଚ ଶମ୍ଭୁ ସମେତ କୈଳାସନଗରସ୍ଥ କୁବେରେଶ୍ୱର, ଭାମଶିଆଳିର ଗୁପ୍ତେଶ୍ୱର ଓ ଆମ୍ବିଳିଝରସ୍ଥ ଲୋକନାଥ ମନ୍ଦିର, ହରଶରଣପୁରସ୍ଥ ମୁକ୍ତେଶ୍ୱର ଓ ବୀରଧନଞ୍ଜୟପୁରସ୍ଥ ବାଲୁଙ୍କେଶ୍ୱର ମନ୍ଦିର, ଗୋଲାମୁଣ୍ଡୁଳାର ଲୋକନାଥେଶ୍ୱର, ଉଦୟପୁର ଗ୍ରାମର କପିଳେଶ୍ୱର, ବୁଗୁଡ଼ାର ସୋମନାଥ, ବାଲୁଙ୍କେଶ୍ୱର ଓ କାଶୀ ବିଶ୍ୱନାଥ, ଗୋଳିଆର ଲଙ୍କେଶ୍ୱର, ବାଲିପଦରସ୍ଥିତ ନୀଳକଣ୍ଠେଶ୍ୱର, ମାଣିତରାର କପିଳେଶ୍ୱର, ମାଣିକ୍ୟପୁର ଗ୍ରାମର ସିଦ୍ଧେଶ୍ୱର, ତାଳସାକର ଗ୍ରାମସ୍ଥ ସତ୍ତେଶ୍ୱର, ମକରାପଲ୍ଲୀର ରାମେଶ୍ୱର, ମୁକୁନ୍ଦପୁର ଗ୍ରାମସ୍ଥ କପିଳେଶ୍ୱର ସ୍ୱାମୀ, ଡେଙ୍ଗାବାଡିର ଭୋଳେଶ୍ୱର, ପାଣିକେଶର ଗ୍ରାମର କପିଳେଶ୍ୱର, ଭଗବାନପୁର ଗ୍ରାମର ବାଲୁଙ୍କେଶ୍ୱର, ଭୋଗଡାର ଉମାଶଙ୍କର, ବେତାରସିଂର ସପ୍ତେଶ୍ୱର ସ୍ୱାମୀ, ଗୋଳାବନ୍ଧର ଲୋକନାଥ ସ୍ୱାମୀ, ସୋଲଣ୍ଡିର ଭୁବନେଶ୍ୱର, ଖୋଲଖାଲିର ଗଙ୍ଗାଧର ସ୍ୱାମୀ, ଚକରାପଲ୍ଲୀର ଗଙ୍ଗାଧର ସ୍ୱାମୀ, ଏ.କରଡ଼ାବାଡ଼ିର ନୀଳକଣ୍ଠେଶ୍ୱର, ବକ୍ସିପଲ୍ଲୀର ବିଶ୍ୱେଶ୍ୱର, ସୋରଡର ବାଲୁଙ୍କେଶ୍ୱର, ଅରଖପୁରସ୍ଥ ତାଡେଶ୍ୱର, ଅନ୍ତରପଡାର ରାମେଶ୍ୱର, ସଦାଶିବପୁର ଗ୍ରାମସ୍ଥ ନୀଳକଣ୍ଠେଶ୍ୱର, ବେଠିଆବୋରଦାର ଲୋକନାଥେଶ୍ୱର, କାନସୁକାର ରାମେଶ୍ୱର, ଗୌଡିଆବୋରଦାର ଲଙ୍ଗଳେଶ୍ୱର ଓ ଚରଣ କପିଳେଶ୍ୱର, ଗାନ୍ଧିନଗର ଗାଁର ନୀଳକଣ୍ଠେଶ୍ୱର, ଡାକରଡାର ଚନ୍ଦ୍ର କନ୍ଦେଶ୍ୱର, କଞ୍ଚୁରୁର ରାମେଶ୍ୱର, ମାଣିବନ୍ଧ ଗାଁର ଜୁମ୍ଭେଶ୍ୱର, ପ୍ରତାପ ଧନଞ୍ଜୟପୁରସ୍ଥ ସକଳେଶ୍ୱର, ବେଲପଡ଼ାର ବାବା ବିଶ୍ୱେଶ୍ୱର, କାଦପଡାର ଭୁବନେଶ୍ୱର ସ୍ୱାମୀ, ରାମଗଡର ମୁକ୍ତେଶ୍ୱର, ପୋଚାଲୁଣ୍ଡିର ଚନ୍ଦନେଶ୍ୱର, ପଙ୍କଲବାଡି ଓ ପାଙ୍ଗିଡ଼ି ଗ୍ରାମର ସପ୍ତେଶ୍ୱର, କୁଶପଲ୍ଲୀର ଐଶନେଶ୍ୱର, କୁଆଁନଳାର ଭୁକ୍ତେଶ୍ୱର ମନ୍ଦିର ସାଙ୍ଗକୁ ଅଞ୍ଚଳର ଅନ୍ୟାନ୍ୟ ଶିବ ମନ୍ଦିରରେ ଭକ୍ତିର ସହିତ କାଗର ଯାତ୍ରା ପାଳିତ ହୋଇଯାଇଥିବା ବେଳେ ଅଧିକାଂଶ ଶୈବପୀଠରେ ଭକ୍ତମାନଙ୍କ ଉଜାଗର ନିମିତ୍ତ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ, ଭଜନ ସମାରୋହ ଓ ରାମାୟଣ ନାଟକ ଆଦି ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ମହାଜାକଜମକରେ ଆନନ୍ଦ ଉଲ୍ଲାସର ସହ ଏହାକୁ ପାଳନ କରାଯାଇ ଥିବାରୁ ପ୍ରତ୍ୟେକ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା ।

# ପଲସର୍ ଦୁର୍ଘଟଣା, ଜଣେ ମୃତ

**ପୁରୁଷୋତ୍ତମପୁର,୮।୩(ନି.ପ୍ର):** ଏନ୍ଏସି ଅଞ୍ଚଳ ନିକଟସ୍ଥ ରାଜଦୀପ ଢ଼ାବା ନିକଟରେ କଳା ପଲସରରେ ଚାରିଜଣ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟି ଜଣକର ସ୍ପଟ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତରଙ୍କୁ ପୁରୁଷୋତ୍ତମପୁର ମେଡିକାଲର ୧୦୮ଗାଡି ସାହାଯ୍ୟରେ ପୁରୁଷୋତ୍ତମପୁର ମେଡିକାଲ ଭର୍ତି କରାଯାଇ ଚିକିତ୍ସା କରାଯାଇଛି । ଘଟଣା ସ୍ଥଳରେ ପୋଲିସ ପହଁଞ୍ଚି ଶବ ସହିତ ପଲସରକୁ ଜବତ କରିଥିବା ଜଣାପଡିଚି । ସମସ୍ତଙ୍କ ଘର ପୁରୁଷୋତ୍ତମପୁର ଏନଏସି ଅଞ୍ଚଳର କାଲୁଆ ପଦର ବାଉରୀ ସାହିର ବୋଲି ଜଣାପଡିଚି। ଗୁରୁତର ରବି ଦାସ, ଜୀବନ ଦାସ ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ୧୦୮ରେ ବ୍ରହ୍ମପୁର ରେଫରୀ କରାଯାଇଛି । ମୃତ୍ୟୁ ଶିବୁ ଦାସ ବୟଷ ୨୦, ଗୁରୁତ୍ୱର ରବି ଦାସ ବୟଷ ୨୫ ଜୀବନ ଦାସ ବୟସ ୧୮ ଗୁରୁତର ଉଭୟେଙ୍କୁ ବ୍ରହ୍ମପୁର ରେଫରୀ କରାଯାଇଛି । ପୋଲିସ ତଦନ୍ତ ପରେ ପ୍ରକୃତ ଦୁର୍ଘଟଣାର ଘଟଣା ଜଣା ପଡିବ ।

# ଜଟଣୀର ବିଭିନ୍ନ ସ୍ଥାନରେ ମହାଶିବରାତ୍ରି

**ଜଟଣୀ,୮।୩(ନି.ପ୍ର):** ଜଟଣୀ ଅଞ୍ଚଳର ବିଭିନ୍ନ ଶିବ ମନ୍ଦିରରେ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଲାଗିଛି । ଜଟଣୀ ବ୍ଲକ ବୁଢାପଡା ସୋମନାଥ ମନ୍ଦିର, ପଞ୍ଚୁପଲ୍ଲୀର ନୀଳକଣ୍ଠେଶ୍ୱର ମନ୍ଦିର, ମୁଣ୍ଡଳ ମଣି କର୍ଣ୍ଣକେଶ୍ୱର ମନ୍ଦିର, ଜାମୁକୋଳି ତ୍ରିନାଥ ମନ୍ଦିର, ଜଟଣୀ ନାଗେଶ୍ୱର ମନ୍ଦିର ଇତ୍ୟାଦି ପ୍ରମୁଖ ସ୍ଥାନରେ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଦେଖିବାକୁ ମିଳିଛି । ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଭିଡ଼ ନିୟନ୍ତ୍ରଣ କରିବାକୁ ମଧ ବ୍ୟବସ୍ଥା ହୋଇଛି । ଜଟଣୀ ଉପକଣ୍ଠ ପଶ୍ଚିମେଶ୍ୱର ମନ୍ଦିରର ପୂଜକଙ୍କ କହିବା ମୁତାବକ, ପୌରାଣିକ କିମ୍ବଦନ୍ତି ଅନୁଯାୟୀ ସମୁଦ୍ର ମନ୍ଥନରେ ବାହାରିଥିବା ହଳାହଳ ବିଷକୁ ଆଜି ମହାଦେବ ପାନ କରି ଶୋଇ ରହିଥିଲେ। ସମସ୍ତ ଦେବତା ମାନେ ମହାଦେବଙ୍କୁ ଜଗି ରହିଥିଲେ । ଏହି କିମ୍ବଦନ୍ତିକୁ ଆଧାର କରି ଲୋକେ ଜାଗର ପାଳନ କରି ଆସୁଛନ୍ତି ।

# କଣାସରେ ଜାଗର ଯାତ୍ରା ପାଳିତ

**କଣାସ,୮।୩(ନି.ପ୍ର):** କଣାସ ବ୍ଲକରେ ବିଭୀନ୍ନ ଗ୍ରାମର ଶୈବପୀଠମାନଙ୍କରେ ମାହାଶିବରାତ୍ରୀ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ରାତ୍ର ବାରଟାରେ ମନ୍ଦିରରେ ମହାଦୀପ ଉଠିଥିଲା। ଶ୍ରଦ୍ଧାଳୁ ଓ ଉପାସକମାନେ ଦିନସାରା ମନ୍ଦିରରେ ଭିଡ ଲାଗାଇ ପୁଜାର୍ଚ୍ଚନା ସହ ଜାଗର ଯାତ୍ରା ପାଳନ କରିଥିଲେ । ଶ୍ରିମକୁନ୍ଦପୁର ଗଡ଼ଗ୍ରାମର ପ୍ରସିଦ୍ଧ ଠାକୁର ଇସାନେଶ୍ୱର ଦେବ, ଜଙ୍କିଆର, ବାସୁଦେବପୁର ଓ ବେଣାଗାଁ ର କପିଳେଶ୍ୱର ଦେବ. ନନ୍ଦିଗୋଦାର ନିଳକଣ୍ଠେଶ୍ୱର ଦେବ, ମାଳିସାହିର କୁମୁଦେଶ୍ୱର ଦେବ, ବାରିମଣ୍ଡଳର ଗତିଶ୍ୱର ଦେବ, ଗଡସାହିର ଧବଳେଶ୍ୱରଦେବ, ପାହିଲୁଣ୍ଡିର ବାଣେଶ୍ୱର ଦେବ, ଗଡିଶାଗୋଦାର ହଟକେଶ୍ୱର ଦେବ, ଗୋଲରା ଓ ବିଜିପୁର ବାଙ୍କେଶ୍ୱର ଦେବ, ଗୋଲରା ଓ ବାଲୁଙ୍କେଶ୍ୱର ଦେବ, ଖୁଣ୍ଟିଆବାଣପୁର ବିଶୁନିଶ୍ୱର ଦେବ, ବୈଦନାଥପାଟଣାର ବୈଦନାଥଦେବ, କାଳୀଘଡିର ତ୍ରୈମ୍ବ୍ୟକଶ୍ୱରଦେବ, ଚୁପୁରିଙ୍ଗିର ଗ୍ରାମେଶ୍ୱର ଦେବଙ୍କ ସମସ୍ତ ଶୈବପିଠରେ ଜାଗରଯାତ୍ରା ପାଳିତ ହୋଇ ମହାଦୀପ ଉଠୀଥିଲା। ଜାଗର ଉପଲକ୍ଷେ ଭଜନ, ପାଲା, ପ୍ରବଚନ ଓ ଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଗାଡ଼ି ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

**ଧରାକୋଟ,୮।୩(ନି.ପ୍ର):** ଧରାକୋଟ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୯ରକୁସରାବ ଛକରେ ଅପରାହ୍ନ ତିନିଟା ସମୟରେ ଧରାକୋଟରୁ ଆସିକା ଅଭିମୁଖେ ଯାଉଥିବା ବୋଲେରୋ ଗାଡି ଜଣେ ସାଇକେଲ ଆରୋହୀ ଫେରିବାଲାକୁ ଧକା ଦେବାଯୋଗୁଁ ଏଥିରେ ଦୁଇଜଣ ଗୁରୁତର ଆହତ ହେବାରୁ ସେମାନଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ମେଡିକାଲରେ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁରର ଶେଖ ମିରଜଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ବୋଲେରୋ ଗାଡ଼ିରେ ବସିଥିବା ଗାଡ଼ି ମାଲିକ ଯୋଗେନ୍ଦ୍ର ସେଠୀ ଗୁରୁତର ଅବସ୍ଥାରେ ଚିକିତ୍ସାଧିନ ଅଛନ୍ତି । ଘଟଣା ସ୍ଥଳରେ ଧରାକୋଟ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଛି ଏବଂ ଅନୁସନ୍ଧାନ ଚଳାଇଛି ।

# ଶିବ ପଞ୍ଚାକ୍ଷର ମନ୍ତ୍ରରେ ଶୈବପୀଠ ପ୍ରକମ୍ପିତ

# ଜାଗର ଯାତ୍ରାରେ ନିମଗ୍ନ ଭକ୍ତ, ରାତି ୧୨ଟାରେ ଉଠିଲା ମହାଦୀପ

**ହିଞ୍ଜିଳିକାଟୁ,୮।୩(ନି.ପ୍ର):** ହିଞ୍ଜିଳିକାଟୁ ପୌରାଞ୍ଚଳ ସମେତ ସ୍ଥାନୀୟ ବ୍ଲକର ବିଭିନ୍ନ ଗ୍ରାମରେ ପୂଜିତ ଶୈବପୀଠ ସ୍ଥଳୀରେ ଶନିବାର ପ୍ରାତଃରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସମାଗମ ଯୋଗୁଁ ଅସମ୍ଭବ ଭିଡ ପରିଲକ୍ଷିତ ହୋଇଛି । ହିଞ୍ଜିଳିକାଟୁ ପୌରାଞ୍ଚଳ ଲକ୍ଷ୍ମୀ ବଜାର ସ୍ଥିତ ଚନ୍ଦ୍ରକନ୍ଦେଶ୍ୱର, ଆଙ୍କୋରଡାର କପିଳେଶ୍ୱର, ହିଞ୍ଜିଳିର ସପ୍ତେଶ୍ୱର, ନୂଆଁଗଡ଼ର ବାଲୁଙ୍କେଶ୍ୱର, ବଇଁଚବଣିଆ ପାବନ ଶ୍ରୀକ୍ଷେତ୍ର ମନ୍ଦିର ପରିସରସ୍ଥ ପଶ୍ଚିମାଭିମୁଖୀ କାଶିବିଶ୍ୱନାଥ, ହିଞ୍ଜିଳିକାଟୁ ବ୍ଲକ ନୂଆଁବୁରୁପଡ଼ା ଶ୍ୟାମଳାଇ ସ୍ଥିତ ମୁଦୁକେଶ୍ୱର, ଅନ୍ତରିଗାଁ ସ୍ଥିତ ଗୁପ୍ତେଶ୍ୱର, ଆଡପଡା ଇଶାଣେଶ୍ୱର, ବେଲଗାଁ ବେଲେଶ୍ୱର, ପୋଚିଲିମା ବାଲୁଙ୍କେଶ୍ୱର, ଦୁର୍ବନ୍ଧ ସ୍ୱପ୍ନେଶ୍ୱର, କଣ୍ଟେଇକୋଳି ରାମେଶ୍ୱର, ବଡଖଣ୍ଡି ଚନ୍ଦ୍ରକନ୍ଦେଶ୍ୱର, ମକରଝୋଳ ରାମେଶ୍ୱର, ଗୋଦରାପଲ୍ଲୀ ଗୋକର୍ଣ୍ଣେଶ୍ୱର, ଖଣ୍ଡରା ସ୍ଥିତ ବାଲୁଙ୍କେଶ୍ୱର ଓ ଚାହୁଲି ସ୍ଥିତ ଲଡୁକେଶ୍ୱର ସମେତ ନିକଟବର୍ତ୍ତୀ ଅଞ୍ଚଳର ଶୈବପୀଠ ଗୁଡିକରେ ଜାଗରଯାତ୍ରା ପାଇଁ ପ୍ରାତଃରୁ ମାର୍ଜଣା, ଚଇପତଲାଗି, ମଇଲମ, ସୂର୍ଯ୍ୟପୂଜା, ମଙ୍ଗଳ ଆଳତି ସହ ସମସ୍ତ ଦେବନୀତି ସମ୍ପନ୍ନ ପରେ ଦେବ ଦେବ ମହାଦେବଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା ସକାଶେ ଭକ୍ତ ଓ ଶ୍ରଦ୍ଧାଳୁ, ଦର୍ଶନାର୍ଥିଙ୍କୁ ମନ୍ଦିର ଭିତରକୁ ପ୍ରବେଶ ସକାଶେ ଅନୁମତି ଦିଆଯାଇଥିଲା । ସମସ୍ତ ଶୈବପୀଠ ଗୁଡିକର ପାରିପାର୍ଶ୍ୱକୁ ମନଲୋଭା ରଙ୍ଗରେ ରଙ୍ଗୀନ କରାଯିବା ସହ ରଙ୍ଗ ବେରଙ୍ଗ ବାନା ଓ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା । ମହାଦେବଙ୍କ ଦର୍ଶନ ଓ କୃପଭିକ୍ଷା ସକାଶେ ମହିଳା ଓ ପୁରୁଷ ଭକ୍ତ ମାନଙ୍କୁ ଲମ୍ବା ଧାଡ଼ିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିବାର ଦେଖିବାକୁ ମିଳିଥିଲା । ସନ୍ଧ୍ୟା ସମୟରେ ଭକ୍ତ ମାନେ ଶୈବପୀଠ ପରିସରରେ ଦୀପଦାନ ସହ ଆସ୍ଥାନ ଜମାଇଥିଲେ । ଭକ୍ତଙ୍କ ହୁଳହୁଳି, ବାଦ୍ୟବାଜଣା ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା । ସନ୍ଧ୍ୟା ୬ଟା ୧୫ମିରେ ପ୍ରଥମ ପ୍ରହର, ରାତି ୯ଟା ୧୫ରେ ଦ୍ୱିତୀୟ ପ୍ରହର ପରେ ରାତ୍ର ପ୍ରାୟ ସାଢେ ୧୧ ଟାରେ ହରଗୌରୀଙ୍କୁ ପାଲିଙ୍କିରେ ବିଜେ କରି ୩ ବେଢା ମନ୍ଦିର ପରିଭ୍ରମଣ ପରେ ମହାଦୀପକୁ ମନ୍ଦିର ଚୂଡ଼ାରେ ସ୍ଥାପନ କରାଯାଇଥିଲା । ଭକ୍ତଙ୍କ ଜାଗର ପାଳନ ଏବଂ ମନୋରଞ୍ଜନ ସକାଶେ ବିଭିନ୍ନ ଶୈବପୀଠ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶାନ୍ତିଶୃଙ୍ଖଳା ସକାଶେ ମନ୍ଦିର ପ୍ରଶାସନ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ହିଞ୍ଜିଳିପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଥାନା ଆଇଆଇସି ଶ୍ରୀନିବାସ ସେଠୀଙ୍କ ତତ୍ତ୍ୱାବଧାନରେ ସାଦା ପୋଷାକଧାରୀ ପୁଲିସ କର୍ମଚାରୀ ମାନେ ଶୈବପୀଠ ନିକଟରେ ମୃତୟନ ରହି ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ କଡା ନଜର ରଖିଥିଲେ । ଅନୁରୂପ ଭାବେ ସ୍ଥାନୀୟ ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଅଞ୍ଚଳ ଦାରୁଭଦ୍ରା, ଦୁର୍ବନ୍ଧ, ଗୋଦରାପଲ୍ଲୀ, ସିକିରି, ରାଳବ, ନନ୍ଦିକ, ଧୋବାଡ଼ି, ଚାହୁଲି, ବିଷୋୟୀ ନୂଆଁପଲ୍ଲୀ ଏବଂ ରାଜେନ୍ଦ୍ରପୁର ପ୍ରଭୃତି ଶୈବପୀଠ ଗୁଡିକରେ ଏକ ଭବ୍ୟ ଓ ଆଧାତ୍ମିକ ପରିବେଶରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ନିଷ୍ଠାର ସହ ଜାଗରଯାତ୍ରା ପାଳନ କରିଥିବା ଦେଖାଯାଇଛି ।



# ଶାନ୍ତିସ୍ରୋତ ଭବନରେ ମହାଶିବରାତ୍ରି ପାଳନ

**ଭଞ୍ଜନଗର,୮।୩(ନି.ପ୍ର):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଭଞ୍ଜନଗର ଶାଖା ତରଫରୁ ଶାନ୍ତି ସ୍ରୋତ ଭବନଠାରେ ମହାଆଡମ୍ବରରେ ମହାଶିବରାତ୍ରି ପାଳନ କରାଯାଇଅଛି । ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶିବ ଧ୍ୱଜା ଉତ୍ତୋଳନ କରାଗଲା । ତ୍ରିଦିବସୀୟ ମେଳା ନିମନ୍ତେ ଆୟୋଜିତ ବିଭିନ୍ନ ପ୍ରଦର୍ଶିତ ଷ୍ଟଲକୁ ଅର୍ଥମନ୍ତ୍ରୀ ଶ୍ରୀ ଆରୁଖ ବୁଲି କି ଦର୍ଶନ କରିବା ସହିତ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରି ଉତ୍ତରୋତ୍ତର ଉନ୍ନତି କାମନା କଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଏନ୍ଏସି ନଗରପାଳ ଗୋପବନ୍ଧୁ ମହାପାତ୍ର, ସମାଜସେବୀ ଶୂଳପାଣି ଶତପଥୀ ମଧ୍ୟ ଉପସ୍ଥିତ ଥିଲେ । ପରିଶେଷରେ ରାଜଯୋଗିନୀ



ବ୍ରହ୍ମାକୁମାରୀ ସନ୍ତୋଷିନୀ ଭଉଣୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଭାଇଭଉଣୀ ଉପସ୍ଥିତ ରହି ଉକ୍ତ ଉତ୍ସବର ପାଳନ କରିଥିଲେ ।


NOTIFIED AREA COUNCIL
BELLAGUNTHA-761119(GANJAM)
Phone No06821-258244
SriSamanta Biswambhar Mohapatra (ORS)
Executive Officer

ବିଜ୍ଞାପିତ ଅଞ୍ଚଳ ପରିଷଦ
ବେଲଗୁଣ୍ଠା– ୭୬୧୧୧୯ (ଗଞ୍ଜାମ)
ଦୂରଭାଷ:୦୬୮୨୧–୨୫୮୨୪୪
ଶ୍ରୀ ସାମନ୍ତ ବିଶ୍ୱମ୍ଭରମହାପାତ୍ର(ଓ.ରା.ସେ)
କାର୍ଯ୍ୟନିର୍ବାହୀ ଅଧିକାରୀ

C- 3264

E-Mail ID : eonacbellaguntha@gmail.com

Tender call Notice No- 423 // Date.-01.03.2024

Bid documents consisting of plans, Specifications, the schedule of quantities and the set of terms and conditions of contract and other necessary documents can be seen in Office of the Notified Area Council, Bellaguntha.
1. Name of the work: Civil works as mentioned.
2. No. of Works: 25 Nos.
3. Bid value: Rs 1.90 lakhs To 1.99 Lakhs
4. Period of completion upto 15 days.
5. Date and time of availability of the bid documents: 01.03.2024 at 11 A.M. to 11.00 AM. of Date. 15.03.2024.
6. Last date of / Time for dropping bids on Tender box: 15.03.2024 up to 01.00 PM
7. Bids received on line shall be opened on 15.03.2024 at 03.00 PM
8. Name and Address of the officer inviting Bid: Executive Officer, N.A.C., Bellaguntha.
Further details can be received help desk/work section of the office.

Sd/-
Executive Officer
NAC , Bellaguntha

OIPR: 13113/11/0047/2324

# ଶ୍ରୀ ଲକ୍ଷ୍ମୀ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ ଛାତ୍ର ବୃତ୍ତି ବିତରଣ ଉତ୍ସବ




କେନ୍ଦ୍ରାପଡ଼ା,୮।୩(ନି.ପ୍ର.): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଜାଗୁଲାଇପଡା ଠାରେ ଥିବା ଶ୍ରୀ ଲକ୍ଷ୍ମୀ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ନୂଆ-ଓ ଛାତ୍ର ବୃତ୍ତି ପ୍ରଦାନ ମେଳା ଅନୁଷ୍ଠିତ ହେଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଡେରାବିଶ ଅଞ୍ଚଳର ଜଣାଶୁଣା ଶିକ୍ଷାବିତ ତଥା ଅବସରପ୍ରାପ୍ତ ଶିକ୍ଷକ ଚୈତନ୍ୟ ପ୍ରସାଦ ପରିଡ଼ା,ମୁଖ୍ୟ ବକ୍ତା ଭାବେ ଡେରାବିଶ ଅଞ୍ଚଳର ସମାଜସେବୀ ଶ୍ରୀମନ୍ତ ରାଉତରାୟ,ସମ୍ମାନିତ ଅତିଥି ଭାବେ ୧୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠି ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ । ଅଧ୍ୟକ୍ଷ ଶ୍ରୀ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଜଗବନ୍ଧୁ ପ୍ରଧାନ, ଗୁଣନିଧି ମହାରଣା,ପ୍ରଶାନ୍ତ କୁମାର ଦାସ, ନୂଆ-ଓ ସ୍କଲାରସିପ ନୋଡାଲ ଅଧିକାରିଣୀ ଅଧ୍ୟାପିକା ମମତା ସାମଲ, ଅଧ୍ୟାପିକା ଅନିତା ନାୟକ ଓ ଅଣଶିକ୍ଷକ କର୍ମଚାରୀ ବାଙ୍କବିହାରୀ ସାହୁ, ଅମୂଲ୍ୟ ପ୍ରସାଦ ସିଂହ, ଦାମୋଦର ଜେନା ଏବଂ ମହାବିଦ୍ୟାଳୟ ର ଅବସରପ୍ରାପ୍ତ କର୍ମଚାରୀ ବିପନ ବିହାରୀ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ! ଅଧ୍ୟାପକ ରଶ୍ମିରଞ୍ଜନ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟର ୯୦ ଜଣ ସ୍ନାତକ ଛାତ୍ର ଛାତ୍ରୀଙ୍କୁ ନୂଆ-ଓ ମାନ ପତ୍ର ବଣ୍ଟନ କରାଯାଇଥିଲା । ସ୍ନାତକ ପଢୁଥିବା ଛାତ୍ରଙ୍କୁ ୯ ହଜାର ଓ ଛାତ୍ରୀଙ୍କୁ ୧୦ ହଜାର ଏବଂ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଙ୍କୁ ୧୧ ହଜାର ଓ ଛାତ୍ରଙ୍କୁ ୧୦ ହଜାର ସିଧା ସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଛି । ଏହି ଛାତ୍ର ବୃତ୍ତି ଦ୍ୱାରା ଛାତ୍ର ଛାତ୍ରୀଙ୍କୁ ଆର୍ଥିକ ସମସ୍ୟା ସମାଧାନ ମଧ୍ୟ ହେଇପାରିବେ !

# ଜାଗର ଯାତ୍ରାକୁ ନେଇ ଧୂଆଁଳ ଓ କୋତରୀ ମଧ୍ୟରେ ସଙ୍ଘର୍ଷ: ୯ ଗୁରୁତର

ବାଲୁଗାଁ ୮।୩(ନି.ପ୍ର.) :ବାଲୁଗାଁ ଥାନା ଅନ୍ତର୍ଗତ କୋତରି ମୌଜାରେ ଅବସ୍ଥିତ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ଜାଗର ଯାତ୍ରା ଅବସରରେ କୋତରି ଓ ଧୂଆଁଳ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ଏଥିରେ ଅନେକ ଗୁରୁତର ହୋଇଛନ୍ତି। ବାଲୁଗାଁ ପୁଲିସର ତୁରନ୍ତ ହସ୍ତକ୍ଷେପ ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣ ହୋଇଛି । ଘଟଣାରୁ ପ୍ରକାଶ ଯେ କୋତରି ଗ୍ରାମର ମୌଜାରେ ଶ୍ରୀଶ୍ରୀ ଧବଳେଶ୍ୱରଙ୍କ ମନ୍ଦିର ଥିବା ବେଳେ ପ୍ରତ୍ୟେକ ପର୍ବପର୍ବାଣୀ କୋତରି ଓ ଧୂଆଁଳ ଗ୍ରାମବାସୀ ମିଳିତ ଭାବରେ କରିଥାନ୍ତି । ଏହି ମନ୍ଦିରର ପରିଚାଳନା ପାଇଁ ୧୨ଟି ଗ୍ରାମର ସଭ୍ୟ କମିଟିର ମେମ୍ବର ଥିବା ବେଳେ ଏହି କମିଟିର ସଭାପତି ରୂପେ ସୁକାନ୍ତ ବିଶ୍ୱାଳ ଦାୟିତ୍ୱରେ ଅଛନ୍ତି । ଧବଳେଶ୍ୱରଙ୍କ ପୀଠରେ ଗତ ମାସରେ ବିଶ୍ୱ ଶାନ୍ତି ମହାଯଜ୍ଞ କରିବା ପାଇଁ ପ୍ରଥମେ ବିବାଦ ଉପୁଜିଥିଲା । ପରେ ଘଟଣାଟି ଉଗ୍ରରୂପ ହେବାର ଖବର ପାଇ ଚିଲିକା ତହସିଲଦାର ଓ ବାଲୁଗାଁ ଥାନା ପକ୍ଷରୁ କୋତରି ଓ ଧୂଆଁଳ ଗ୍ରାମ କମିଟିର ସଭ୍ୟ ମାନଙ୍କୁ ଡକାଇ ଉଭୟ ପକ୍ଷରୁ ମିଳିତ ଭାବରେ ଯଜ୍ଞ କରିବାକୁ ସିଦ୍ଧାନ୍ତ ହୋଇଥିଲା ।ଯାହା ଫଳରେ ଗତ ଫେବୃଆରୀ ମାସ ୧୯ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ତେବେ କୋତରୀ ଗ୍ରାମ ବାସୀ ପକ୍ଷରୁ ଜାଗରଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ଚାଲିଥିବା ବେଳେ ଧୂଆଁଳ ଗ୍ରାମ ପକ୍ଷରୁ ଜାଗର ଯାତ୍ରା କରିବା ପାଇଁ ଦାବି କରାଯାଇଥିଲା । ଏଥିରେ କୋତରି ଗ୍ରାମବାସୀ ମନା କରିବା ପରେ ଅଶାନ୍ତି ସୃଷ୍ଟି ହୋଇଥିଲା ଗତ ଦୁଇଦିନ ତଳେ କୋତରି ଗ୍ରାମବାସୀ ଛାମୁଣ୍ଡିଆ କରିବା ପାଇଁ ଆସିଥିବା ବେଳେ ଧୂଆଁଳ ଗ୍ରାମବାସୀ ଏହାକୁ ପ୍ରତିବାଦ କରିଥିଲେ। ପୁନଶ୍ଚ ଘଟଣାଟି ଥାନାର ଦୃଷ୍ଟି ଗୋଚର ହେବାରେ ଆଇଆଇସି ଜୟ ପ୍ରକାଶ ପରିଡା ଉଭୟ ଗ୍ରାମବାସୀଙ୍କୁ ଡକାଇ ସମାଧାନ କରିଥିଲେ ।ଆଜି ମଧ୍ୟାହ୍ନରେ ଯାତ୍ରା କରିବା ପାଇଁ ଅନୁମତି ପାଇଁ କୋତରି ଗ୍ରାମବାସୀ ଥାନାକୁ ଆସିଥିଲେ। ମାତ୍ର ଏହି ଅନୁମତି କେବଳ ଉପଜିଲ୍ଲାପାଳ ଦେଇ ପାରିବେ ବୋଲି ଆଇଆଇସି ଶ୍ରୀ ପରିଡା ଜଣାଇବା ସହିତ ଅପେରା ପାଇଁ ମନା କରି ଦେଇଥିଲେ । କୋତରି ଗ୍ରାମବାସୀ ମାନେ ଧବଳେଶ୍ୱର ମନ୍ଦିର ନିକଟରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା ପାଇଁ ଆଗେଇ ଆସିଥିବା ବେଳେ ଧୂଆଁଳ ଗ୍ରାମବାସୀ ମାନେ ପ୍ରତିବାଦ କରିବାରୁ ଉଭୟ ପକ୍ଷରୁ ବଚସା ହେବା ପରେ ଠେଙ୍ଗା ଓ କାଠ ଫାଳିଆ ମାଡ଼ ଆରମ୍ଭ ହୋଇଥିଲା । ଉଭୟ ପକ୍ଷରୁ ଅନେକ ଆହତ ହୋଇଥିବା ବେଳେ ତନ୍ମଧ୍ୟରୁ ୯ ଜଣ ଗୁରୁତର ହୋଇଛନ୍ତି। କୋତରି ଗ୍ରାମର ଲକ୍ଷ୍ମୀଧର ପ୍ରଧାନ , ଫକିର ସେନାପତି ,ଗତିକୃଷ୍ଣ ବିଶ୍ୱାଳ , ପଞ୍ଚାନନ ମଲ୍ଲିକ ଓ ଧୂଆଁଳ ଗ୍ରାମର ବିନାୟକ ରଣା ,ବିଦେଶୀ ରଣା , ହରମୋହନ ରଣା ,ଲକ୍ଷ୍ମୀଧର ଜେନା ଓ କୈଳାସ ସେଠୀ ଗୁରୁତର ଆହତ ହୋଇଥିବା ବେଳେ ସଙ୍କଟାପନ୍ନ ଅବସ୍ଥାରେ ଗତିକୃଷ୍ଣ ବିଶ୍ୱାଳ ଓ ପଞ୍ଚାନନ ମଲ୍ଲିକଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବାଲୁଗାଁ ଏସ୍ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଓ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ସଂଘର୍ଷକୁ ନିୟନ୍ତ୍ରଣ କରିବା ସହିତ ପୁଲିସଫୋର୍ସ ମୁତୟନ କରିଛନ୍ତି । ଉଭୟ ପକ୍ଷରୁ ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି ।

# ରାଜ୍ୟସ୍ତରୀୟ ଡିଫାକପ ଫୁଟବଲ, ଭଦ୍ରକ ସେମିରେ



ଧର୍ମଶାଳା,୮।୩(ନି.ପ୍ର.): ଧର୍ମଶାଳା ଫୁଟବଲ ଆସୋସିଏସନ ଓ ରଞ୍ଜିତ ସ୍ୱାଇଁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ୨୬ତମ ରାଜ୍ୟସ୍ତରୀୟ ଡିଫା କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜି ଏଫସି କଳିଙ୍ଗନଗରକୁ ୨/୧ ଗୋଲରେ ପରାସ୍ତ କରି ଭଦ୍ରକ ସେମୀଫାଇନାଲରେ ପ୍ରବେଶ କରିଛି । ଆଜି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚର ପ୍ରଥମାର୍ଦ୍ଧରେ ୟୁନାଇଟେଡ କ୍ଲବ ଭଦ୍ରକର ବାମଦେବ ଟୁଡୁ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ ସ୍କୋର କରିଥିଲେ । ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଭଦ୍ରକର ପପୁ ବେସ୍ରା ଗୋଟିଏ ଗୋଲ ଦେଇଥିବା ବେଳେ କଳିଙ୍ଗନଗରର ବିନ ସଏ ଗୋଟିଏ ଗୋଲ ଦେଇଥିଲେ । ୟୁନାଇଟେଡ କ୍ଲବ ଭଦ୍ରକର ବାମଦେବ ଟୁଡୁଙ୍କୁ ମ୍ୟାନଅଫ ଦି ମ୍ୟାଚ ଓ ପପୁ ବେସ୍ରାଙ୍କୁ ବେଷ୍ଟ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା । ଆଜିର ମ୍ୟାଚରେ ଅତିଥି ଭାବେ ଇତିଶ୍ରୀ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ଖେଳକୁ ପ୍ରବୋଧ କୁମାର ପାତ୍ର ପରିଚାଳନା କରିଥିବା ବେଳେ ସେକ ସଲିମ ଅହମ୍ମଦ ଓ ଚିତ୍ତରଞ୍ଜନ ଜେନା ଲାଇନରେ ସହାୟତା କରିଥିଲେ । ଆସନ୍ତା କାଲିର ମ୍ୟାଚ ଆୟୋଜକ ଡିଫା ଧର୍ମଶାଳା ଓ ନେତାଜୀ କ୍ଲବ ରାଜକନିକା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଡିଫାର ସଭାପତି ପ୍ରମୋଦ କୁମାର ଦାସ ସୂଚନା ଦେଇଛନ୍ତି ।

# ମହାଶିବରାତ୍ରି: ଭକ୍ତି ଓ ଭାବରେ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା

କଟକ,୮।୩(ନି.ପ୍ର.): ପବିତ୍ର ମହାଶିବ ରାତ୍ରି ଏହି ଅବସରରେ କଟକ ସହର ସମେତ ଜିଲ୍ଲାରେ ଥିବା ପ୍ରତ୍ୟେକ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ବିପୁଳ ସମାଗମ ଦେଖିବାକୁ ମିଳିଥିଲା। ପାରମ୍ପରିକ ରୀତି ନୀତି ଅନୁସାରେ ନିଷ୍ଠାର ସହ ଶ୍ରଦ୍ଧାଳୁମାନେ ମହାଶିବରାତ୍ରୀ ପାଳନ କରିଥିଲେ। ଧୂପ, ଦୀପ, ଭୋଗ ଅର୍ପଣ କରି ହରହର ମହାଦେବଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଲିଙ୍ଗରେ ଚଢ଼ାଯାଉଥିବା ଫୁଲଗୁଡ଼ିକ ମଧ୍ୟରେ କେତକୀ, ଅରଖ, ଦୁଧୁରା ଆଦି ଠାକୁରଙ୍କ ପ୍ରିୟ ଫୁଲ ଅନ୍ୟତମ ଥିଲା। ଏଥି ସହିତ ଲିଙ୍ଗରେ କ୍ଷୀର ଢାଳି ପରମ୍ପରା ଅନୁଯାୟୀ ବ୍ରତଧାରୀ ପୂଜାର୍ଚ୍ଚନା କରିଥିଲେ। ଦିନଯାକ ବ୍ରତ ରଖି ବିଳମ୍ବିତ ରାତ୍ରୀରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଶୈବପୀଠରେ ଉଜାଗର ରହି ଜାଗର ଦୀପ ଜାଳିଥିଲେ। ମହାଦୀପ ଉଠିବା ପରେ ଶ୍ରଦ୍ଧାଳୁଙ୍କ ବ୍ରତ ସମାପନ ହୋଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନେ ଶିବ ପଂଚାକ୍ଷର ପାଠ କରି ଅଖଣ୍ଡ ଦୀପ ଜଳାଇଥିଲେ। ମହାଦୀପ ଉଠିବା ପୂର୍ବରୁ ସହରର ପ୍ରମୁଖ ଶୈବ ପୀଠ ନିକଟରେ ଖ୍ୟାତନାମା କଣ୍ଠ ଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିଥିଲା।

ସହରର ଗଡ଼ଗଡ଼େଶ୍ୱର ମନ୍ଦିରରେ ପ୍ରତ୍ୟୁଷରୁ ଭିଡ଼ ଆରମ୍ଭ ହୋଇ ଯାଇଥିଲା। ଶ୍ରଦ୍ଧାଳୁମାନେ ଧୂପ ଦୀପ ଦେଇ ଏହି ମନ୍ଦିରରେ ମହାଦେବଙ୍କୁ ଆରାଧନା କରିବା ସହ ପୂଜକ ଭକ୍ତଙ୍କ ଠାରୁ କ୍ଷୀର ଫୁଲ ଚଢ଼ାଇ ପାଦୁକ ନେଉଥିବା ଦେଖା ଦେଇଥିଲା। ଏଥିସହ ଶ୍ରଦ୍ଧାଳୁ ଠାକୁରଙ୍କ ନିକଟରେ ଭୋଗ ଲଗାଇଥିଲେ। ସେହିଭଳି ଅନ୍ୟତମ ପୁରାତନ ଅମରେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ମହାଦେବଙ୍କୁ ଆରାଧନା କରି ଶ୍ରଦ୍ଧାଳୁମାନେ ସେମାନଙ୍କ ମନସ୍କାମନା ପୂରଣ ପାଇଁ ପୂଜାର୍ଚ୍ଚନା କରିଥିଲେ। ଏହି ଦୁଇ ପ୍ରମୁଖ ଶୈବ ପୀଠରେ ନାହିଁନଥିବା ଭିଡ଼ ହୋଇଥିବାବେଳେ ଅନ୍ୟଶୈବ ପୀଠ ମାନଙ୍କରେ ଭକ୍ତଙ୍କ ଭିଡ଼ ମଧ୍ୟ କମ୍ ନଥିଲା। ଚହଟାଘାଟସ୍ଥିତ ଚହଟେଶ୍ୱର, ବାଦାମବାଡ଼ି ନ୍ୟୁ ଏଲଆଇସି କଲୋନୀସ୍ଥିତ ଆଖଣ୍ଡଳମଣୀ, ଦୋଳମୁଣ୍ଡାଇସ୍ଥିତ ହଟକେଶ୍ୱର, ମଙ୍ଗଳାବାଗ ସ୍ଥିତ ବୈଦେଶ୍ୱର, ଖପୁରିଆ ଘାଟକୂଳସ୍ଥିତ ବଟେଶ୍ୱର, ପିଠାପୁର କାଳୀୟ ଦଳନ ଶୈବ ପୀଠ, ରାଣୀହାଟ ବଜ୍ରକବାଟୀରୋଡ଼ ସ୍ଥିତ ଚନ୍ଦ୍ରଶେଖର, ସାଆନ୍ତସାହି ନିଳକଣ୍ଠେଶ୍ୱର, ପୁରୀଘାଟ ଖରାଖିଆ ମହାଦେବ, ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିର, ତିନିଘରିଆର ବେଲେଶ୍ୱର ମନ୍ଦିର, ଯୋବ୍ରାର ପାରେଶ୍ୱର ମନ୍ଦିର, ଗଙ୍ଗେଶ୍ୱର ମନ୍ଦିର, ତେଲେଙ୍ଗାବଜାରର ଚନ୍ଦ୍ରଶେଖର ମନ୍ଦିର, ଫ୍ରେଣ୍ଡସ କଲୋନୀର ସର୍ପେଶ୍ୱର ମନ୍ଦିର, ରିଙ୍ଗରୋଡର ଅଷ୍ଟଶମ୍ଭୁ ମନ୍ଦିର, ଖାନନଗରସ୍ଥିତ ଉରେଶ୍ୱର ମହାଦେବ ମନ୍ଦିର ସମେତ କଟକ ସହର ଉପକଣ୍ଠ ଜଗତପୁର ସ୍ଥିତ କୃତ୍ତେଶ୍ୱର ମନ୍ଦିର, ପାଗାସ୍ଥିତ ଖରାଖିଆ ମହାଦେବ, ବିରିବାଟୀର ପରମହଂସ, ବୟାଳିଶ ମୌଜାସ୍ଥିତ ସ୍ୱପ୍ନେଶ୍ୱର, ଚୌଦ୍ୱାର ଅଂଚଳର ଅଷ୍ଟଶମ୍ଭୁ ଶୈବପୀଠ, ତରୋଳ ହୁଙ୍କେଶ୍ୱର ମନ୍ଦିର, ଇମାମନଗର ସିଦ୍ଧେଶ୍ୱର ମନ୍ଦିର, ନୂଆସାହି ବିରୂପାକ୍ଷେଶ୍ୱର ମନ୍ଦିର, ପୁରୁଣା ଜଗତପୁର ସର୍ପେଶ୍ୱର ମନ୍ଦିର, ନିମପୁର ବ୍ୟାରେଜ କଲୋନୀ ଚନ୍ଦ୍ରଶେଖର ମନ୍ଦିର, ଶିକାରିପୁର ବଟେଶ୍ୱର ମନ୍ଦିର ଆଦିରେ ଶୈବ ଦର୍ଶନ ପାଇଁ ଆଜି ଭକ୍ତମାନଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା।

# ସାଲେପୁର ମଧୁମଣ୍ଡପଠାରେ ବ୍ଲକ୍ ସ୍ତରୀୟ ବିଏସ୍କେୱାଇ ନବୀନ କାର୍ଡ ବିତରଣ



ସାଲେପୁର,୮।୩(ନି.ପ୍ର.): ସାଲେପୁର ବ୍ଲକ୍ର ମଧୁମଣ୍ଡପଠାରେ ବ୍ଲକ୍ ସ୍ତରୀୟ ବି.ଏସ୍.କେ.ୱାଇ ନବୀନ କାର୍ଡ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ୍ବାର ସଭାପତି ଦିଲ୍ଲୀପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବି.ଏସ୍.କେ.ୱାଇ ନବୀନ କାର୍ଡ ହିତାଧିକାରୀମାନଙ୍କୁ ବିତରଣ କରିବା ସହିତ ପ୍ରତ୍ୟେକ ହିତାଧିକାରୀ ଏହି ବି.ଏସ୍.କେ.ୱାଇ ନବୀନ କାର୍ଡର ସୁଫଳ ଉଠାଇଲେ ରାଜ୍ୟ ସରକାର ଯେଉଁ ଉଦ୍ଦେଶ୍ୟ ରଖି ଏହି କାର୍ଡ କାର୍ଯ୍ୟକାରୀ କରିଛନ୍ତି, ତାହା ଫଳପ୍ରଦ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ରଭୋଇ, ମଣ୍ଡଳ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର, ଜିଲ୍ଲାପରିଷଦ ସଭ୍ୟା ନମିତା ସେଠୀ, ରଂଜିତା ସେଠୀ, ଚନ୍ଦ୍ରାଦେଇପୁର ସମିତି ସଭ୍ୟା ପୁଷ୍ପିତା ଭୂୟାଁ, ବାଲିସାହି ସମିତିସଭ୍ୟା ଗୌତମୀ ମଲ୍ଲିକ, ସାଂସଦ ପ୍ରତିନିଧି ଗୁଲରେଜ୍ ଅଲ୍ଲୀ, ପୁରୁଣାହାଟ ସରପଞ୍ଚ ଅଶୋକ କୁମାର ଭୂୟାଁଙ୍କ ସମେତ ବହୁ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ସାଲେପୁର ବ୍ଲକ୍ର ବିଭିନ୍ନ ପଞ୍ଚାୟତର ୬ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ବି.ଏସ୍.କେ.ୱାଇ ନବୀନ କାର୍ଡ ବନ୍ଟନ କରାଯାଇଥିଲା। ପର୍ଯ୍ୟାୟ କ୍ରମେ ଅନ୍ୟ ହିତାଧିକାରୀମାନଙ୍କୁ ତତ୍କାଳୀନ ଏହି କାର୍ଡଗୁଡ଼ିକ ପଞ୍ଚାୟତ କାର୍ଯ୍ୟାଳୟରେ ବାଯିବ ବୋଲି ବ୍ଲକ୍ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମକୁ କଟକ ଜିଲ୍ଲା ଯୁବବିଜେଡି ସଂପାଦକ ରାଜେଶ ମହାନ୍ତି, ସରପଞ୍ଚ ସଂଜୟ ବେହୁରା, ଜ୍ଞାନରଂଜନ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବିଭୁତିଭୂଷଣ ଦାଶ, କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ




ସାଲେପୁର,୮।୩ (ନି.ପ୍ର.): ନାନ୍ଦୋଳସ୍ଥିତ ଅଗ୍ରଣୀ ବେସରକାରୀ ଶିକ୍ଷାନୁଷ୍ଠାନ ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସଂପାଦକ ରୀତା ମହାପାତ୍ରଙ୍କ ସଭାପତିତ୍ୱରେ ଓ ଅନୁଷ୍ଠାନର ସଭାପତି ଆଶୁତୋଷ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବେ ନନ୍ଦଲାଲ୍ ସିଂହ ଯୋଗଦେଇ ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଇ ଅଧ୍ୟୟନ କଲେ ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହେବା ସହ ସମାଜର ସେବା କରିପାରିବେ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକ ଭାଗ୍ୟଧର ଭୋଇ, ସୁରେନ୍ଦ୍ର ନାଥ ପଣ୍ଡା, ନାନ୍ଦୋଳ ସରପଞ୍ଚ ଜ୍ଞାନରଂଜନ ପଣ୍ଡା, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ସମେତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସୟଦ ସୁଲେମାନ୍ ଅହମ୍ମଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଲୋପାମୁଦ୍ରା ନାୟକ, ଲୀଳାବତୀ ଜେନା, ରୁବିନା ପରୱିନ୍, ସବିନା ଖାତୁନ୍, ନିଶାଦ୍ ଫାତ୍ମା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପିପିଏ ଇଏକ୍ସଆଇଏମ୍ କଣ୍ଟେନର ପାଇଁ ଏମ୍ଏସ୍ସି ଲାଇନ୍ର ପ୍ରଥମ ଯାତ୍ରା



ପାରାଦୀପ,୮।୩(ନି.ପ୍ର): ବିଗ୍ ସଫଳତାକୁ ଅନଲକ୍ କରିବା, ସ୍ଥାୟୀ ମାର୍କେଟିଂ କୌଶଳର ଶକ୍ତି ବ୍ୟବହାର କରି ପାରାଦୀପ ବନ୍ଦର ଏହାର ପିଆଇସିଟି ବର୍ଥରେ ଏକ ପ୍ରକାରର ଏକ୍ସାଇମ୍ପ କଣ୍ଟେନର ସେବା ଆରମ୍ଭ ହେବାର ସାକ୍ଷୀ । ଶୁକ୍ରବାର ସକାଳେ, ଦୁନିଆର ସବୁଠୁ ବଡ କଣ୍ଟେନର ଲାଇନ ଯଥା ଏମ୍/ଏସ୍ ଭୂମଧ୍ୟସାଗରୀୟ ସିପିଂ କମ୍ପାନୀ (ଏମ୍ଏସ୍ସି) ଏସ୍ଇ ଫିଡର କରିଡର ଅଧୀନରେ ପାରାଦୀପ ସଟଲ ସେବା ଆରମ୍ଭ କଲା । ଏମ୍ଭି ଏମ୍ଏସ୍ସି ଟାଇଗର ଏଫ୍ ପିଆଇସିଟି ଟର୍ମିନାଲରେ ଏହାର ପ୍ରଥମ କଲ୍ କରିଥିଲା । ଏଥିରେ ୧୫୪.୫୧ ମିଟରର ଏଲ୍ଓଏ ଏବଂ ୨୫.୨୧ ମିଟରର ବିମ୍ ଅଛି । ପାରାଦୀପ - କଲମ୍ବୋ ମାର୍ଗ ଦେଇ ଏକ ମାସରେ ଯୋଜନାବଦ୍ଧ କଲ ଅନୁଯାୟୀ ପାରାଦୀପ ବନ୍ଦର ମାଧ୍ୟମରେ ଏକ୍ସାଇମ୍କାର୍ଗୋ କ୍ୟାଟରିଂ ପାଇଁ ଏହା ଏକ ନିୟମିତ ଏବଂ ନିରବିହୀନ କଲ୍ ହେବ । ।ବନ୍ଦର ଅଧ୍ୟକ୍ଷ ପିଏଲ ହାରାନନ୍ଦ କହିଛନ୍ତି ଯେ ୧୯୬୭ ମସିହାରେ ଏହାର ଟ୍ରାଫିକ କାର୍ଯ୍ୟ ଆରମ୍ଭ ହେବା ପରଠାରୁ ବିଗତ ୫୭ ବର୍ଷ ଧରି ପାରାଦୀପ ବନ୍ଦର ଲୁହାପଥର, କୋଇଲା ଏବଂ ଅଶୋଧିତ ତୈଳ ଉପରେ ଧ୍ୟାନ ଦେଇଥିବାରୁ ପାରାଦୀପ ବନ୍ଦର ପାଇଁ ଏହା ଏକ ବିଶେଷ ଉତ୍ସବ । ପାରାଦୀପ ବନ୍ଦରର ହିନଟେରଲ୍ୟାଣ୍ଡରେ ଆନୁମାନିକ ୨ ଲକ୍ଷ ଟିଇୟୁ କାର୍ଗୋ ଉପଲବ୍ଧ ଥିବାରୁ କାର୍ଗୋ ଟୋକେଇକୁ ବିବିଧ କରିବାର ସମୟ ଆସିଛି । ଏହା ପିପିଏ ଏବଂ ସରକାରଙ୍କ ମିଳିତ ପ୍ରୟାସ । ବର୍ତ୍ତମାନ, ଏଠାରେ ପିଆଇସିଟିରେ ଆମର ଏକ ବିଶ୍ୱସ୍ତରିୟ ଟର୍ମିନାଲ ଅଛି ,ଯାହା ଦେଶର ଅନ୍ୟ କଣ୍ଟେନର୍ ଟର୍ମିନାଲ୍ ଠାରୁ କମ୍ ନୁହେଁ । ଏଥିରେ ୧୪.୫ ମିଟର ଡ୍ରାଫ୍ଟ ଏବଂ କଣ୍ଟେନର୍ ଟ୍ରାଫିକ୍ ପରିଚାଳନା କରିବା ପାଇଁ ଆର୍ଟ ଯନ୍ତ୍ରର ସ୍ଥିତି ଅଛି ଏବଂ ଏହାର ୫ ଏମ୍ଏମ୍ଟି କ୍ଷମତା ଅଛି । ବନ୍ଦର ଆଗ୍ରହୀ କଣ୍ଟେନର ଲାଇନ୍ସକୁ ଜାହାଜ ସମ୍ବନ୍ଧୀୟ ଚାର୍ଜରେ ୭୫% ରିହାତି ରିହାତି ପ୍ରଦାନ କରୁଛି ଏବଂ କଣ୍ଟେନର କାର୍ଗୋ ବଡାଇବା ପାଇଁ କୌଣସି କଣ୍ଟେନର ସ୍କାନିଂ ଚାର୍ଜ ପ୍ରଦାନ କରୁନାହିଁ । ବର୍ତ୍ତମାନଠାରୁ, ଓଡିଶାର ଆଶାୟୀ ଗ୍ରାହକମାନେ ରାଜ୍ୟ ବାହାରେ ଥିବା ବନ୍ଦର ଉପରେ ଆଉ ନିର୍ଭରଶୀଳ ହେବେ ନାହିଁ।ଏମଏସଏମଇ ବିଭାଗର ମୁଖ୍ୟ ସଚିବ ଶ୍ରୀ ସସ୍ମତ ମିଶ୍ର ଗୋ କହିଛନ୍ତି, ଏହା ହେଉଛି ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା, ଯାହା ପାଇଁ ରାଜ୍ୟ ଦଶନ୍ଧି ଧରି ଅପେକ୍ଷା କରିଛି। ଓଡିଶାର ଉତ୍ପତ୍ତି ସହିତ ଆମର ଏଠାରେ ଅନେକ କାର୍ଗୋ ଅଛି । ଏମଏସସି ଲାଇନରେ, ଖୁବ ଶୀଘ୍ର ମାଲେସିଆ ଅପରେସନରେ ପାରାଦୀପ-ପୋର୍ଟ କ୍ଲାଙ୍ଗ ପାଇଁ କଣ୍ଟେନର ଲାଇନ ଏମ୍/ଏସ୍ ଆର୍ସିଏଲ୍ ସହିତ ଅନ୍ୟ ଭିଜିଏଫ୍ ଚୁକ୍ତି ସ୍ୱାକ୍ଷରିତ ହେବ । ଏହି ଦୁଇଟି ମାର୍ଗ ଖୋଲିବା ସହିତ ଓଡିଶା ଶିଳ୍ପ ପାଇଁ ଆବଶ୍ୟକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ଖୋଲିବ । ନୀଳାଭ୍ରା ଦାସଗୁପ୍ତ, ଡେପୁଟି ଚେୟାରମ୍ୟାନ୍, ପିପିଏ କହିଛନ୍ତି ଯେ ପ୍ରମୁଖ ସିପିଂ ଲାଇନର ସହଯୋଗରେ, ଦିନ କିମ୍ବା ଦୂର ହେବ ନାହିଁ, ଯେତେବେଳେ ପିପିଏ ଏକ ଆଧୁନିକ ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ କଣ୍ଟେନର ବନ୍ଦର ମଧ୍ୟରୁ ଗୋଟିଏ ଭାବରେ ଉତ୍ତର ଦେବ। ସମାରୋହରେ ଜି ଏଡିସନ, ଟି ଏମ ରାଜେଶ ନାୟକ ପିଆଇସିଟି ଟରମିନାଲ ଅଧ୍ୟକ୍ଷ ଫ୍ଲାଗ୍ ଅଫ୍ ଉପସ୍ଥିତ ଥିଲେ।

# ମା ବଜ୍ରସୁନା ମନ୍ଦିରର ଶିଳାନ୍ୟାସ



କୁଜଙ୍ଗ,୮।୩(ନି.ପ୍ର.): କୁଜଙ୍ଗ ପଂଚାୟତର ଭଣ୍ଡୁଆଗ୍ରାମର ଗ୍ରାମ ଦେବତି ମା ବଜ୍ରସୁନା ମନ୍ଦିରର ଶିଳାନ୍ୟାସ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକଙ୍କ ଆଂଚଳିକ ଉନ୍ନୟନ ପାଣ୍ଠିରୁ ବିଧାୟକ ସମ୍ପିତ ରାଉତରାୟ ୨ଲକ୍ଷଟଙ୍କା ନୂତନ ମନ୍ଦିର ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରିଛନ୍ତି । ଏହି ଅବରରେ କୁଜଙ୍ଗ ସରପଂଚ ବନ୍ଦିତା ଦାସ ଭଣ୍ଡୁଆ ଗ୍ରାମରେ ପହଁଚି ଗ୍ରାମବାସି ସ୍ଥିରକରିଥିବା ସ୍ଥାନରେ ନଡିଆ ବାଡେଇ ଶିଳାନ୍ୟାସ କରିଛନ୍ତି । ବାସ୍ତୁପୂଜା,ହୋମଯଜ୍ଞର ଆୟୋଜନ କରାଯାଇ ବିଧି ବିଧାନ ଅନୁଯାୟୀ ସମସ୍ତ ଗ୍ରାମବାସିଙ୍କ ସହଯୋଗରେ ଏହି ଦେବ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

# ଶିବରାତ୍ରିରେ ଶୈବପୀଠ ଗୁଡ଼ିକ ଚଳଚଞ୍ଚଳ



ତାଳଚେର,୮।୩(ନି.ପ୍ର.): ତାଳଚେର ଅଞ୍ଚଳରେ ରହିଥିବା ପ୍ରତ୍ୟେକ ଶୈବପୀଠ ଗୁଡ଼ିକରେ ଶିବଙ୍କ ବ୍ରତ ଅର୍ଥାତ୍ ମହାଶିବରାତ୍ରୀ ନିମନ୍ତେ ସକାଳ ସମୟରେ ଦର୍ଶନାର୍ଥୀଙ୍କ ଦର୍ଶନ କରୁଥିବା ଭିଡ଼ ଲକ୍ଷ୍ୟ କରାଯାଇଥିଲା । ଆଜି ତାଳଚେର ଅଞ୍ଚଳର ପଶ୍ଚିମେଶ୍ୱର, ପଞ୍ଚମୁଖୀ, ଧରମପୁର, ଆଖଣ୍ଡଳମଣୀ, କାକୁଡ଼ି ଶିବମନ୍ଦିର, ଚକ୍ରଶିଳା, ବଳଣ୍ଡା, ସୋଲଡ଼ା, କର୍ଣ୍ଣପୁର, ବହ୍ଳର ଇତ୍ୟାଦି ମନ୍ଦିର ଗୁଡ଼ିକରେ ଲୋକ ଚଳଚଂଚଳ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଏହାକୁ ନେଇ ପ୍ରଶାସନ ପକ୍ଷରୁ ତାଳଚେର ପୌରପରିଷଦ ଅନ୍ତର୍ଗତୱାର୍ଡ଼ ୧୬ ଗୋପିନାଥପୁର ନିକଟସ୍ଥ ପଶ୍ଚିମେଶ୍ୱର ଶୈବପୀଠ ପରିଷ୍କାର ପରିଚ୍ଛନ୍ନ କରିବା ସହ ମନ୍ଦିର ଚର୍ତୁପଶ୍ୱର୍ରେ ଚୂନ ଓ ବ୍ଲିଚିଂ ପାଉଡ଼ର ପକାଇ ପରିବେଶକୁ ସଳଫା ସୁତରା କରାଯାଇଥିଲା । ପୂର୍ବବର୍ଷ ଭଳି ଲୋକଭିଡ଼କୁ ଦୃଷ୍ଟିରେ ରଖି ଏବର୍ଷ କିପରି ସୁବିଧାରେ ଜନସାଷଧାରଣ ଦର୍ଶନ କରିବା ସହ ନିଜର ଜାଗର ଜାଳିପାରିବେ ତା ଉପରେ ପ୍ରଶାସନ ଗୁରୁତ୍ୱାରୋପ କରିଥିଲା । ଏବଂ ବିଶେଷ କରି ଭିଡ଼ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା, ଚୋରୀ ଓ ଚୋରଙ୍କ ଉପରେ ନଜର ରଖାଯିବାକୁ ନେଇ ତାଳଚେର ପୋଲିସ୍ ପ୍ରଶାସନ ପକ୍ଷରୁ ମଧ୍ୟ ଏହାର ସୁବ୍ୟବସ୍ଥା କରାଯାଇଛି । ଆଜି ଅପରାହ୍ଣ ପ୍ରାୟ ୩ଘଟିକା ଠାରୁ ବିଭିନ୍ନ ସଂଗଠନ ମାନଙ୍କ ପକ୍ଷରୁ ଦର୍ଶନାର୍ଥୀଙ୍କ ପାଇଁ ଅଣ୍ଡାପାନୀୟ ଜଳ, ଚା' ଖିରୀ ଇତ୍ୟାଦି ଦିଆଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଶାସ୍ତ୍ରମତ ଅନୁଯାୟୀ ଆଜି ଭଳି ବ୍ରତରେ ଯିଏ ଶିବଙ୍କର ଆରାଧନା କରେ ଶିବଙ୍କ ସହ ନବଗ୍ରହ ସନ୍ତୁଷ୍ଟ ହୋଇଥାନ୍ତି । ଆଜି ଛୋଟ ପିଲା ଠାରୁ ଆରମ୍ଭକରି ଆବାଳ ବୃଦ୍ଧବନିତା ଦର୍ଶନ କରିବା ସହ ସନ୍ଧ୍ୟାରୁ ଉପବାସ କରି ଜାଗର ପଜ୍ଜଳନ କରି ଶିବଙ୍କ ଆରାଧନା କରିଥାନ୍ତି । ବିଳମ୍ବିତ ରାତ୍ରୀରେ ମହାଦୀପ ଉଠିବ ବୋଲି ସେବାୟତମାନେ ପ୍ରକାଶ କରିଛନ୍ତି ।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ



କେନ୍ଦ୍ରାପଡ଼ା,୮।୩(ନି.ପ୍ର.): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଆନନ୍ଦମାର୍ଗରେ ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଆଜି ଉନ୍ମୋଚିତ ହୋଇଯାଇଛି। ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ସଭାପତି କରୁଣାକର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାଜଜ ବିଶ୍ୱଜିତ ମହାନ୍ତି, ଜିଲ୍ଲାପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଫାଷ୍ଟଟ୍ରାକ ଆଡହକ କୋର୍ଟର ଅତିରିକ୍ତ ଜିଲ୍ଲାଜଜ ତ୍ରିବିକ୍ରମ କେଶରୀ ଚିନ୍ନାରା, ଅତିରିକ୍ତ ଜିଲ୍ଲାଜଜ ଅଜୟ କୁମାର ପ୍ରଧାନ, ରେଜିଷ୍ଟ୍ରାର ସିଭିଲକୋର୍ଟ ରମାଦେବୀ ସୋରେନ, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ପୌରାଧ୍ୟକ୍ଷା ସରିତା ସାହୁ, ପ୍ରଫେସର ନନ୍ଦକିଶୋର ପରିଡା, ପ୍ରାକ୍ତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ ଓ ରୋସ୍ନା ସାହୁ, ପୌରନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, କାଉନସିଲର ସେକ ଅସଲମ, କବି ଶୁଭାଂଶୁ ଦାସ ପ୍ରମୁଖ ଯୋଗଦେଇ ବିପ୍ଳବୀ ସ୍ୱର୍ଗତ ଜେନାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଦୁଖିନୀ କନିକା ପୁସ୍ତକକୁ ଇଂରେଜ ସରକାର ବାଜ୍ୟାପ୍ତି କରିବା ପରେ ମହାତ୍ମାଗାନ୍ଧୀଙ୍କ ଇଂରାଜୀ ପତ୍ରିକା ''ୟଙ୍ଗଇଣ୍ଡିଆ'' ପତ୍ରିକାରେ ଏହା ପ୍ରକାଶ ପାଇଥିଲା ବୋଲି ଜିଲ୍ଲାପାଳ କହିଥିଲେ। ଯାହାକି ସାରା ଭାରତବର୍ଷରେ ଚହଳ ସୃଷ୍ଟି କରିଥିଲା। ଜାତୀୟ ସ୍ତରର ନେତା ଲାଲା ଲାଜପତ ରାୟ, ମଦନମୋହନ ମାଲବ୍ୟ, ଭି.ଭି. ଗିରି, ଚିତ୍ତରଞ୍ଜନ ଦାସ ପ୍ରମୁଖ ଏହା ପଢି ହତବାକ ହୋଇପଡିଥିଲେ। ପରେ ଆନନ୍ଦ ଚନ୍ଦ୍ର ଜେନାଙ୍କ ସହ ପରିଚିତ ହୋଇଥିଲା। ଏହିପରି ସ୍ୱର୍ଗତ ଜେନା ୭ଟି ପୁସ୍ତକ ଲେଖିଥିଲେ। ବନ୍ଦୀରେ ଥାଇ ଗୋପବନ୍ଧୁ ଦାସ ସ୍ୱର୍ଗତ ଜେନାଙ୍କୁ 'ଦୁଖିନୀ କନିକା' ବୋଲି ସମ୍ବୋଧନ କରିଥିଲେ। ବିପ୍ଳବୀ ଜେନାଙ୍କ ୪୨ଏକର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଲାମ କରାଯାଇଥିଲା। ଇଂରେଜ ସରକାର ଓ କନିକା ରାଜା ମିଶି ବିପ୍ଳବୀ ଜେନାଙ୍କୁ ଖାଦ୍ୟରେ ବିଷ ମିଶାଇ ୧୯୪୬ରେ ମାରିଦେଇଥିଲେ। ଫଳରେ ସେ ଦେଶର ସ୍ୱାଧୀନତା ଦେଖିବାରୁ ବଞ୍ଚିତ ହୋଇଥିଲେ। ଆନନ୍ଦ ଚନ୍ଦ୍ରଙ୍କ ପ୍ରଦର୍ଶିତ ମାର୍ଗରେ ଯାଇ ତାଙ୍କ ତ୍ୟାଗ, ନିଷ୍ଠା, ସମାଜସେବା ଇତ୍ୟାଦି ଅନୁସରଣ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ମୃତି କମିଟି ସଂଯୋଜକ ସଞ୍ଜୟ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ରମଣୀରଞ୍ଜନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଓକିଲ ସଙ୍ଘ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ, ନିରଞ୍ଜନ ମେକାପ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ଧିରେନ୍ଦ୍ର ଦାସ, ଅକ୍ଷୟପ୍ରିୟ ଦାସ, ସତ୍ୟବ୍ରତ ସିଂହ, ମନୋଜ କୁମାର ସାହୁ, ସମାଜସେବୀ ରଞ୍ଜିତ ସାହୁ, ନିରଞ୍ଜନ ବଳ, କଲିମ ଖାଁ, ଶେଷଦେବ ପ୍ରସାଦ ଦାସ, ଅକ୍ଷୟ ନାଥ, ଗୋପାଳ ମହାପାତ୍ର, ସେକ ଚନ୍ଦନ, ସୁବାଷ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସରକାରଙ୍କ ଦ୍ୱାରା ସ୍ୱର୍ଗତ ଜେନାଙ୍କ ଜୟନ୍ତୀ ପାଳନ କରାଯିବାକୁ ଦାବି କରିଥିଲେ।

## ପ୍ରେମିକା ଘରୁ ପ୍ରେମିକର ଝୁଲନ୍ତା ମୃତ ଦେହ ମିଳିବା ଘଟଣା

# ଶବକୁ କାନ୍ଧରେ ପକାଇ ରାଜ ରାସ୍ତାରେ ଚାଲିଲେ ପରିବାର ଲୋକେ



ବାରିପଦା,୮।୩(ନିପ୍ର): ତିନି ଦିନ ପୂର୍ବରୁ ଦାମଦରପୁର ସ୍ଥିତ ଏକ ଘରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା ଯୁବକଙ୍କ ମୃତ ଦେହ। ନ୍ୟାୟ ପାଇବା ପାଇଁ ଶବକୁ କାନ୍ଧରେ ବୋହିଲେ ପରିଜନ। ମିଳିଥିବା ସୂଚନା ଅନୁଯାୟୀ ତିନି ଦିନ ପୂର୍ବରୁ ବାରିପଦା ସଦର ଥାନା ଅଧିନ ଦାମଦରପୁର ସ୍ଥିତ ଏକ ଘରୁ କାର୍ତ୍ତିକ ବିନ୍ଧାଣିଙ୍କ ପୁଅ ପ୍ରକାଶ ବିନ୍ଧାଣିଙ୍କ ଶବ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଥିଲା। ଏ ନେଇ ପରିବାର ପକ୍ଷରୁ ତାଙ୍କ ପୁଅକୁ ହତ୍ୟା କରାଯାଇଥିବାର ଅଭିଯୋଗ ହୋଇଥିଲା। ପରିବାର ଲୋକଙ୍କ କହିବା ଅନୁଯାୟୀ ପୋଲିସ ଘଟଣାର ଅନୁସନ୍ଧାନ କରି ଦୋଷୀକୁ ଗିରଫ କରିବା ପରିବର୍ତ୍ତେ ଓଲଟି କେଶ ରଫାଦଫା କରିବା ପାଇଁ ଚାପ ସୃଷ୍ଟି କରିଥିଲା। ଶୁକ୍ରବାର ଶବ ନେବାପାଇଁ ଗାଡି ଖୋଜିବାରୁ ପୋଲିସ କୁଆଡେ ଗାଡି ନ ଦେବା ପାଇଁ ସ୍ଥାନୀୟ ଗାଡି ଚାଳକଙ୍କୁ ତାଗିଦ କରିଥିଲା ବୋଲି ଅଭିଯୋଗ ହୋଇଛି। ଅନ୍ୟ ଉପାୟ ନପାଇ ପରିଜନ ଶବକୁ କାନ୍ଧରେ ବୋହି ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲରୁ ବାରିପଦା ସଦରଥାନକୁ ଚାଲିଥିଲେ। ପୋଲିସ ପକ୍ଷରୁ ସେମାନଙ୍କୁ ରୋକିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେମାନେ ରହି ନ ଥିଲେ। ଶେଷରେ ପୋଲିସ ଜବରଦସ୍ତ ଶବକୁ ନିଜ ଭ୍ୟାନରେ ପାଲବଣି ନିକଟରୁ ସଦର ଥାନାକୁ ନେଇ ଯାଇଥିଲେ। ପରିବାର ବର୍ଗଙ୍କ ଅଭିଯୋଗ ଯେ ପୋଲିସ କେସ ରଫା ଦଫା କରିବା ପାଇଁ ଚାପ ପକାଉଛି। ଅଭିଯୋଗକାରୀ ଗଣ ମାଧ୍ୟମ ସମ୍ମୁଖରେ ଏକଥା କହିଛନ୍ତି। ଏନେଇ ବାରିପଦା ସହରରେ ଏକ ଅପ୍ରିତୀକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସହରବସୀ ଏହାକୁ ନାପସନ୍ଦ କରିଛନ୍ତି। ଏହି ଘଟଣାରେ ବୁଦ୍ଧିଜୀବୀ ମହଲରେ ପୋଲିସ ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଘଟଣାକୁ ନେଇ ବାରିପଦା ଏସଡିପିଓ ଆଗକୁ ଏହାର ତଦନ୍ତ ହେବା ନେଇ ଗଣ ମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦେଖିବାକୁ ବାକି ରହିଲା ପୋଲିସ ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାର ବର୍ଗଙ୍କୁ ନ୍ୟାୟ କେବେ ମିଳୁଛି।

# ରାଷ୍ଟ୍ରୀୟ ଲୋକ ଅଦାଲତ ୯ରେ

ବଲାଙ୍ଗୀର, ୮।୩(ନିପ୍ର): ୯ ତାରିଖ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ବଲାଙ୍ଗୀର , ଟିଟିଲାଗଡ , ପାଟଣାଗଡ , କଣ୍ଟାବାଞ୍ଜି , ଲୋଇସିଙ୍ଘା, ସଇଁତଳା, ମୁରିବାହଲ ଏବଂ ବଙ୍ଗୋମୁଣ୍ଡା ଅଦାଲତ ପରିସରରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିରେ ସମସ୍ତ ପ୍ରକାର ବିଚାରଧିନ, ମକୋଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ) , ଚେକ ବାଉନ୍ସ, ବ୍ୟାଙ୍କଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ , ଶ୍ରମ ଓ ନିଯୁକ୍ତି ବିବାଦ , ବିଦ୍ୟୁତ , ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ , ବୈବାହିକ ଜନିତ ବିବାଦ, ଜମି ଅଧିଗ୍ରହଣ, ଚାକିରି ଓ ଅନ୍ୟାନ୍ୟ ଦେୱାନି ମୋକଦ୍ଦମା ଇତ୍ୟାଦିର ଆପୋଷ ସହମତି ରେ ସମାଧାନ କରାଯାଇପାରିବ । ଏହାସହ ପ୍ରାକ ମୋକଦ୍ଦମାସ୍ତରୀୟ ମାମଲାର ସମାଧାନ ମଧ୍ୟ ଏହି ଅଦାଲତରେ ହେବ । ଲୋକ ଅଦାଲତରେ ମଧ୍ୟ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡେ ନାହିଁ । ଏହି ଅଦାଲତର ରାୟ ବୈଧ ଏବଂ ଚୁଡାନ୍ତ ଅଟେ । ଦୀର୍ଘଦିନ ଧରି ଚାଲୁଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟ ର ମୁକ୍ତି ପାଇବାକୁ ଏହା ଏକ ସୁଯୋଗ । ଏହି ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀର ଏବଂ ତାଲୁକ ଆଇନ ସେବା କମିଟି ଟିଟିଲାଗଡ , ପାଟଣାଗଡ , କଣ୍ଟାବାଞ୍ଜି , ଲୋଇସିଙ୍ଘା, ସଇଁତଳା, ମୁରିବାହଲ ଏବଂ ବଙ୍ଗୋମୁଣ୍ଡା ସହିତ ଯୋଗାଯୋଗ କରିବାକୁ ସୂଚନା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆ ଯାଇଛି ।

# ଭାରତ ମାଳା ପ୍ରକଳ୍ପକୁ ବିରୋଧ ଜମିହରା ସଂଗ୍ରାମ ସମିତିର ଆନ୍ଦୋଳନ




ଜଗତସିଂହପୁର, ୮।୩(ନି ପ୍ର ):ଜଗତସିଂହପୁର ଜିଲ୍ଲା ବିରିଡି ତହସିଲ ଅନ୍ତର୍ଗତ ଶାଳୀଜଙ୍ଗରୁ ଶଙ୍କରପୁର ପର୍ଯ୍ୟନ୍ତ ତେରଟି ମୌଜା ଦେଇ ଭାରତ ସରକାରଙ୍କ ଭାରତ ମାଳା ପ୍ରକଳ୍ପ ଅତିକ୍ରମ କରି ଯାଉଥିବାରୁ ବିରିଡି ତହସିଲ ଅଞ୍ଚଳର ଶହ ଶହଏକର ଚାଷ ଜମି ପ୍ରଭାବିତ ହେଉଛି ଶତାଧିକ ଚାଷୀ ଜମି ହରାଉଛନ୍ତି । ଏଥିନେଇ ଜମି ହରା କୃଷକମାନେ ଭାରତ ମାଳା ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବିରୋଧ କରିଛନ୍ତି । ଏହି ଉପଲକ୍ଷେ ବିରିଡି ସ୍ଥିତ ଅଲାଣ୍ଡୋ ପଞ୍ଚାୟତ କାର୍ଯ୍ୟାଳୟରେ ଶତାଧିକ ଜମିହରା ସଂଗ୍ରାମ ସମିତି ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି ଭାରତୀୟ କ୍ଷେତ ମଜଦୁର ୟୁନିଅନ ଜାତୀୟ ପରିଷଦ ସଭ୍ୟ କମ୍ରେଡ଼ ତ୍ରୈଲୋକ୍ୟ ନାଥ ଜେନାଙ୍କ ସଭାପତିତ୍ୱରେ ଅଖିଳ ଭାରତ କୃଷକ ସଭା ରାଜ୍ୟ ପରିଷଦ ସଭ୍ୟ କମ୍ରେଡ ନାରାୟଣ ଭୋଳ, ବିଧାନ ଚନ୍ଦ୍ର ଜେନା, ରଶ୍ମି ରଞ୍ଜନ ପରିଜା, ସଞ୍ଜୟ କୁମାର ରାଉତ, ସୁଦାମ ଚରଣ ଖଟେଇ, ବସନ୍ତ କୁମାର ବେଉରା, ରାଜକିଶୋର ସାହୁ, ପରମାନନ୍ଦ ସାହୁ, ଚନ୍ଦନ ପରିଜା ଶୁଭନ୍ଦୁ ଖଟେଇ ପ୍ରମୁଖ ଯୋଗଦେଇ ଚାଷୀ ମାରଣା ନିତି କୁ ସମ୍ପୂର୍ଣ ବିରୋଧ କରିବା ସହିତ ଭାରତ ମାଳା ପ୍ରକଳ୍ପ ଅନ୍ୟତ୍ର ସ୍ଥାନାନ୍ତର କରି ବାକୁ ଦାବି କରି ପ୍ରଧାନମନ୍ତ୍ରୀ,ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ଆଦି ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି

# ଲୋକନାଥ ମନ୍ଦିର ଉନ୍ନତିକରଣର ଭିତ୍ତିପ୍ରସ୍ତର ସ୍ଥାପନ



ବଲାଙ୍ଗୀର,୮।୩(ନିପ୍ର): ବଲାଙ୍ଗୀର ସହରରେ ଥିବା ସର୍ବ ପୁରାତନ ଲୋକନାଥ ମନ୍ଦିରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାମ ହେବ । ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପୌର ପରିଷଦ ଅଧକ୍ଷା ଲିକା ସାହୁ । ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୨ଟି କିସ୍ତିରେ ୨୨ ଲକ୍ଷ ଟଙ୍କା ଲୋକନାଥ ମନ୍ଦିରର ଉନ୍ନତିକରଣ ପାଇଁ ଆସି ସାରିଥିବା ବେଳେ ୧ମ କିସ୍ତିରେ ୭ ଲକ୍ଷ ଟଙ୍କାର କାମ ଶେଷ ହୋଇଛି । ୨ୟ କିସ୍ତି ୧୫ ଲକ୍ଷ ଟଙ୍କାର କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ତଥା ଏହାର ପ୍ରସ୍ତାବ ପ୍ରଦାନ କରିଥିବା ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂହଦେଓଙ୍କୁ ଧନ୍ୟବାଦ ଜଣାଇଛନ୍ତି ପୌର ପରିଷଦ ଅଧକ୍ଷା। ବଲାଙ୍ଗୀର ପୌରାଂଚଳରେ ମନ୍ଦିର, ମସଜିଦ, ଗୀର୍ଜା ତଥା ଗୋଷ୍ଠୀ ଗୃହ ପାଇଁ ସରକାର ଯଥେଷ୍ଟ ଅନୁଦାନ ପ୍ରଦାନ କରିଥିବା ସେ କହିଛନ୍ତି । ମହାଶିବରାତ୍ରୀ ଅବସରରେ ପୌରାଂଚଳର ଜନସାଧାରଣଙ୍କୁ ପୌରାଧକ୍ଷା ଶ୍ରୀମତୀ ସାହୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ସ୍ଥାନୀୟ କାଉନସିଲର ନନ୍ଦିନୀ ପୋଡ଼, ଗଙ୍ଗା ଚାନ୍ଦ, କିଶୋର କୁମ୍ଭାରଙ୍କ ସମେତ ମନ୍ଦିର କମିଟିର ସତ୍ୟ ନାରାୟଣ ଭୋଇ, ମହେନ୍ଦ୍ର ଦର୍ଜୀ, ପୂଜକ, ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଘରକୁ ମାଡ଼ିଗଲା ଗଞ୍ଜେଇ ବୋଝେଇ ଗାଡ଼ି



ବଲାଙ୍ଗୀର,୮।୩(ନିପ୍ର): ଦୁର୍ଘଟଣା ଗ୍ରସ୍ତ ଟାଟା ସୁମୋ ରୁ ବାହାରିଲା କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଂଜେଇ , ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଚଚରାଭଟା ଠାରେ ଟାଟାସୁମୋ ଦୁର୍ଘଟଣା ହୋଇ ଜଣକୁ ଘରକୁ ପିଟିଲା ଦେଇଥିଲା , ପରେ ଗାଁ ଲୋକ ରୁଣ୍ଡ ହୋଇ ପୋଲିସ କୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ଗାଡ଼ିରେ ଗଞ୍ଜେଇ ଥିବା ଜଣା ପଡିଥିଲା,ଡ୍ରାଇଭର କୁ ଗିରଫ କରାଯାଇଥିବା ବେଳେ ଡ୍ରାଇଭର ର ପରିଚୟ ମିଳି ଥିଲା ଯେ ସେ ନୂଆପଡା ଜିଲ୍ଲା ଲଖନା ଅଞ୍ଚଳର ବୋଲି ସୂଚନା ମିଳିଛି, ଟାଟା ସୋମ ଗାଡି ସହିତ ଗଂଜେଇ ଜବତ କରି ଡ୍ରାଇଭର କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ଖପ୍ରାଖୋଲ ପୋଲିସ ।

# ମହାଶିବରାତ୍ରି ଯାତ୍ରା ହେଲା ଶେଷ ଯାତ୍ରା



କଲ୍ୟାଣସିଂହପୁର,୮।୩(ନିପ୍ର): ମହାଶିବରାତ୍ରୀରେ କେତେ ଆଶା ବିଶ୍ୱାସ କରି ଭଗବାନ ଶିବଙ୍କୁ ଦର୍ଶନ କରିବା ପାଇଁ ଆସି ଶେଷ ଯାତ୍ରାରେ ଅରପାରିକୁ ଚାଲିଗଲେ ଯୁବକ। ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ମହକୁମା ନିକଟସ୍ଥ ଦେବଗିରି ପାହାଡରେ ହେଉଥିବା ମହାଶିବରାତ୍ରି ଯାତ୍ରାରେ ଘଟିଛି ଏଭଳି ଅଭାବନୀୟ ଘଟଣା। କାଶୀପୁର ବ୍ଲକ ଅଡାଜୋର ପଞ୍ଚାୟତ ଯୋଡ଼ା ଆମ ଗ୍ରାମର ତିରିପତି ଗୌଡଙ୍କ ପୁଅ ତ୍ରିକାନ୍ତ ଗୌଡ଼(୨୩) ନିଜ ବନ୍ଧୁ, ସମ୍ପର୍କୀୟ ଭାଇ/ ଭଉଣୀ ସାଙ୍ଗହୋଇ ଦେବଗିରି ଶିବରାତ୍ରି ଯାତ୍ରା ଦେଖିବା ପାଇଁ ଆସିଥିଲେ। ଦେବଗିରି ପାହାଡ ପହଞ୍ଚି ନଡ଼ିଆ କଦଳୀ ଆଦି ଭୋଗରାଗ କିଣି ପାହାଡ ଉପରକୁ ଚଢ଼ିବା ସମୟରେ ଯୁବକ ଜଣକ ମୋବାଇଲ ଫୋନରେ କଥା ହୋଇ ଯିବା ବେଳେ ହଠାତ ଅସୁସ୍ଥ ହୋଇ ପଡିଯାଇଥିଲେ। ଏହା ପରେ ଆସିଥିବା ସମ୍ପର୍କୀୟ ମାନେ ସଙ୍ଗେ ସଙ୍ଗେ ମେଡିକାଲ ଗାଡିରେ ସ୍ଥାନୀୟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଉଥିବା ବେଳେ ରାସ୍ତାରେ ଯୁବକଙ୍କ ଜୀବନ ଚାଲି ଯାଇଥିବା ସୂଚନା ମିଳିଛି।

# ଘର ଉପରେ ପଡ଼ିଲା ଗଛ ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ



ଠାକୁରମୁଣ୍ଡା,୮।୩(ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ତହସିଲ ଅନ୍ତର୍ଗତ ରୁଗୁଡିବେଡା ଗ୍ରାମରେ ଘର ଉପରେ ଏକ ଆମ୍ବ ଗଛ ପଡି ଯିବାରୁ ଘର ଭାଙ୍ଗିବା ସହ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ ୭ ତାରିଖ ଗୁରୁବାର ରାତି ପ୍ରାୟ ୮ ଟା ସମୟରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ଆରମ୍ଭ ହୋଇଥିଲା। ବର୍ଷା ପବନ ହେଉଥିବା ସମୟରେ ରାତି ପ୍ରାୟ ୯ ଟା ସମୟରେ ହଠାତ୍ ରୁଗୁଡିବେଡା ଗ୍ରାମର ଭଗବାନ ଦେହୁରୀ ଙ୍କ ଘର ସାମନାରେ ଥିବା ଏକ ବିରାଟ ଆମ୍ବ ଗଛ ତାଙ୍କ ଘର ଉପରେ ପଡ଼ିଯାଇଥିଲା।ଫଳରେ ଘରର କାନ୍ଥ,ଚାଳ ଛପର ଭାଙ୍ଗି ଯାଇଥିଲା।ଗଛ ପଡ଼ିବା ସମୟରେ ଘର ଭିତରେ ଥିବା ଭଗବାନ ଦେହୁରୀ, ସ୍ତ୍ରୀ ଝରଣା ଦେହୁରୀ ଏବଂ ପିଲା ମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଭଗବାନଙ୍କ ଙ୍କ ମୁଣ୍ଡରେ କ୍ଷତ ହୋଇଥିବା ବେଳେ ସ୍ତ୍ରୀ, ପୁଅ ଙ୍କ କୌଣସି କ୍ଷତି ହୋଇନଥିବା ଜଣାପଡିଛି। ଭଗବାନ ସାଙ୍ଗେ ସାଙ୍ଗେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ସରପଞ୍ଚ ଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଖବର ପାଇ ଠାକୁରମୁଣ୍ଡା ବ୍ଲକ ଅଞ୍ଚଳ ର ସମାଜସେବୀ ବସନ୍ତ କୁମାର ପଇବର୍ତ୍ତୀ ଭଗବାନଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ଆଶ୍ୱାସନା ଦେବା ସହ ସମବେଦନା ଜଣାଇଥିଲେ।ଶୁକ୍ରବାର ସକାଳେ ସରପଞ୍ଚ ପ୍ରମିଳା ଲୁଗୁନ୍ ଆସି ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଥିବା ବେଳେ ଠାକୁରମୁଣ୍ଡା ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ସାଙ୍ଗେ ସାଙ୍ଗେ ରାଜସ୍ୱ ନୀରିକ୍ଷକ ଭଗବାନଙ୍କୁ ଏକ ପଲିଥିନ ପ୍ରଦାନ କରିଥିଲେ।

# ବିଏସକେୱାଇ ନବୀନ କାର୍ଡ ବଣ୍ଟନ



ରାଇରଙ୍ଗପୁର / ବିଜାତଳା,୮।୩(ନିପ୍ର): ରାଜ୍ୟରେ ପୁଣି ଥରେ ବି ଏସ କେ ୱାଇ ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଧବାର ଠାରୁ ଏହି କାର୍ଡ ବଣ୍ଟନ ଆରମ୍ଭ ହୋଇଥିବା ବେଳେ ମେ ମାସ ପହିଲାରୁ ଏହାର ଉପଯୋଗ କରିପାରିବେ ହିତାଧିକାରୀ। ଗୁରୁବାର ମୟୁରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକ ପରିସରରେ ଏହି ନୂତନ ନବୀନ କାର୍ଡ ବ୍ଲକ ଅଧକ୍ଷା ରାଣୀ ମୁର୍ମୁ, ବିଡ଼ିଓ ବଂଶୀଧର ଖୋସଲା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଗୋବିନ୍ଦ ସରେନ ଏବଂ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଗଣେଶ୍ୱର ବେହେରାଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ବ୍ଲକରେ ସର୍ବମୋଟ ୨୨୨ଟି କାର୍ଡ ସ୍ୱୀକୃତି ପାଇଥିବା ବେଳେ ୧୭୫ଟି କାର୍ଡ ହସ୍ତଗତ ହୋଇଥିଲା। ଉକ୍ତ କାର୍ଡକୁ ଗୁରୁବାର ଦିନ ହିତାଧିକାରୀଙ୍କୁ ବଣ୍ଟନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ଏବଂ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଚୋରା ବାଲି ଟ୍ରାକ୍ଟର ଜବତ, ଡ୍ରାଇଭର ଫେରାର୍

ଠାକୁରମୁଣ୍ଡା,୮।୩(ନି.ପ୍ର):ଟ୍ରାକ୍ଟର ରେ ଚୋରା ବାଲି ନେଇ ଯାଉଥିବାବେଳେ ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ପୋଲିସ ଏକ ଟ୍ରାକ୍ଟରକୁ ଜବତ କରିଛି।୭ ତାରିଖ ଗୁରୁବାର ପ୍ରାୟ ୧୨ ଘଟିକା ସମୟରେ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ପାଟ୍ରୋଲିଙ୍ଗ୍ କରୁଥିବା ସମୟରେ ଅଖାପଲାଣରେ ଥିବା ସିମିନଇରୁ ଟ୍ରାକ୍ଟର ଓଡି ୧୧ ଏଏ ୩୬୧୨ ଯୋଗେ ଚୋରାରେ ବାଲି ବୋଝେଇ କରି ଠାକୁରମୁଣ୍ଡା ଆଣୁଥିବା ବାଲି ବୋଝେଇ ଟ୍ରାକ୍ଟର କୁ ଅଟକାଇ ଜବତ କରି ଥାନାକୁ ଆଣିଥିଲେ । ଘଟଣାସ୍ଥଳରୁ ଡ୍ରାଇଭର ଫେରାର୍ ହୋଇଯାଇଥିଲା। ପୋଲିସ କେଶନଂ ୨୩/ ୨୦୨୪ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ବିଭିନ୍ନ ସ୍ଥାନରେ ଶିବରାତ୍ରି ପାଳିତ



**ବଲାଙ୍ଗୀର**,୮।୩ ପବିତ୍ର ଶିବରାତ୍ରି ବା ଜାଗର । ଏହାକୁ ନେଇ ବିଭିନ୍ନ ଶୈବପୀଠରେ ଆଜି ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି । ମହାଦେବ ଭକ୍ତଙ୍କର ମନସ୍କାମନା ପୂରଣ କରୁଥିବାରୁ ଏଠାକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି । ସକାଳୁ ସକାଳୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଭକ୍ତଙ୍କ ନିମନ୍ତେ ପୂଜାର ବ୍ୟବସ୍ଥା କରାଯାଇଛି । ସମସ୍ତ ଭକ୍ତଙ୍କ ହାତରେ ରହିଛି ପୂଜା ଡାଲା ଏବଂ ପୂଜା ସାମଗ୍ରୀ । ମନରେ ରହିଛି ଅନେକ ଆବେଗ ଏବଂ ବିଶ୍ୱାସ । ଶ୍ରଦ୍ଧାଳୁମାନେ ଦର୍ଶନ ନିମନ୍ତେ ଆସୁଥିବା ଦେଖିବାକୁ ମିଳିଛି । ଏହା ସହିତ ଶାନ୍ତିଶୃଙ୍ଖଳାର ସହିତ ଜାଗର ଯାତ୍ରା ପାଳନ କରିବା ନିମନ୍ତେ ଉଭୟ ମନ୍ଦିର କମିଟି, ପୋଲିସ୍? ପ୍ରଶାସନ ଏବଂ ଅଗ୍ନିଶମ ବିଭାଗ ପ୍ରଶାସନ ସଜାଗ ରହିଛନ୍ତି । ବଲାଙ୍ଗିର ଜିଲ୍ଲାର ସର୍ବ ପୁରାତନ ଐତିହ୍ୟ ସମ୍ପନ୍ନ ଯୋଗିନୀ ପୀଠ ରାଣୀପୁରଝରିଆଲ ସୋମେଶ୍ୱର ଶୈବପୀଠରେ ମହାଶିବରାତ୍ରି ପାଇଁ ଚଳଚଂଚଳ ହୋଇଛି । ଶୈବ, ଶାକ୍ତ, ବୌଦ୍ଧ, ଗାଣପତ୍ୟ ଓ ତନ୍ତ୍ର, ମନ୍ତ୍ରର ପୀଠରେ ମହାଶିବରାତ୍ରି ପାଳନ ହୋଇଥିବାରୁ ଉଭୟ ଯୋଗିନୀ ଓ ସୋମେଶ୍ୱର ମହାଦେବ ଭକ୍ତଙ୍କ ମଧ୍ୟରେ ଏହି ମହାଶିବରାତ୍ରି ଅବସରରେ ମହାଦେବଙ୍କୁ ଥରୁଟିଏ ଦର୍ଶନ କରିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ଆତୁର ହୋଇ ପଡୁଥିବା ଦେଖାଦେଇଥିଲା । ସୋମେଶ୍ୱର ମହାଦେବ ମନ୍ଦିରର ମୁଖ୍ୟ ପୂଜକ ଜଗମୋହନ ତ୍ରିପାଠୀ କାର୍ଯ୍ୟ ତୁଲାଉଛନ୍ତି । ଚଳିତ ବର୍ଷ ପ୍ରଥମ ଦିନରୁ ହିଁ ବହୁ ଭିଡ ପରିଲକ୍ଷିତ ହୋଇଛି । ୫ ଦିନ ଧରି ଚାଲିବ ମେଳା । ଯାହା ଫଳରେ ପୋଲିସ ପ୍ରଶାସନ ଓ କମିଟିର ସଦସ୍ୟମାନଙ୍କୁ ଶାନ୍ତି ଶୃଙ୍ଖଳା ରଖିବା ପାଇଁ ବହୁ ପରିଶ୍ରମ କରିଛନ୍ତି । ସୋମେଶ୍ୱର ମହାଦେବଙ୍କ ଦର୍ଶନ କରିବା ସହ ମେଳାରେ ଆସିଥିବା ଦୋକାନ ବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ଉପଭୋଗ କରିଛନ୍ତି ।



**ଜୟପୁର**,(ନି ପ୍ର): ମହାଶିବରାତ୍ରି ରେ ଝଲସି ହୋଇ ଉଠିଲା ଜୟପୁର ସହର। ବିଭିନ୍ନ ପ୍ରକାର ଫୁଲ ଓ ଆଲୋକ ମାଳାରେ ସୁସଜ୍ଜିତ ହୋଇପଡ଼ିଛି ସାରା ସହରର ସମସ୍ତ ଶିବ ମନ୍ଦିର। ମହାଶିବରାତ୍ରୀ ପାଇଁ ଆଜି ସହର ଉତ୍ସବ ମୁଖର ହୋଇଉଠିଛି।ଗାଁରୁ ସହର ସବୁଠି ଆନନ୍ଦ, ଉଲ୍ଲାସ ଓ ଉତ୍ସାହର ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ସହ ଜାଗର ଜାଳିଛନ୍ତି। ଭକ୍ତମାନେ ପରିବାର ତଥା ସଂସାରର ମଙ୍ଗଳକାମନା କରିଛନ୍ତି। ଶିବରାତ୍ରୀ ପାଇଁ ଆଜି ଭୋରରୁ ସମସ୍ତ ଶିବ ମନ୍ଦିରରେ ପ୍ରବଳ ଗହଳି ଆରମ୍ଭ ହୋଇଯାଇଥିଲା। ଜୟପୁର ସହରର ସମସ୍ତ ଶୈବପୀଠରେଦିନତମାମ ରାତିସାରା ଶ୍ରଦ୍ଧାଳୁମାନଙ୍କ ସମାଗମ ଦେଖିବାକୁମିଳିଥିଲା।



**ମୁନିଗୁଡ଼ା**,୮।୩(ନିପ୍ର): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ସଦର ମହକୁମା ଗୌଡ଼ ସାହି ନିକଟସ୍ଥ ଧବଳେଶ୍ୱର ଶିବ ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ସକାଳୁ ସକାଳୁ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ମନ୍ଦିର ପରିଚାଳନା କମିଟି ତରଫରୁ ଭକ୍ତ ମାନଙ୍କ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଚଳିତ ବର୍ଷ ଭକ୍ତ ମାନଙ୍କ ମଧ୍ୟରେ ଈଶ୍ୱର ବିଶ୍ୱାସର ଭାବାବେଗ ଅଧିକ ଦେଖିବାକୁ ମିଳୁଥିଲା।ବହୁ ଯୁବାବର୍ଗ ଭଗବାନଙ୍କ ଦର୍ଶନାର୍ଥି ଭାବେ ମନ୍ଦିରକୁ ଆସିବା ସନାତନି ପରମ୍ପରା ପାଇଁ ଶୁଭ ସଙ୍କେତ ବୋଲି ମନ୍ଦିରର ପୂଜକ ସନ୍ତୋଷ ନନା କହିଥିଲେ। ସେହିପରି ପବିତ୍ର ବଂଶଧାରା ନଦୀ ତଟସ୍ଥ କୁମୁଡ଼ାବାଲିର ପ୍ରକୃତି କୋଳରେ ବିରାଜମାନ ବାଲୁଙ୍କେଶ୍ୱର, ଦହିଖାଲରେ ବିରାଜମାନ ସର୍ବେଶ୍ୱର, ପାତ୍ରଗୁଡ଼ାର ବାବା ଅଖଣ୍ଡଳେଶ୍ୱର, ମୁନିଖୋଲର ଲିଙ୍ଗରାଜ, ଭଇରବଗଡର ନୀଳକଣ୍ଠେଶ୍ୱର, ହୁକୁମତୋଲାର ମୀନକେତନଶ୍ୱର, ହାଟ ମୁନିଗୁଡା ମନ୍ଦିରର ଚନ୍ଦ୍ରଶେଖର ମହାଦେବଙ୍କ ଦର୍ଶନ ଲାଗି ଭିଡ଼ ଜମିଛି । ସମସ୍ତ ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ଶୃଙ୍ଖଳିତ ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ମୁନିଗୁଡ଼ା ପୋଲିସ ଶୈବ ପୀଠରେ ଉପସ୍ଥିତ ରହିଛି। ମୁନିଗୁଡ଼ା ଓ ଆଖପାଖ ଶୈବପୀଠ ନିକଟରେ ଭୋଗ, ନଡ଼ିଆ, କଦଳୀ, ଫଳ, ଘିଅ, ଦିପାଳି, ବେଲପତ୍ର ଏବଂ ମହାଦେବଙ୍କ ପ୍ରିୟ ଫୁଲ ଚମ୍ପା, ଦୁଦୁରା, ଅରଖ, କେତକୀ ଫୁଲର ଚାହିଦା ବେଶ ଅନୁଭୂତ ହେଉଥିଲା।

# ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ କର୍ମଶାଳା




ବଲାଙ୍ଗୀର,୮।୩ (ନିପ୍ର) ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ନିମନ୍ତେ ଏକ ଦିବସୀୟ କର୍ମଶାଳା। ଜିଲ୍ଲାପାଳଙ୍କ ପୁରୁଣା ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି ଏହି ଅବସରରେ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ ) ସଚିଦାନନ୍ଦ ମିଶ୍ର , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଲକ୍ଷ୍ମୀ ସିଂ,ପୂର୍ବତନ ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି , ଆଇନ ଅଧିକାରୀ ଦିଗାମ୍ବର କର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରି ଶ୍ରୀ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ତାଲିମ କାର୍ଯ୍ୟକ୍ରମ ଗଣମାଧ୍ୟମ କର୍ମଚାରୀଙ୍କ ପାଇଁ ଶିଶୁ ସୁରକ୍ଷା ସହ ଜଡିତ ସମସ୍ୟାଗୁଡିକ ଉପରେ ରିପୋର୍ଟ କରିବାରେ ସେମାନଙ୍କର ଜ୍ଞାନ ଏବଂ କୌଶଳକୁ ଗଭୀର କରିବା ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବା ଓ ସେମାନଙ୍କ କାର୍ଯ୍ୟକ୍ଷେତ୍ର ଅଧୀନରେ ଥିବା ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସହାୟକ ହେବ ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଚିଦାନନ୍ଦ ମିଶ୍ର ମତ ପ୍ରକାଶ କରିଥିଲେ । ଆବଶ୍ୟକୀୟ ସାଧନ ଏବଂ ଅନ୍ତର୍ନିହିତ ସୂଚନା ସହିତ ଶିଶୁମାନଙ୍କ ସହିତ ଜଡିତ କାହାଣୀକୁ ସମ୍ବେଦନଶୀଳ ଭାବରେ ଆବୃତ୍ତି କରିବା ସହିତ ନୈତିକ ମାନଦଣ୍ଡକୁ ସମର୍ଥନ କରିବା ଏବଂ ସେମାନଙ୍କର ଗୋପନୀୟତା ଏବଂ ସମ୍ମାନର ଅଧିକାରକୁ ସମ୍ମାନ ଦେବା ଭଳି ବିଷୟ ଉପରେ ଆଲୋଚନା କରିଥିଲେ ସମ୍ମାନିତ ଅତିଥି ଯୋଗେଶ୍ୱର ମହାନ୍ତି ଶିଶୁମାନଙ୍କର ଅଧିକାର ରକ୍ଷା କରିବାରେ ଗଣମାଧ୍ୟମ, ସରକାରୀ ଏଜେନ୍ସି ଏବଂ ନାଗରିକ ସମାଜ ମଧ୍ୟରେ ମିଳିତ ଆଭିମୁଖ୍ୟକୁ ସୁନିଶ୍ଚିତ କରିବା ଉପରେ ପ୍ରଶିକ୍ଷଣରେ ବିସ୍ତୃତ ଭାବେରେ ବୁଝାଇ ଥିଲେ ତତ୍‌ସହିତ ଶିଶୁ ନିର୍ଯାତନା, ଶୋଷଣ ଏବଂ ଅବହେଳା ଭଳି ପ୍ରସଙ୍ଗରେ ଆଲୋକିତ କରିବାରେ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଶ୍ରୀମତି ଲକ୍ଷ୍ମୀ ସିଂ ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ



ଯାଜପୁର,୮।୩(ନିପ୍ର) : ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷ ରୁ ଯାଜପୁର ବ୍ଲକ୍ ବିଚିତ୍ର ପୁର ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ପ୍ରାଧିକରଣର ସଚୀବ ଜ୍ୟୋତିର୍ମୟୀ ଦାସଙ୍କ ଅଧ୍ୟକ୍ଷତା ରେ ବିଶ୍ୱ ମହିଳା ଦିବସ ପାଳିତ ହୋଇ ଯାଇଛି । ଏଥିରେ ଅତିଥି ଆଲୋଚକ ଭାବେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ଡ଼ ରୁଦ୍ରନାରାୟଣ ପୃଷ୍ଟି , ଯାଜପୁରର ମଣ୍ଡଳ ଉନ୍ନୟନ ଅଧିକାରୀ ସ୍ୱାଗତ ଦାସ ଓ ଅଧିବକ୍ତା କୁଳମଣି ନାୟକ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ର କଥାସ୍ତୁ ମହିଳା ମାନଙ୍କ ତ୍ୱରାନ୍ୱିତ ପ୍ରଗତି ପାଇଁ ପୁଞ୍ଜି ନିବେଶ ଆଧାରରେ ଆଲୋଚନା କରିବା ସହିତ ପରିବାର ସମାଜ ଓ ରାଷ୍ଟ୍ର ଗଠନରେ ମହିଳାଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ବିଷୟ ରେ ଆଲୋକପାତ କରିଥିଲେ।ସ୍ଥାନୀୟ ସରପଞ୍ଚ ଦେବାଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ପ୍ରାଧିକରଣର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ରୋଗୀଙ୍କୁ ଖାଦ୍ୟ ବଣ୍ଟନ କଲା ଜିଲ୍ଲା ୮୪ ଘର ଅଘରିଆ ସମାଜ



ବଲାଙ୍ଗୀର,୮।୩((ନିପ୍ର): ପବିତ୍ର ଶିବରାତ୍ରି ଉପଲକ୍ଷେ ୮୪ ଘର ଅଘରିଆ ସମାଜ ବଲାଙ୍ଗୀର ଟ୍ରଷ୍ଟ ପକ୍ଷରୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ହଜାରରୁ ଅଧିକ ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ମଲମଣ୍ଡା ଗ୍ରାମ୍ୟ କମିଟି ଯୁବାବର୍ଗ ଓ କର୍ମକର୍ତ୍ତାଙ୍କ ପୂର୍ଣ୍ଣ ସହଯୋଗରେ ଖାଦ୍ୟ ପ୍ରସ୍ତୁତି ଓ ବଣ୍ଟନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ଓ କର୍ମକର୍ତ୍ତା, ଗୁଡ଼ି ସଭାପତି ଓ କର୍ମକର୍ତ୍ତା, ପୁସ୍ତକ କମିଟି, ଯୁବାମଞ୍ଚ, କୃଷକ ମଞ୍ଚ, ନିର୍ମାଣ କମିଟି ଓ ଉପଦେଷ୍ଟା ମଣ୍ଡଳୀ ସହ ବିଭିନ୍ନ ଅଞ୍ଚଳର ଗ୍ରାମ୍ୟ କମିଟିର ଯୁବ ସମାଜ ସମେତ ବିବେକା ନନ୍ଦ ପଟେଲ, ଯଦୁନାଥ ପଟେଲ, ଚିତ୍ତ ରଞ୍ଜନ ପଟେଲ, ଅନ୍ତ ପଟେଲ ଓ ଆଶୁତୋଷ ପଟେଲ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଫିଲିଙ୍ଗ୍ ଷ୍ଟେସନ ଉଦ୍‌ଘାଟିତ




ଏରସମା,୮।୩(ନିପ୍ର): ଏରସମା ବ୍ଲକ୍ ଅନ୍ତର୍ଗତ ବାଲିତୁଠ ଠାରେ ପବିତ୍ର ଜାଗର ଯାତ୍ରା ଅବସରରେ ଜଇରାମ ଫିଲିଙ୍ଗ ଷ୍ଟେସନର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। ଆୟୋଜିତ ଉତ୍ସବରେ ବାଲିକୁଦା ଏରସମା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଓ ଭାରତୀୟ ଜନତା ପାର୍ଟି ଜଗତସିଂହପୁର ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଇରାମ ଫିଲିଙ୍ଗ ଷ୍ଟେସନର ଶୁଭ ଉଦଘାଟନ କରିଥିଲେ। ବାଲିତୁଠର ଯୁବ ସମାଜସେବୀ ରଶ୍ମିରଞ୍ଜନ ଖୁଣ୍ଟିଆଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏରସମା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିକାଶ ପରିଡ଼ା, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଡ଼ା.ବିପିନ୍ ସାମନ୍ତରାୟ, ହାଡିବନ୍ଧୁ ରାଉତ, ଫିଲିଙ୍ଗ ଷ୍ଟେସନ ପରିଚାଳକ ଚନ୍ଦନ ପୁହାଣ ଓ କରୁଣାକର ଦାସ ପ୍ରମୁଖ ଯୋଗଦେଇଥିଲେ।

# ବାବା ଧବଳେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ଆଠଗଡ, ୮।୩(ନି.ପ୍ର): ପବିତ୍ର ଜାଗର ଯାତ୍ରା, କୁହାଯାଏ ଯେ ଏହି ଦିନରେ ପ୍ରାଣୀ ଜଗତର ରକ୍ଷା ପାଇଁ ଭଗବାନ ଶିବ ସମୁଦ୍ର ମନ୍ଥନରୁ ବାହାରିଥିବା କାଳକୁଟ ବିଷକୁ ପାନକରିଥିଲେ। ତେଣୁ ଏହି ଦିବସକୁ ଜାଗର ଯାତ୍ରା ଭାବେ ପାଳିତ ହୋଇଆସୁଛି। ଆଠଗଡ ଉପଖଣ୍ଡରେ ତିନିଗୋଟି ପ୍ରମୁଖ ଶୈବପୀଠ ଯଥା ବାବା ଶ୍ରୀଶ୍ରୀ ଧବଳେଶ୍ୱର, ବାବା ଶ୍ରୀଶ୍ରୀ ସର୍ପେଶ୍ୱର ଓ ବାବା ଶ୍ରୀଶ୍ରୀ ସିଂହନାଥଙ୍କ ପୀଠରେ ଜାଗର ଯାତ୍ରା ପାଇଁ ଦେବୋତ୍ତର ପ୍ରଶାସନ ଓ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାବା ଧବଳେଶ୍ୱରଙ୍କ ପୀଠରେ ଶୃଙ୍ଖଳିତ ଦର୍ଶନ ପାଇଁ ଦୁଇ ପ୍ଲାଟୁନ ଫୋର୍ସ, ୪୦ ଜଣ ପୋଲିସ ଅଧିକାରୀ, ଜଣେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜଣେ ଉପଆରକ୍ଷୀ ଅଧିକ୍ଷକ, ୬ ଜଣ ଆରକ୍ଷୀ ନିରୀକ୍ଷକଙ୍କ



ସହ କନେଷ୍ଟବଳ ଓ ଗୃହରକ୍ଷୀମାନଙ୍କୁ ମୁତୟନ କରାଯାଇଛି। ଭୋରରୁ ବାବାଙ୍କ ଦ୍ୱାରଫିଟା, ମହାସ୍ନାନ, ଅବକାଶ, ମଙ୍ଗଳ ଆଳତି, ବଲ୍ଲଭ ଭୋଗ ପରେ ବାବାଙ୍କ ଦର୍ଶନ ସକାଳୁ ଆରମ୍ଭ ହୋଇଥିଲା। ଶାନ୍ତିଶୃଙ୍ଖଳାର ଯାତାୟାତ ପାଇଁ କଂକ୍ରିଟ ସେତୁଠାରୁ ମନ୍ଦିର ପର୍ଯ୍ୟନ୍ତ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଛି। ଖବର ଲେଖା ହେବା ଅର୍ଥାତ ରାତ୍ର ଆଠଘଟିକା ସୁଦ୍ଧା ପୀଠରେ ପ୍ରାୟ ୨୦ ହଜାର ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦର୍ଶନ କରିଥିବା ଜଣାପଡ଼ିଛି। ସମଗ୍ର ପୀଠକୁ ଆଲୋକିକରଣ କରାଯିବା ସହ ଅସାମାଜିକ ବ୍ୟକ୍ତି ଓ ପକେଟମାରମାନଙ୍କ ପ୍ରତି ନଜର ରଖିବାକୁ ବ୍ୟାପକ ସିସି କ୍ୟାମେରା ଲଗାଯାଇଛି। ଶୁଦ୍ଧ ପାନୀୟ ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଓ ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅଘଟଣ ରୋକିବାକୁ ଅଗ୍ନିଶର୍ମ ବାହିନୀକୁ ମୁତୟନ କରାଯିବା ସହ ପାୱାର ବୋଟ ରଖାଯାଇଛି। ରାତ୍ର ପ୍ରାୟ ଗୋଟାଏ ବେଳେ ମହାଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି। ମହାଦୀପ ଉଠିବା ପରେ ପ୍ରସିଦ୍ଧ ମାଣ୍ଡୁଅ ଭୋଗ ଲାଗିହେବା ପରେ ଭକ୍ତମାନଙ୍କୁ ବିତରଣ କରାଯିବ। ଆଠଗଡ ଉପଜିଲ୍ଲାପାଳ ପ୍ରସାନ୍ତ କୁମାର ତରାଇ, ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ, ଚୌଦ୍ୱାର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଉମାକାନ୍ତ ନାୟକ, ଗୁରୁଡ଼ିଝାଟିଆ ଥାନା ଆରକ୍ଷୀ ନିରୀକ୍ଷକ ପରେଶ କୁମାର ନାୟକ ପ୍ରମୁଖ ପୀଠରେ ଉପସ୍ଥିତ ଥିବାର ଦେଖାଯାଇଥିଲା।

# ଆନ୍ତର୍ଜାତିକ ମହିଳା ଦିବସ ପାଳିତ




ହିନ୍ଦୋଳ, ୮।୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଅଡ଼ିଟରିୟମରେ ଯୁବ ରେଡକ୍ରସ ପକ୍ଷରୁ ଇତିହାସ ବିଭାଗର ଅଧାପିକା ତଥା କାର୍ଯ୍ୟକ୍ରମର ସଂଯୋଜିକା ପ୍ରିୟଙ୍କା ଟିଗାଙ୍କ ପରିଚାଳନାରେ କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରୀମାନଙ୍କୁ ନେଇ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଛି । ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ସାହୁ ଯୋଗ ଦେଇ ଭାରତୀୟ ଇତିହାସରେ ବହୁ ବିଦୁଷୀ ନାରୀମାନଙ୍କର ଗୌରବ ଗାଥା ଲିପିବଦ୍ଧ ହୋଇଥିଲେ ହେଁ ସମୟର ପରିବର୍ତ୍ତନ ଓ ଲୋକଚରିତ୍ରର ଅବକ୍ଷୟ ହେତୁ ଆଜିର ନାରୀ ସମାଜ ଯଥୋଚିତ ସମ୍ମାନ ପାଇବାରୁ ବଞ୍ଚିତ ହେଉଛି ବୋଲି ତାଙ୍କ ପ୍ରତିକ୍ରିୟାରେ ମତ ସାବ୍ୟସ୍ତ କରିଥିଲେ । ଏଥିରେ ଅଧାପକ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଜୟନ୍ତ ନାରାୟଣ ପତି, ଡ଼. ମହେନ୍ଦ୍ର କୁମାର ସ୍ୱାଇଁ, ଶୈଲ୍ୟ ସାମଲ ଓ ଅଧାପିକା ନିଲମ ଡୁଙ୍ଗଡୁଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ହେବା ସହ ନିଜସ୍ୱ ବକ୍ତବ୍ୟ ମାଧମରେ ପ୍ରତ୍ୟେକ ନାରୀ ଉପଯୁକ୍ତ ଶିକ୍ଷା ଲାଭ କଲେ ଭାରତୀୟ ନାରୀମାନେ ଯେ, ଏକ ଉନ୍ନତ ଓ ସମୃଦ୍ଧ ଭାରତ ଗଠନ କରିବାରେ ପରମ ସହାୟିକା ହେବେ, ଏହା ନିଃସନ୍ଦେହ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ୩ (ବିଜ୍ଞାନ )ଶେଷ ବର୍ଷର ଛାତ୍ରୀ ପ୍ରଜ୍ଞାସ୍ମିତା ଜେନାମଣି ନାରୀ ଜାତିର ଅନ୍ତର୍ନିହିତ ଶକ୍ତିର ବିକାଶ ଓ ମାତୃଜାତିର ମର୍ଯ୍ୟଦା ରକ୍ଷା କରିବା ଆମ ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି ଅବିହିତ କରିଥିଲେ । ପରିଶେଷରେ ଶିକ୍ଷା ବିଭାଗର ଅଧାପକ ବ୍ରଜକିଶୋର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୮ ପଞ୍ଚାୟତର ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ



କଣିହାଁ, ୮।୩(ନି.ପ୍ର): ତାଳଚେର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣିହା ବ୍ଲକର ୮ଟି ପଞ୍ଚାୟତର ନୂତନ ହିତାଧିକାରୀଙ୍କୁ ଶୁକ୍ରବାର ଭତ୍ତା ପ୍ରଦାନ କରାଯାଇଛି । ବଡଗୁଣ୍ଡୁରି, ଗଦାଶିଳା, କମରେଇ ଏବଂ ବଡ଼ତ୍ରିବିଡା ପଞ୍ଚାୟତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ନେଇ ଅତିଥିଭାବେ ତାଳଚେର, ବିଧାୟକ ବ୍ରଜ କିଶୋର ପ୍ରଧାନ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷ ଜୟନ୍ତୀ ପ୍ରଧାନ, ଜିଲ୍ଲାପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ସଂସାଦଙ୍କ ପ୍ରତିନିଧି ନିର୍ମଳ କୁମାର ସାହୁ, ବ୍ଲକ କାର୍ଯ୍ୟକାରି ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ବେହେରା, ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ବୁଲୁ ବିଶ୍ୱାଳ, ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ୧୮୩ ଜଣକୁ ଭତ୍ତା ପ୍ରଦାନ କରିଥିଲେ ।

## ଶୈବପୀଠରେ ମହାଶିବରାତ୍ରି ପାଳିତ



ଓଡ଼ାପଡ଼ା, ୮।୩(ନି.ପ୍ର): ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଶୈବପୀଠମାନଙ୍କରେ ମହାଶିବରାତ୍ରି ମହାଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ତଳବାଘଲୁଣ୍ଡା ଗ୍ରାମ ସ୍ଥିତ ସପ୍ନେଶ୍ୱର ମହାଦେବ ମନ୍ଦିରରେ ସକାଳରୁ ମଙ୍ଗଳ ଆଳତି, ସ୍ନାନୋତ୍ସବ, ସୂର୍ଯ୍ୟ ପୂଜା ଓ ପୂଜାବିଧି ଆରମ୍ଭ ହୋଇଯାଇଛି। ରୁଦ୍ରାଭିଷେକ ରାତ୍ର ପ୍ରହର ଷୋଡ଼ଶ ଉପଚାର ପୂଜା ଓ ମହାରୁଦ୍ରାଭିଷେକ। ସନ୍ଧ୍ୟାରୁ ଭଜନ ସମାରୋହ। ରାତ୍ର ସମୟରେ ମହାଦୀପ ଦର୍ଶନ କାର୍ଯ୍ୟକ୍ରମ ରହିଥିବା ତଳବାଘଲୁଣ୍ଡା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ନାଧରା ସ୍ଥିତ ଗୋକନେକଶ୍ୱର ମହାଦେବ ମନ୍ଦିର, ବଳରାମପ୍ରସାଦ ସ୍ଥିତ କୁଶେଳଶ୍ୱର ମହାଦେବ ମନ୍ଦିର, ଜୀବନଖୋଲ ସ୍ଥିତ ଜୀନେଶ୍ୱର ମହାଦେବ ମନ୍ଦିର ଓ ଅନ୍ୟାନ୍ୟ ମହାଦେବ ମନ୍ଦିରମାନଙ୍କରେ ମହାଶିବରାତ୍ରି ମହାଆଡମ୍ବରରେ ପାଳିତ ହୋଇଯାଇଛି । ଏହା ସହିତ ଓଡ଼ାପଡ଼ା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରେ ପ୍ରସ୍ତାବିତ ବାବା ଓଡେଶ୍ୱର ପୀଠରେ ମହାଶିବରାତ୍ରି ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛ।

## ବ୍ରହ୍ମା କୁମାରୀ ପକ୍ଷରୁ ଶିବରାତ୍ରି



ହରଭଙ୍ଗା,୮।୩(ନି.ପ୍ର): ହରଭଙ୍ଗା ବ୍ଲକ ପୁରୁଣା କଟକଠାରେ ପ୍ରଜାପତି ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପୁରୁଣାକଟକ ଶାଖା ପକ୍ଷରୁ ମହାଆଡ଼ମ୍ବର ସହ ଶିବ ଜୟନ୍ତୀ ବା ମହାନ ଶିବରାତ୍ରି ଅନୁଷ୍ଠାନର ଭାଇ ଭଉଣୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଶାନ୍ତି ପ୍ରାର୍ଥନା ସହ ବ୍ରହ୍ମା କୁମାରୀ ପତାକାକୁ ସାମୂହିକ ଭାବେ ଉତୋଳନ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅଶୋକ ସେଠି, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଭାଗବତ ମେହେର ଓ ଅନ୍ୟତମ ଅତିଥି ଭାବେ ବିଭୁଦତ୍ତ ବୋଷ ଓ କୁମୁଦ ଚନ୍ଦ୍ର ସାହୁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ସହ ନିଜର ମତ ରଖିଥିଲେ । ପରେ ଶାଖାର ମୁଖ୍ୟ ବ୍ରହ୍ମା କୁମାରୀ ଭଉଣୀ ବିକେ ଟୁନିଙ୍କ ଦ୍ୱାରା ଜୀବନ ଚକ୍ରର ଶାନ୍ତି କ'ଣ ସେ ଉପରେ ଉତ୍ତମ ପରାମର୍ଶ ଦେଇଥିଲେ । ଅନୁଷ୍ଠାନ ଭଉଣୀ ବିକେ ଶିବାନୀ, ବିକେ ପ୍ରସାଦ, ବିକେ ଏକାଦଶୀଙ୍କ ସମେତ ସମସ୍ତ ଭାଇ ଭଉଣୀମାନେ ଉପସ୍ଥିତ ଥିଲେ।

## ପାଲଲହଡ଼ାରେ ନୂଆ ଚେହେରା ପ୍ରାର୍ଥୀଙ୍କ ଅଙ୍କକଷା

ପାଲଲହଡା, ୮।୩(ନି.ପ୍ର): ପାଲଲହଡା ନିର୍ବାଚନ ମଣ୍ଡଳୀରେ ଅଗାମୀ ନିର୍ବାଚନ ନେଇ ସରଗରମ ହୋଇଉଠିଛି। ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୈତିକ ଉଷ୍ମତା ବୃଦ୍ଧି ପାଉଛି। ପାଲଲହଡା ନିର୍ବାଚନ ମଣ୍ଡଳୀର ପୁରୁଣା ପାର୍ଥିଙ୍କ ଅପେକ୍ଷା ନୂତନ ପାର୍ଥିଙ୍କୁ ନେଇ ସବୁ ଦଳ ଚିନ୍ତାରେ ପଡୁଛି। ପାଲଲହଡା ଓଡିଶା ବିଧାନସଭା କ୍ଷେତ୍ରରେ ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ । ଏହି ନିର୍ବାଚନ ମଣ୍ଡଳୀ ପୂର୍ବରୁ କଂଗ୍ରେସର ଗଡ଼ ଥିବାବେଳେ, ଥରେ ଜନତା ଦଳ ଦଳ ଓ ପରେ ବିଜେଡି – ବିଜେପି ଗଠବନ୍ଧନରେ ଭାଜପା ଜିତିଥିବା ବେଳେ ଏହା ପରେ କଂଗ୍ରେସକୁ ବିଜୟ ମିଳିଥିଲା। ମାତ୍ର ତା' ପରଠାରୁ ବିଜେଡି ପାର୍ଥି ବଦଳାଇ କ୍ରମାଗତ ତିନିଥର ବିଜୟ ମକୁଟ ପିନ୍ଧିଛି। ମାତ୍ର ୨୦୨୪ ନିର୍ବାଚନରେ ଏହାର ବିକଳ୍ପ ଚିତ୍ର ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି। ତିନି ପ୍ରମୁଖ ଦଳରୁ ନୂତନ ପାର୍ଥିଙ୍କୁ ନେଇ ବିଶେଷ ଆଲୋଚନା ଜୋରଧରିଛି। ଘଡିକୁ ଘୋଡା ଛୁଟିଲା ଭଳି ଦିନକୁ ଦିନ ନୂତନ ପାର୍ଥିଙ୍କ ମୁହଁ ଦେଖିବାକୁ ମିଳୁଛି। ବିଜେଡିରୁ ସ୍ନାୟୁ ରୋଗ ବିଶେଷଜ୍ଞ ଡାକ୍ତର ପ୍ରତାପ ପାଣି ଟିକେଟ ଦୌଡ଼ରେ ଥିବା ବେଳେ ବିଜେପିର ବରିଷ୍ଠ ବିଜେପି ନେତା ଲିଙ୍ଗରାଜ ଦାସ, ନିଜିଗଡ଼ ସରପଞ୍ଚ ଶଶୀଭୁଷଣ ଆଚାର୍ଯ୍ୟ ଓ ଜଗମୋହନ ପ୍ରଧାନ ଟିକେଟ ଦୌଡ଼ରେ ଅଛନ୍ତି । ସେହିଭଳି ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିବା ମନୋଜ କୁମାର ସାହୁ ଟିକେଟ ଦୌଡ଼ରେ ସାମିଲ ହେବେ ବୋଲି ଅନୁମାନ। ବିଜେଡି ପୁରୁଣା ଇତିହାସକୁ ବଜାଇ ରଖି ପୁରୁଣା ପାର୍ଥିଙ୍କୁ ବଦଳାଇ ନୂତନ ପାର୍ଥି ଦେବ କି ନାହିଁ ତାହା ସ୍ପଷ୍ଟ ହୋଇନି। ଅପରପକ୍ଷରେ ବିଜେଡି – ବିଜେପି ମେଣ୍ଟକୁ ନେଇ ପାର୍ଥୀଙ୍କ ମଧରେ ଭାଲେଣି ପଡିଲାଣି। ତେଣୁ ଏଥର ଯଦି ମେଣ୍ଟ ହୁଏ, ତେବେ ପାଲଲହଡା ନିର୍ବାଚନ ମଣ୍ଡଳୀ ଭୋଟର କାହା ମୁଣ୍ଡରେ ସୁନା କଳସ ଢ଼ାଳିବେ, ସେହି ଅପେକ୍ଷାରେ ଅଛନ୍ତି।

# ଭୟାବହ ଅଗ୍ନିକାଣ୍ଡରେ ଘରପୋଡି ପାଉଁଶ

ହିନ୍ଦୋଳ, ୮।୩(ନି.ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ରସୋଳ ଅଂଚଳରେ ଅଗ୍ନିକାଣ୍ଡ ଘଟି ଜଣେ ବ୍ୟକ୍ତିଙ୍କର ରହିବା ଚାଳଘର ସବୁ ପୋଡି ଭସ୍ମିଭୁତ ହୋଇଯାଇଛି। ଖବରରୁ ପ୍ରକାଶ ହିନ୍ଦୋଳ ଉପଖଣ୍ଡର ରାସୋଳ ଥାନା ଅନ୍ତର୍ଗତ ମୁଣ୍ଡିଆପସି ଗ୍ରାମରେ ଅଗ୍ନିକାଣ୍ଡରେ ତିନି ବଖରା ବାସଗୃହ ପୋଡି ସମ୍ପୂର୍ଣ ପାଉଁଶ ହୋଇଯାଇଛି। ବିଳମ୍ବିତ ରାତିରେ ମୁଣ୍ଡିଆପଶି ଗ୍ରାମର ପ୍ରଫୁଲ୍ଲ ପାଳଙ୍କ ଚାଳଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା ଯେଉଁ ସମୟରେ ପ୍ରଫୁଲ୍ଲ ଏବଂ ତାଙ୍କ ସ୍ତ୍ରୀ ଘରେ ଶୋଇଥିଲେ । ନିଆଁ ଦେଖି ବାହାରେ ସ୍ଥାନୀୟ ଲୋକେ ଉଠି ପାଟି କରି ଡାକିଥିଲେ ଏବଂ ପ୍ରଫୁଲ୍ଲ ଉଠିବା ବେଳକୁ ସବୁ ଛାରଖାର ହୋଇଯାଇଥିଲା ।



ଖବରପାଇ ରାସୋଳ ଦମକଳ ବାହିନୀ ନିଆଁ ଲିଭାଇଥିଲେ । କେବଳ ପିନ୍ଧା ଲୁଗା ବ୍ୟତୀତ ସବୁ ସମ୍ପତି ପୋଡି ପାଉଁଶ ହୋଇଯାଇଛି । ପ୍ରାୟ ଲକ୍ଷାଧିକ ଟଙ୍କାର ଆସବାବପତ୍ର, ପିନ୍ଧା ଲୁଗା, ବାସନକୁସନ ଇତ୍ୟାଦି ସହ ଘରେ ଥିବା ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ବସ୍ତୁ ପୋଡି ଯାଇଥିବା ଅନୁମାନ କରାଯାଉଥିବା ବେଳେ ପ୍ରଫୁଲ୍ଲ ସମସ୍ତ ହରାଇ ସର୍ବଶ୍ରାନ୍ତ ହୋଇ ଅସହାୟ ଅବସ୍ଥାରେ ସରକାରୀ ସହାୟତା ଅପେକ୍ଷାରେ ପଡ଼ି ରହିଛନ୍ତି। ଏପଟେ ଖବର ପାଇ ରସୋଳ ସରପଞ୍ଚ ଦିବାକର ନାଏକ ଘଟଣାସ୍ଥଳରେ ପହଂଚି ପୀଡିତ ପ୍ରଫୁଲ୍ଲଙ୍କୁ ରାସନ ସାମଗ୍ରୀ ସହ ଆର୍ଥିକ ସହାୟତା ଯୋଗାଇଦେବା ସହ ସାନ୍ତ୍ୱନା ଦେଇଥିଲେ। ରାଜସ୍ୱ ନିରୀକ୍ଷକଙ୍କୁ ଡକାଇ କ୍ଷୟକ୍ଷତି ଆକଳନ କରାଇବା ସହ ପ୍ରଫୁଲ୍ଲ କିପରି ଉଚିତ ସରକାରୀ ସହାୟତା, ବାସଗୃହ ଯୋଗାଇ ଦେବାପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ସମସ୍ତ ସହଯୋଗ କରିବେ ବୋଲି କହିଛନ୍ତି। ପ୍ରଫୁଲ୍ଲଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦିଆଯିବା ସହ ବାସଗୃହ ଯୋଗାଇ ଦେବାପାଇଁ ସ୍ଥାନୀୟ ଜନସାଧାରଣ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି।

## ନାବାର୍ଡ ପକ୍ଷରୁ ସାମାଜିକ କର୍ମଶାଳା




ବଅଁରପାଳ,୮।୩(ନି.ପ୍ର) :ନାବାର୍ଡ, ଅନୁଗୋଳ କାର୍ଯ୍ୟାଳୟ ତରଫରୁ ଅନୁଗୁଳ ପଞ୍ଚମହଲା କୃଷି ବିଜ୍ଞାନ କେନ୍ଦ୍ରର ତାଲିମ୍ ଗୃହଠାରେ ନାବାର୍ଡ ପକ୍ଷରୁ ସାମାଜିକ ଅନୁଷ୍ଠାନ ନିମନ୍ତେ କର୍ମଶାଳା ଅନୁଷ୍ଠିତ ହେଇଯାଇଛି। ପ୍ରାରମ୍ଭରେ ନାବାର୍ଡର ଅଧିକାରୀ ଆଶୁତୋଷ ରାୟ ସ୍ୱାଗତ ଭାଷଣ ଦେବା ସହ ଅତିଥି ମାନଙ୍କ ପରିଚୟ ପ୍ରଧାନ କରିଥିଲେ। ତୃଣମୂଳସ୍ତରରେ କାର୍ଯ୍ୟରତ ଜିଲ୍ଲା ସମସ୍ଥ ଅଗ୍ରଣୀ ଅନୁଷ୍ଠାନ, କୃଷକ ଉତ୍ପାଦକ ସଂଗଠନ ପ୍ରଭୃତି ନିଜ ନିଜ ଅଞ୍ଚଳରେ ନାବାର୍ଡ ସହାୟତାରେ ହେଇଥିବା କାର୍ଯ୍ୟକ୍ରମ ଉପରେ ମତାମତ ରଖିଥିଲେ. ନାବାର୍ଡ ତରଫରୁ ପାଓ୍ବାର ପ୍ରେଜେଣ୍ଟ ମାଧ୍ୟମରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଯେମିତିକି ଜୀବନ ଜୀବିକା, ଅଣୁ ଓ ଲଘୁ ଉଦ୍ୟୋଗ, ରୁରାଲ ହାଟ, ଏଫସ.ପି.ଏଫ, ଡି.ବି.ଆଇ, ଗ୍ରାମୀଣ ଦୋକାନ, ଭ୍ରାମ୍ୟମାଣ ଯାନ ଇତ୍ୟାଦି ଉପରେ ଅବଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକୁରିଟି, ସୋସିଆଲ ଡେଭେଲପମେଣ୍ଟ ଫାଉଣ୍ଡେସନ, ସ୍ପନ୍ଦନ, ବିଶ୍ୱ ଯୁବ କେନ୍ଦ୍ର, ବ୍ୟାକ ଟୁ ଭିଲେଜ, ଚାର ମଲ୍ଲିକ ଉତ୍ପାଦକ ଦଳ ଏବଂ ଜିନ୍ଦଲ ସାମାଜିକ ଦାଇତ୍ୱବୋଧ ବିଭାଗର କର୍ମକର୍ତ୍ତା ପ୍ରଭୃତି ଯୋଗଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ତରଫରୁର କାର୍ଯ୍ୟକ୍ରମ ସଂଯୋଜକ ସରକାରୀ ଯୋଜନାକୁ କିପରି ସରକାରୀ ଏବଂ ବେସରକାରୀ ଭାଗିଦାରୀରେ ସମାପନ କରି ହେବ ତାହା ଉପରେ ବୁଝାଇଥିଲେ। ପରିଶେଷରେ ସୋସିଆଲ ଡେଭେଲପମେଣ୍ଟ ଫାଉଣ୍ଡେସନ, ଅନୁଷ୍ଠାନ ତରଫରୁ ମମତା ରାଣୀ ଦାସ ଧନ୍ୟବାଦ ଦେବା ସହିତ ସଭାସଙ୍ଗ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ୨୫ ଜଣ କର୍ମକର୍ତ୍ତା ଯୋଗଦାନ କରିଥିଲେ।

## ହରିଶପୁର ଦିନାସିଂହପାଟଣା ସୁସ୍ଥ ଗାଁ ଭାବେ ପୁରସ୍କୃତ



ନିଆଳି ୮।୩(ନି.ପ୍ର): ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରରେ ଆଶାନୁରୂପ କାର୍ଯ୍ୟ ସହ ସରକାରଙ୍କ ନିର୍ଦ୍ଦେଶାବଳୀ ମାନଦଣ୍ଡ ପୁରଣ କରାଯାଇଥିବାରୁ ନିଆଳି ବ୍ଲକ୍ ନିଆଳି ପଞ୍ଚାୟତ ୧୪ନମ୍ବର ୱାର୍ଡ଼ ହରିଶପୁର ଦିନାସିଂହପାଟଣା ଗାଁ କଲ୍ୟାଣ ସମିତିକୁ ପ୍ରଶାସନ ପକ୍ଷରୁ ସୁସ୍ଥ ଗାଁ ଭାବେ ପୁରସ୍କୃତ କରାଯାଇଛି। ଏହି ଅବସରରେ ଗାଁ କଲ୍ୟାଣ ସମିତିର ଆବାହିକା ରଞ୍ଜିତା ସିଂହ, ୱାର୍ଡ଼ ସଭ୍ୟା ମମତା ସିଂହ, ଆଶା କର୍ମୀ ଶକୁନ୍ତଳା ସିଂହଙ୍କୁ ବିଭାଗ ପକ୍ଷରୁ ୧୦ହଜାର ଟଙ୍କା, ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବୋର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗାଁକଲ୍ୟାଣ ସମିତିର ସଭ୍ୟ ଉମେଶ କୁମାର ସିଂହ, ଡ଼ାକ୍ତର ଶୁଭକାନ୍ତ ପଣ୍ଡା, ପିଏଚ୍ଓ ସୁସନ୍ଦା ସାହୁ, ଏଏନ୍ଏମ୍ ରଜନୀରାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ମଳା କୁମାରୀ ସାହୁଙ୍କୁ ନାରୀଶକ୍ତି ସମ୍ମାନ

ଜଗତସିଂହପୁର, ୮।୩(ନି.ପ୍ର): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ପାଇକସାହି – ଇବ୍ରିସିଂ ଗ୍ରାମର ସୁସାହିତ୍ୟିକା ସୁଶ୍ରୀ ନିର୍ମାଳା କୁମାରୀ ସାହୁଙ୍କୁ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ନାରୀଶକ୍ତି ସମ୍ମାନ ପ୍ରଦାନ କରାଯାଇଛି। ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବାସଭବନରେ ପହଞ୍ଚି ସୁଶ୍ରୀ ସାହୁଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।



ସୂଚନା ଯୋଗ୍ୟ ଯେ ନିର୍ମଳା କୁମାରୀ ସାହୁ ସୁଦୂର ରାୟଗଡାରେ ଶିକ୍ଷୟିତ୍ରୀ ଜୀବନ ଆରମ୍ଭ କରିଥିଲେ । କିଛିଦିନ ପରେ ଚାକିରି ହରାଇ ସେ ନିଜ ଗାଁରେ ରହୁଛନ୍ତି । ଷାଠିଏ ବର୍ଷ ବୟସ୍କା ଏହି ମହିଳା ଅବିବାହିତା ହୋଇ ରହିଛନ୍ତି । ରୋଜଗାରର କୌଣସି ପନ୍ଥା ନଥିବାରୁ ଓ କିଛି ସରକାରୀ ସାହାଯ୍ୟ ପାଇନଥିବାରୁ ଘରୋଇ ଭାବେ ପିଲାଙ୍କୁ ପଢାଇ ନିଜ ଗୁଜୁରାଣ ମେଣ୍ଟାଉଛନ୍ତି । ଏଭଳି ସ୍ଥିତିରେ ଥାଇବି ସେ ସାରସ୍ୱତ ସାଧନାରେ ବ୍ରତୀ ରହିଛନ୍ତି ଓ ଜଣେ ବିଶିଷ୍ଟ କବୟତ୍ରୀ ଭାବେ ତାଙ୍କର ସୁନାମ ରହିଛି । ତାଙ୍କୁ ପ୍ରେତ୍ସାହନ ଦେବା ନିମନ୍ତେ ଏହି ସମ୍ବର୍ଦ୍ଧନା ଦିଆଯାଇଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ନର୍ମଳାଙ୍କ ଆତ୍ମୀୟ ସ୍ୱଜନ ପାର୍ବତୀ ସାହୁ, ନିବେଦିତା ସାହୁ, ନିତ୍ୟାନନ୍ଦ ସାହୁ ଓ ଗ୍ରାମର ଦୁଇ ଯୁବକ ଜୟପ୍ରକାଶ ସ୍ୱାଇଁ ଏବଂ ବିଶ୍ୱଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ନିଆଳିରେ ମହାଶିବରାତ୍ରୀ ପାଳିତ



ନିଆଳି ୮।୩(ନି.ପ୍ର): ନିଆଳି ବ୍ଲକ୍ ଅଞ୍ଚଳରେ ଥିବା ସମସ୍ତ ଶୈବପୀଠ ଗୁଡ଼ିକରେ ମହାଶିବରାତ୍ରୀ ପାଳିତ ହୋଇଯାଇଛି। ନିଆଳି ପ୍ରସିଦ୍ଧ ଶୋଭନେଶ୍ୱର ମହାଦେବଙ୍କ ପୀଠରେ ହଜାର ହଜାର ଶ୍ରଧାଳୁ ମାନଙ୍କ ସମାଗମ ହୋଇଥିବାବେଳେ ଶାନ୍ତି ଶୃଙ୍ଖଳା ପାଇଁ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ପୁଲିସ୍ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିସରରେ ବହୁ ବ୍ୟବସାୟ ପ୍ରତିଷ୍ଠାନ ପଡ଼ିଥିବା ଜଣାଯାଇଛି । ସେହିପରି ପହଙ୍ଗା ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର, ଜଲ୍ଲାରପୁରସ୍ଥିତ ସୋମନାଥ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ କୃଷ୍ଣପ୍ରସାଦ ସ୍ଥିତ ଅଙ୍ଗେଶ୍ୱର ଓ ବିଶ୍ୱନାଥ ମନ୍ଦିର, କୋରକୋର ସ୍ଥିତ ଗ୍ରାମେଶ୍ୱର ମନ୍ଦିର, ପୂର୍ବଖଣ୍ଡ ସ୍ଥିତ ନିଳକଣ୍ଠେଶ୍ୱର ମନ୍ଦିର, ଟେଲାଗୋପୀନାଥପୁର ରାମେଶ୍ୱର ମନ୍ଦିର, ଅଁଳୋସ୍ଥିତ ଅନ୍ଧ କପିଳେଶ୍ୱର ମନ୍ଦିର, କରଞ୍ଜ ସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର, ଲୁଣିଗାଁ ସ୍ଥିତ ମହାଦେବ ମନ୍ଦିର, ତିହୁଡ଼ି ସ୍ଥିତ ଫୁଲେଶ୍ୱର ମନ୍ଦିର, କଣ୍ଟାପଡ଼ା ସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିର, ପୋଖରୀଗାଁ ସ୍ଥିତ ପିଙ୍ଗଳେଶ୍ୱର ମନ୍ଦିର, ବଲରା ସ୍ଥିତ ଝାଡ଼େଶ୍ୱର ମନ୍ଦିର, ବାଙ୍କିହାଟି ସ୍ଥିତ କ୍ଷମାନାଥଜୀଉ ମନ୍ଦିର, ମହଙ୍ଗପଡ଼ା ସ୍ଥିତ ପିଙ୍ଗଳେଶ୍ୱର ମନ୍ଦିର, ଖଜୁରିଆପଡ଼ା ସ୍ଥିତ ମୁକ୍ତେଶ୍ୱର ମନ୍ଦିର, ବାଘମରା ବିଶ୍ୱନାଥ ମନ୍ଦିର, ମଝିଖଣ୍ଡସ୍ଥିତ ପୂର୍ଣ୍ଣେଶ୍ୱର ମନ୍ଦିର, ଚନ୍ଦମୌଳି ସ୍ଥିତ ଚନ୍ଦ୍ରଶେଖର ମନ୍ଦିର ଇତ୍ୟାଦି ଶୈବପିଠରେ ମହାଶିବରାତ୍ରୀ ଆଡ଼ମ୍ବରସହ ପାଳନ ହୋଇଥିବା ବେଳେ କେତେକ ସ୍ଥାନରେ ବିଶ୍ୱସାନ୍ତି ମହାଜଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି ।

# ବାଲ୍ୟବିବାହ ମୁକ୍ତ ଭାରତ ପାଇଁ ସଂକଳ୍ପ




ଆଠମଲ୍ଲିକ, ୮।୩(ନି.ପ୍ର): ଅନୁଗୁଳ ଜିଲ୍ଲା କିଶୋରନଗର ବ୍ଲକ ବଣିନାଳୀଠାରେ ଥିବା ବିଶ୍ୱଯୁବ କେନ୍ଦ୍ର ପକ୍ଷରୁ ୨୦୨୩ ମସିହା ମଇ ମାସଠାରୁ ଅଦ୍ୟାବଧି ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅନୁଗୋଳ ଏବଂ ଢେଙ୍କାନାଳ ଜିଲ୍ଲାର ୩୦୦ଟି ଗ୍ରାମରେ ପରିଚାଳିତ କରାଯାଉଛି। ୪୬୦,୦୦୦ ମହିଳା, ପୁରୁଷ, ଯୁବକ, ଯୁବତୀଙ୍କୁ ଶପଥପାଠ ମାଧ୍ୟମରେ ପ୍ରବର୍ତ୍ତାଇବା ସହିତ ୧୨୦ରୁ ଅଧିକ ବାଲ୍ୟବିବାହ ବନ୍ଦ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ଅନ୍ତର୍ଗତ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନର ଏକ ଅଂଶବିଶେଷ ଓ କୈଳାଶ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେସନ ସହାୟତାରେ ପରିଚାଳିତ। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବାଲ୍ୟବିବାହ ରୋକିବାରେ ସଫଳତା ମିଳିଥିବା ଜଣାପଡ଼ିଛି । ଦେଶରେ ପ୍ରାୟ ୧୬୦ଟି ସ୍ୱେଚ୍ଛାସେବୀ ସଙ୍ଗଠନ ବିଭିନ୍ନ ରାଜ୍ୟରେ ୬୦ ହଜାରରୁ ଅଧିକ ବାଲ୍ୟବିବାହ ରୋକଯାଇଥିବା ବିଶ୍ୱ ଯୁବ କେନ୍ଦ୍ରର ପରିଚାଳକ ମନୋଜ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ଫଳରେ ଦେଶରେ ପ୍ରତିବର୍ଷ ପ୍ରାୟ ୧୨ ଲକ୍ଷ ବାଲ୍ୟବିବାହର ଶତକଡ଼ା ୫ ଭାଗ (୫%) ଅଟେ । ସେଥିପାଇଁ ଆସନ୍ତା ବର୍ଷରେ ସ୍ୱେଚ୍ଛାସେବୀମାନଙ୍କ କାର୍ଯ୍ୟକୁ ସୁଦୃଢ଼ କରିବା ସହିତ ୨୦୩୦ ମସିହା ସୁଦ୍ଧା ଦେଶରେ ବାଲ୍ୟବିବାହକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି । ସେଥିପାଇଁ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ ତରଫରୁ ସମସ୍ତ ରାଜନୈତିକ ଦଳମାନଙ୍କୁ ଆସନ୍ତା ନିର୍ବାଚନ ଇସ୍ତାହାରରେ ବାଲ୍ୟବିବାହ ବନ୍ଦ କରିବା ଓ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାକୁ ସମସ୍ତ ପ୍ରକାର ଦେୟମୁକ୍ତ କରିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ହମାରୀ ଶୁନୋ ଅଭିଯାନ ମାଧ୍ୟମରେ ସର୍ବସାଧାରଣଙ୍କ ଦାବିକୁ ଉପସ୍ଥାପନା କରିବା ସହିତ, ଏହି ଅଭିଯାନକୁ ତୁରନ୍ତ ଆରମ୍ଭ କରିବାକୁ ସ୍ଥିର କରାଯାଇଛି । ବିଶ୍ୱଯୁବକେନ୍ଦ୍ର ତରଫରୁ ଉକ୍ତ କାର୍ଯ୍ୟକ୍ରମ ସଫଳ ରୂପାୟନ ପାଇଁ ସରକାର ଓ ଜନସାଧାରଣଙ୍କୁ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଅନୁରୋଧ କରିଛନ୍ତି ।

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭୂମିପୂଜନ



କଣିହାଁ, ୮।୩(ନି.ପ୍ର): ତାଳଚେର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣିହା ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗ୍ରାମକୁ ଶୁକ୍ରବାର ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଗସ୍ତ କରିଥିଲେ । ଶିବରାତ୍ରୀ ଉପଲକ୍ଷେ ବିଭିନ୍ନ ମନ୍ଦିରରେ ଦର୍ଶନ କରିଥିଲେ । ଏହି ପରିପ୍ରେକ୍ଷୀରେ ଏମ୍ଏଲଏ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଉନ୍ନୟନ କାର୍ଯ୍ୟ ପାଇଁ ବଡ଼ତ୍ରିବିଡ଼ା ଗ୍ରାମର ଶିବ ମନ୍ଦିରରେ ନୂତନ ଭୋଗ ମଣ୍ଡପ ନିର୍ମାଣ ପାଇଁ ଭୂମି ପୂଜନ ଗୋଛାୟତ ସାହିର ମା ମଙ୍ଗଳା ମନ୍ଦିର ପୁନରୁଦ୍ଧାର, ମା କାଳୀ ମନ୍ଦିର ପୁନରୁଦ୍ଧାର, ନୂତନ ଗୋଷ୍ଠି କେନ୍ଦ୍ର ନିର୍ମାଣର ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡହୀରା ଗ୍ରାମ ଶିବ ପୀଠରେ ନୂତନ କମ୍ୟୁନିଟି ସେଣ୍ଟରର ବଇଣ୍ଡା ଗ୍ରାମରେ ମା କାଳୀ ମନ୍ଦିରର, ବରିହାପୁର ଗ୍ରାମରେ ନୂତନ ଗୋଷ୍ଠି କେନ୍ଦ୍ର ନିର୍ମାଣ ହରିଚନ୍ଦନପୁର ଗ୍ରାମରେ ଶିବ ମନ୍ଦିର ପୁନରୁଦ୍ଧାର, ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା । କମରେଇ ପଞ୍ଚାୟତ ଗଣ୍ଡବେରେଣା ଗ୍ରାମର ଗୋପେଶ୍ୱର ମନ୍ଦିରରେ ନୂତନ ସାଂସ୍କୃତ ମଣ୍ଡପ ନିର୍ମାଣର ତେଣ୍ଟେଇବେରେଣୀ ଗ୍ରାମର ପଞ୍ଚଖଣ୍ଡା ପୀଠ ନୂତନ ସଂସ୍କୃତି ମଣ୍ଡପ ନିର୍ମାଣ ଶିଳାନ୍ୟାସ ହୋଇଥିଲା । ଏହା ବାଦେ ଆମ ଓଡିଶା ନବୀନ ଓଡିଶା ଯୋଜନା ମାଧ୍ୟମରେ ଜୁଲିବନ୍ଧ ଜଗନ୍ନାଥ କଳା ସଂସ୍କୃତି ଭବନ ଦଣ୍ଡସିଂହା ଗ୍ରାମରେ ଶିବ ମନ୍ଦିରର ମୁଖ ଶାଳା ମଣ୍ଡପ ନିର୍ମାଣ ଓ ବିଜୁସେତୁ ଯୋଜନା ନିର୍ମାଣରେ ଦଣ୍ଡସିଂହାରୁ ତେଲିସିଂହାକୁ ସଂଯୋଗ କରୁଥିବା ସିଂଗଡା ନାଳ ଉପରେ ସେତୁ ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ ଉପାଧକ୍ଷା ଜୟନ୍ତୀ ପ୍ରଧାନ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ ସାଂସଦଙ୍କ ପ୍ରତିନିଧି ନିର୍ମଳ ସାହୁ ଯୁବ ନେତା ସୁନୀଲ କୁମାର ପ୍ରଧାନ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ରହି ଭୂମି ପୂଜନ ଉତ୍ସବରେ ସହଯୋଗ କରିଥିଲେ।

# ବିଏମ୍‌ସି ବଜେଟ୍‌ରେ କ୍ୟାମେରା କିଣା ନେଇ ତୁମ୍ବିତୋଫାନ

**ବ୍ରହ୍ମପୁର,୮।୩(ନି.ପ୍ର):** ମହାନଗର ନିଗମର ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ବଜେଟ୍ ବୈଠକ ଅପରାହ୍ନରେ ନୂତନ ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ଆର୍ଥିକ ବର୍ଷ ପାଇଁ ୪୮୯ କୋଟି ୮୩ ଲକ୍ଷ ୮୭ ହଜାର ଟଙ୍କାର ବଜେଟ୍‌କୁ ମଞ୍ଜୁରୀ ମିଳିଛି । ପରିମଳ, ଭେଣ୍ଡିଂ ଜୋନ୍, କଲ୍ୟାଣ ମଣ୍ଡପ ନିର୍ମାଣ ଏବଂ ଅନ୍ୟାନ୍ୟ ଜନକଲ୍ୟାଣକାରୀ କାର୍ଯ୍ୟଗୁଡ଼ିକ ପାଇଁ ଅଧିକ ବ୍ୟୟବରାଦ ହୋଇଛି । ସେହିଭଳି ଆଦାୟ ପାଇଁ ସରକାରୀ ପାଣ୍ଠି ଉପରେ ଅଧିକ ନିର୍ଭର କରିବାକୁ ପଡ଼ିବ । ତେବେ ବଜେଟ୍ ବୈଠକରେ କ୍ୟାମେରା କିଣାରେ ଅନିୟମିତତା ଅଭିଯୋଗ ଆଣି ଅନେକ କର୍ପୋରେଟ ତୁମ୍ବିତୋଫାନ୍ କରିଥିଲେ । ବୈଠକ ପ୍ରାରମ୍ଭରେ ଆୟୁକ୍ତ ଭବାନୀ ପ୍ରସାଦ ଦାସ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ. ବିବେକ୍ ରେଡ୍ଡୀ ମଞ୍ଚାସିନଥିଲେ । ବୈଠକ ପ୍ରାରମ୍ଭରେ ଘର ଟିକସ ଆଦାୟକୁ ନେଇ ଆଲୋଚନା ହୋଇଥିଲା । ଗତ ଆର୍ଥିକ ବର୍ଷରେ ୧୩ କୋଟି ଟଙ୍କା ଘର ଟିକସ ବାବଦରେ ଆଦାୟ ଲକ୍ଷ୍ୟ ଥିଲା । କିନ୍ତୁ ମାତ୍ର ପ୍ରାୟ ୬ କୋଟି ଟଙ୍କା ଆଦାୟ ହୋଇଛି। ଚଳିତ ଆର୍ଥିକ ବର୍ଷରେ ୧୦ କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାକୁ ନେଇ କର୍ପୋରେଟର ପ୍ରଦୀପ କୁମାର ଶତପଥୀ, ତିରୁପତି ପାତ୍ର, ସମୀର କୁମାର ମିଶ୍ର, ସୁରେନ୍ଦ୍ର ମହାରଣା ଏବଂ ଅନ୍ୟମାନେ ପ୍ରଶ୍ନ କରିଥିଲେ । ଟିକସ ଆଦାୟ ପଛରେ କାରଣ ସମ୍ପର୍କରେ ପ୍ରଶ୍ନ କରିଥିଲେ । ଦାୟିତ୍ୱରେ ଥିବା କର୍ମଚାରୀ କହିଥିଲେ, ଟିକସ ଆଦାୟ ପାଇଁ କର୍ମଚାରୀଙ୍କ ସଂଖ୍ୟା କମ୍ ରହିଛି । ୱେବ୍‌ସାଇଟ୍‌ରେ ସମସ୍ୟା ରହୁଛି । ଏଭଳି ଉତ୍ତର ପାଇବା ପରେ ୱେବ୍‌ସାଇଟ୍,ଳ କମ୍ପ୍ୟୁଟର କିଣା ବାବଦରେ ଖର୍ଚ୍ଚକୁ ନେଇ ପ୍ରଶ୍ନ ଉଠିଥିଲା । ଆଲୋଚନା ବଢ଼ିବା ସହିତ କ୍ୟାମେରା କିଣାଯାଏଁ ପହଞ୍ଚିଥିଲା । ଗତ କିଛି ମାସ ପୂର୍ବେ ୧ କୋଟି ୮୦ ଲକ୍ଷ ଟଙ୍କାର ସିସିଟିଭି କ୍ୟାମେରା କ୍ରୟ ହୋଇଛି । କିନ୍ତୁ ଏଥିପାଇଁ ଟେଣ୍ଡର ଆହ୍ୱାନ୍ କରାଯାଇନାହିଁ । ବରଂ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅହେତୁକା ଅନୁକମ୍ପା ଦେଖାଇ ଉକ୍ତ ସଂସ୍ଥା ଠାରୁ କ୍ୟାମେରା କିଣାଯାଇଛି। ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବୈଠକକୁ ଡ଼କାଯାଇଥିଲା । କର୍ପୋରେଟରମାନେ ଗୋଟିଏ ପରେ ଗୋଟିଏ ପ୍ରଶ୍ନ ପଚାରିଥିଲେ । କିନ୍ତୁ ସେ କୌଣସି ପ୍ରକାର ସନ୍ତୋଷଜନକ ଉତ୍ତର ରଖିପାରିନଥିଲେ । ଏହାକୁ ନେଇ କର୍ପୋରେଟର ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଏପରିକି ଆୟୁକ୍ତ, ମେୟର ଏବଂ ଡ଼େପୁଟି ମେୟର ମଧ୍ୟ ବିରକ୍ତି ପ୍ରକାଶ କରିଥିଲେ । କ୍ୟାମେରା କ୍ରୟ ସମ୍ପର୍କରେ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ ବୋଲି ମେୟର ଶ୍ରୀମତି ଦଳେଇ କହିଥିଲେ । ଏହି କମିଟିରେ କର୍ପୋରେଟର ଏବଂ ମହାନଗର ନିଗମର ଅଧିକାରୀ ରହିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଏଣିକି ଯଦି ସବ୍-କମିଟି ବିନା ଅନୁମୋଦନରେ କୌଣସି ପ୍ରକାର କାର୍ଯ୍ୟ ହୁଏ, ତେବେ ତାହାର ତଦନ୍ତ ସହିତ ଆବଶ୍ୟକ ପଡ଼ିଲେ ଅପରାଧିକ ମାମଲା ରୁଜୁ କରିବାକୁ ନିଷ୍ପତ୍ତି ହୋଇଥିଲା । ସେହିଭଳି ବୈଠକରେ କମ୍ପ୍ୟୁଟର ଏବଂ ସିଟି ୱାଇଫାଇର କ୍ରୟ ଏବଂ ରକ୍ଷଣାବେକ୍ଷଣ ସମ୍ପର୍କିତ ଖର୍ଚ୍ଚର ମଧ୍ୟ ଯାଞ୍ଚ୍ କରାଯିବ। ସିଟି ୱାଇଫାଇ ଚାଲୁନାହିଁ । କିନ୍ତୁ ଗତ ବର୍ଷ ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ହୋଇଛି ୫୧ ଲକ୍ଷ ୫୦ ହଜାର ଟଙ୍କା । ଏହାକୁ ନେଇ ପ୍ରଶ୍ନ ହୋଇଥିଲା। ସେହିଭଳି କମ୍ପ୍ୟୁଟର ସମ୍ପର୍କିତ ଯନ୍ତ୍ରପାତି କ୍ରୟ ପାଇଁ ୨କୋଟି ୮୪ ଲକ୍ଷ ଟଙ୍କା, ୱାର୍ଡ଼ ଅଫିସର ପାଇଁ ଯନ୍ତ୍ରପାତି କିଣିବାକୁ ୩ ଲକ୍ଷ ୯୪ ହଜାର ଟଙ୍କା ଏବଂ ସଫ୍ଟୱେୟର ବିକଶିତ କରିବାକୁ ୧୧କୋଟି ୯୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଏହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା । ଏସବୁର ଯାଞ୍ଚ୍ ପାଇଁ ନିଷ୍ପତ୍ତି ହୋଇଛି । ଅପରପକ୍ଷେ ଚଳିତ ବଜେଟ୍‌ରେ ପରିମଳ, ନୂଆ ଇ-ଲାଇବ୍ରେରୀ, ନୂତନ ପରିସ୍ରାଗାର ନିର୍ମାଣ, ପୋଖରୀଗୁଡ଼ିକର ସଫେଇ, ଭେଣ୍ଡିଂଜୋନ୍ ନିର୍ମାଣ, ନର୍ଦ୍ଦମା, ସୌନ୍ଦର୍ଯ୍ୟକରଣ, ଶ୍ମଶାନ ପୁନଃରୁଦ୍ଧାର, କଲ୍ୟାଣ ମଣ୍ଡପ ନିର୍ମାଣ ଆଦି କାର୍ଯ୍ୟ ପାଇଁ ସିଂହଭାଗ ବ୍ୟୟବରାଦ କରାଯାଇଛି । ବୈଠକରେ କର୍ପୋରେଟର ଓ ମହାନଗର ନିଗମର ଅଧିକାରୀ ଉପସ୍ଥିତ ଥିଲେ ।

# ମହିଳାଙ୍କ ବେକରୁ ଝାମ୍ପି ନେଲେ ମଙ୍ଗଳସୂତ୍ର

**ଗୋପାଳପୁର,୮।୩(ନି.ପ୍ର):** ଥାନା ଅନ୍ତର୍ଗତ ଆମ୍ବପୁଆସ୍ଥିତ ଶିବାନନ୍ଦନଗରର ଛକରେ ଜଣେ ମହିଳାଙ୍କ ବେକରୁ ସୁନାର ମଙ୍ଗଳସୂତ୍ର ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ । ବାଇକ୍‌ରେ ଆସିଥିବା ୨ ଜଣ ଦୁର୍ବୃତ୍ତ ମଙ୍ଗଳସୂତ୍ର ଝାମ୍ପି ନେବା ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି । ଏନେଇ ଗୋପାଳପୁର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନାପ୍ରକାରେ ରଘୁନାଥପୁର ଗ୍ରାମର ଟି. ମୋହନ ରାଓ ନିଜ ଭଉଣୀ ଓ ଭାଉଜଙ୍କ ସହ ମିଶି ଘର ଭଡ଼ା ଦେଖାଜିବାକୁ ଆମ୍ବପୁଆସ୍ଥିତ ଶିବାନନ୍ଦ ନଗରକୁ ଯାଉଥିଲେ । ଏହି ସମୟରେ ଦୁଇ ଜଣ ଅଜଣା ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଏହି ରାସ୍ତାଟି କେଉଁ ଆଡ଼େ ଯାଇଛି ବୋଲି ହିନ୍ଦିରେ ପଚାରିଥିଲେ । ଏହି ସମୟରେ ବାଇକ୍ ପଛରେ ବସିଥିବା ଜଣେ ଦୁର୍ବୃତ୍ତ ମୋହନଙ୍କ ଭଉଣୀଙ୍କ ମୁହଁକୁ ମାଡ଼ ମାରି ବେକରେ ପିନ୍ଧିଥିବା ପ୍ରାୟ ୧୭ ଗ୍ରାମର ସୁନାର ମଙ୍ଗଳସୂତ୍ରକୁ ଝାମ୍ପି ନେଇଯାଇଥିଲେ । ସେହି ବାଇକ୍‌ର ନମ୍ବର ଓଡ଼ି-୧୩-ଏଲ୍-୪୮୫୩ ବୋଲି ମୋହନ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଏନେଇ ଥାନାରେ କେସ୍ ନଂ ୯୬/୨୪ ପ୍ରକାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରକାଶଥାଉକି, ଗଜପତିନଗର ୧୦ମ ଲାଇନ୍‌ରୁ ଜଣେ ମହିଳାଙ୍କ ଠାରୁ ସମାନ ଢ଼ଙ୍ଗରେ ସୁନା ଚେନ୍ ଲୁଟ୍ ହୋଇଥିଲା ।

# ନାବାଳିକା ଅପହରଣ ମାମଲା ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଗଞ୍ଜାମ,୮।୩(ନି.ପ୍ର):** ଥାନା ଅନ୍ତର୍ଗତ ମା ରାମଚଣ୍ଡୀ ପାହାଡ଼ରୁ ଜଣେ ନାବାଳିକାଙ୍କୁ ଅପହରଣ ପରେ ଅସଦାଚରଣ କରିବା ମାମଲାରେ ଗଞ୍ଜାମ ଥାନା ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ରାଇପୁର ତିଆରା ସାହିର ଶିବ ବେହେରା (୨୦), ରାଇପୁର ତଳ ସାହିର କୃଷ୍ଣ ବେହେରା (୨୫) ଓ ଗଞ୍ଜାମ ଥାନା ଅନ୍ତର୍ଗତ କରପଡ଼ା ଗ୍ରାମର ପବିତ୍ର ମଲାଣ(୨୦) । ସୂଚନାଥାଉକି, ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ମା ରାମଚଣ୍ଡୀଙ୍କ ମହୋତ୍ସବ ଚାଲିଥିବା ସମୟରେ ଗଞ୍ଜାମ ସହରାଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକା ଓ ଅଭିଯୁକ୍ତ ଶିବ ମଧ୍ୟରେ ପରିଚିତ ହୋଇଥିଲା । ଏହାର ସୁଯୋଗ ନେଇ ଶିବ ଓ ଉପରୋକ୍ତ ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ । ସେମାନେ ନାବାଳିକାଙ୍କୁ ଅସଦାଚରଣ କରିଥିଲେ । ଏନେଇ ନାବାଳିକା ଜଣଙ୍କ ନିଜ ପରିବାରକୁ ଜଣାଇବା ପରେ ଗଞ୍ଜାମ ଥାନାରେ ଅଭିଯୋଗ ହୋଇଥିଲା । ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନା କେସ୍ ନଂ ୬୨/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ଜୟନ୍ତୀ ପାଳିତ

**ବ୍ରହ୍ମପୁର,୮।୩(ନି.ପ୍ର):** ଶୁକ୍ରବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଶ୍ୱନାଥ ଦାସଙ୍କ ଜୟନ୍ତୀ ବିଶ୍ୱନାଥ ଦାସ ସ୍ମୃତି ସଂସଦ ପରିବାର ପକ୍ଷରୁ ସଂସଦ ସଭାପତି ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃସ୍ମରଣୀୟ, ଚିର ନମସ୍ୟ ବିଶ୍ୱନାଥ ଦାସଙ୍କ ୧୩୬ତମ ଜୟନ୍ତୀ ପାଳନ ଅବସରରେ ବ୍ରହ୍ମପୁର ସହରର ବହୁ ବିଶିଷ୍ଟ ବ୍ୟକ୍ତି ବୁଦ୍ଧିଜୀବୀ ଶିକ୍ଷାବିତ୍ ସାହିତ୍ୟ ଉପାସନା ମଣିଷଙ୍କ ସମେତ ରାଜନେତା ମାନେ ଯୋଗ ଦେଇ ତାଙ୍କ ଜୀବନୀ ଓ ଆଦର୍ଶ ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ବ୍ରହ୍ମପୁର ସାଂସଦ



ଚନ୍ଦ୍ରଶେଖର ସାହୁ କହିଥିଲେ ଯେ, ବିଶ୍ୱନାଥ ଦାସଙ୍କ ପରି ଜାତୀୟତାବାଦୀ ନେତା ବିରଳ ଏବଂ ସେ ଜଣେ ସ୍ୱାଭିମାନୀ ଓ ନିର୍ଭିକ ସ୍ୱରର ମଣିଷ ଥିଲେ। ତାଙ୍କ ଜୟନ୍ତୀ ପ୍ରତ୍ୟେକ ବର୍ଷ ଯେପରି ରାଜ୍ୟସ୍ତରରେ ପାଳନ କରିବା ପାଇଁ ପ୍ରୟାସ କରାଯିବ ଏବଂ ସ୍ମୃତି ସଂସଦ କର୍ମକର୍ତ୍ତାଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ବିଶ୍ୱନାଥ ଦାସ ସ୍ମୃତି ସଂସଦର ସଭାପତି ବିଶିଷ୍ଟ ଶିକ୍ଷାବିତ୍ ବରିଷ୍ଠ ରାଜନୀତି ବିଜ୍ଞାନୀ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ବିଶ୍ୱନାଥ ଦାସ ସ୍ମୃତି ସଂସଦ ଆବାହକ ରମେଶ ଚରଣ ତ୍ରିପାଠୀ ସାଧାରଣ ସମ୍ପାଦକ ଡ଼ା. ସାଗର ରଞ୍ଜନ ତ୍ରିପାଠୀ, କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀକାନ୍ତ ଦାସଙ୍କ ସମେତ ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ଼ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, କାଜୁ ନିଗମ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣା, ସମାଜ ସେବୀ ସୁଶାନ୍ତ କୁମାର ସାବତ, ବରିଷ୍ଠ ଶିକ୍ଷାବିତ୍ ଭଗବାନ ତ୍ରିପାଠୀ, ବରିଷ୍ଠ ନାଗରିକ ମଞ୍ଚ ଆବାହକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ସାହିତ୍ୟ ସଙ୍ଗଠକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ସମେତ ବହୁ ଗୁଣୀ ଜ୍ଞାନୀ ବ୍ୟକ୍ତି ବିଶେଷ ନିଜ ନିଜ ବକ୍ତବ୍ୟ ରଖି ବିଶ୍ୱନାଥ ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାବୁଲା ପାତ୍ର, ରମା ରମଣ ପ୍ରହରାଜ, ବାଳକୃଷ୍ଣ ସାମନ୍ତରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନାରୀମାନେ ହିଁ ସୁନ୍ଦର ରାଷ୍ଟ୍ର ଗଠନ କରିପାରିବେ

**ବ୍ରହ୍ମପୁର,୮।୩(ନି.ପ୍ର):** ନାରୀ ଜାଗରଣ ବିନା ଏକ ସୁନ୍ଦର ପରିବାର ବା ରାଷ୍ଟ୍ର ନିର୍ମାଣ ଅସମ୍ଭବ । ଏଣୁ ନାରୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ସ୍ୱାବଲମ୍ବୀ ହେବା ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଏହି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ମହାନ୍ ସଂଘ ମହିଳା ବିଭାଗ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ପାଳନ ଅବସରରେ ବିଶିଷ୍ଟ ସମାଜସେବୀ ତଥା ମହାନ ସଂଘ ପ୍ରତିଷ୍ଠାତା ସଭାପତି ସୁଶାନ୍ତ ସାବତ ମତବ୍ୟକ୍ତ କରିଛନ୍ତି। ବିଭାଗ ଅଧ୍ୟକ୍ଷା ଦେବୀପ୍ରଭା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାରୀମାନଙ୍କ ବିକାଶ ନେଇ ଆଲୋଚନା କରାଯାଇଥିଲା । ସାଧାରଣ ସମ୍ପାଦକ ପ୍ରଶାନ୍ତ ପାତ୍ର, ସବିତା ସାହୁକାର, ସସ୍ମିତା ମିଶ୍ର, ଡ. ସୌଭାଗ୍ୟ ଲକ୍ଷ୍ମୀ ପ୍ରିୟଦର୍ଶନୀ, ଡ. ସନ୍ଧ୍ୟାରାଣୀ ପଟ୍ଟନାୟକ, ଭାରତୀ ମିଶ୍ର, ପ୍ରଣତି ହୋତା, ସସ୍ମିତା ସାହୁ, ସ୍ମିତା ସ୍ମୃତି ସିଗ୍ଧା, ନିବେଦିତା ପାଢ଼ୀ, ସୀମାଞ୍ଚଳ ପାଣିଗ୍ରାହୀ, ଭୀଷ୍ମଚାର୍ଯ୍ୟ ଚୌଧୁରୀ, ଦିଲ୍ଲୀପ କୁମାର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅନ୍‌ଲାଇନ ପାଠପଢ଼ା ନାଁରେ ଲକ୍ଷାଧିକ ଟଙ୍କା ଠକେଇ

**ବ୍ରହ୍ମପୁର,୮।୩(ନି.ପ୍ର):** ଅନ୍‌ଲାଇନ୍ ପାଠପଢ଼ା କରିବାକୁ ଯାଇ ଜଣେ ଯୁବକଙ୍କ ଲକ୍ଷାଧିକ ଟଙ୍କା ଠକେଇର ଶିକାର ହୋଇଛନ୍ତି । ସାଇବର ଠକ ଜଣଙ୍କ ଏହି ଯୁବକଙ୍କୁ ଅନ୍‌ଲାଇନ୍ ପାଠ୍ୟପୁସ୍ତକ ପ୍ରଦାନ କରିବା ସହ ପରୀକ୍ଷା ଫି' ରିହାତି କରିଦେବ ବୋଲି କହି ଟଙ୍କା ଠକି ନେଇଛି । ସୂଚନାପ୍ରକାରେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମନଗର ୮ମ ଲାଇନ୍‌ରେ ରହୁଥିବା ଜଣେ ୨୫ ବର୍ଷୀୟ ଯୁବକ ଚାଟାର୍ଡ଼ ଫାଇନାନସିଆଲ୍ ଅନାଲିଷ୍ଟ ପାଠପଢ଼ା କରିବାକୁ ଚାହୁଁଥିଲେ । ଏନେଇ ସେ ଟେଲିଗ୍ରାମ ଏବଂ ୱାଟ୍‌ସଆପ୍ ମାଧ୍ୟମରେ ଏହି କୋର୍ସ ପାଇଁ ଖୋଜାଖୋଜି କରୁଥିଲେ । ଏହି ସମୟରେ ଟେଲିଗ୍ରାମରେ ତାଙ୍କର ଜଣେ ବ୍ୟକ୍ତିଙ୍କ ସହ ଯୋଗାଯୋଗ ହୋଇଥିଲା । ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଯୁବତୀଙ୍କୁ ଅନ୍‌ଲାଇନ୍‌ରେ ପାଠ୍ୟ ପୁସ୍ତକ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଏହି ପାଠ୍ୟକ୍ରମ ପାଇଁ ଆବଶ୍ୟକୀୟ ପରୀକ୍ଷା ଫି' ରିହାତି କରାଇଦେବେ ବୋଲି କହିଥିଲେ । କିଛି ଦିନ ଯୋଗାଯୋଗରେ ରହିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଏହି ଯୁବକଙ୍କୁ ଏକ ଅନ୍‌ଲାଇନ୍ ଇନ୍‌ଭଷ୍ଟମେଣ୍ଟ ଗ୍ରୁପ୍‌ରେ ଯୋଗ ଦେବାକୁ ପରାମର୍ଶ ଦେଇଥିଲେ । ସମ୍ପୃକ୍ତ ବ୍ୟକ୍ତିଙ୍କ କଥାରେ ପଡ଼ି ଯୁବକ ଜଣଙ୍କ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧ଲକ୍ଷ ୧୬ ହଜାର ୯ଶହ ଟଙ୍କା ଜମା କରିଥିଲେ । ପରବର୍ତ୍ତୀ ସମୟରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଯୁବକ ଜଣଙ୍କ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବିଦ୍ୟାଳୟସ୍ତରୀୟ ମୋ ସ୍କୁଲ ଉତ୍ସବ

**ବ୍ରହ୍ମପୁର,୮।୩(ନି.ପ୍ର):** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ମେଡ଼ିକାଲ୍ କ୍ୟାମ୍ପସରେ ଦିନିକିଆ ବିଦ୍ୟାଳୟସ୍ତରୀୟ ମୋ ସ୍କୁଲ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ଡ଼. ପ୍ରଭାତୀ କୁମାରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ୍ କୁମାର ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ନିଜ ବିଦ୍ୟାଳୟକୁ ଅର୍ଥଦାନ ଓ ଶ୍ରମଦାନ, ସ୍କୁଲ ରୂପାନ୍ତରୀକରଣରେ ସହଯୋଗର ହାତ ବଢ଼ାଇବା ତଥା ଏକାଡ଼େମିକ୍ କାର୍ଯ୍ୟକଳାପରେ ସାହାଯ୍ୟ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ୍ ଦେବା ତଥା ବିଦ୍ୟାଳୟର ବିକାଶମୂଳକ କାର୍ଯ୍ୟକଳାପକୁ ସର୍ବ ସମ୍ମୁଖକୁ ଆଣିବା ସହ ବୈଠକରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଦ୍ୟାଳୟର ବିକାଶରେ ସହାୟକ ହୋଇଥିବା ପ୍ରମୁଖ ପୁରାତନ ଛାତ୍ର ଶକ୍ତିଧର ରାଜଗୁରୁ, ଅରୁଣ କୁମାର ପଟ୍ଟନାୟକ, ମାନସ ରଞ୍ଜନ ନାୟକ, ଉଲ୍ଲାସ କୁମାର ପ୍ରଧାନ, ଆଶିଷ ପାଢ଼ୀ, ପ୍ରଦୀପ ପାତ୍ର, ଶ୍ରୀକାନ୍ତ ସାବତ, ପ୍ରଣବ କୁମାର ପଣ୍ଡା, ସୀମାଞ୍ଚଳ ବିଶ୍ୱାଳ, ଅକ୍ଷୟେନ୍ଦୁ ଶେଖର ପଟ୍ଟନାୟକ, ସନ୍ତୋଷ କୁମାର ଗୌଡ଼, ଅଲିମା ରାଣୀ ଭୂୟାଁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ପତ୍ର ବଣ୍ଟନ କରାଯାଇଥିଲା ।

## ବିଧାୟକଙ୍କୁ ବଦନାମ ଉଦ୍ୟମ, ଥାନାରେ ମାମଲା

**ବ୍ରହ୍ମପୁର,୮।୩(ନି.ପ୍ର):** ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ନାଁ ବଦନାମ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଫଟୋ ଓ ଭିଡ଼ିଓ ପୋଷ୍ଟ କରାଯାଉଥିବା ଅଭିଯୋଗ ହୋଇଛି । ସୂଚନାପ୍ରକାରେ, ବ୍ରହ୍ମପୁର ଜଣେ ବ୍ୟକ୍ତି ବିଧାୟକଙ୍କ ନାଁରେ ବିଭିନ୍ନ ଫଟୋ ଓ ଭିଡ଼ିଓ ଛାଡ଼ିଥିବା ଜଣାପଡ଼ିଥିଲା । ବିଧାୟକଙ୍କ ନାଁରେ ଭିଡ଼ିଓ ଭାଇରାଲ୍ ଘଟଣାକୁ ନେଇ ବିଜେଡ଼ି ଛାତ୍ର ଜନତା ଦଳ ଡ଼ିଜିଟାଲ୍ ସମ୍ପାଦକ ନିଖିଲ ଚୌଧୁରୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଭେଟି ପଚରାଉଚରା କରିଥିଲେ । ଏହାରେ ସେହି ବ୍ୟକ୍ତି ଜଣଙ୍କ ନିଖିଲଙ୍କୁ ଅହଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ।

# ଗ୍ରୀନ୍ ଇଣ୍ଡିଆ ଏମ୍‌ଡ଼ିଙ୍କ ନାଁରେ ପୁଣି ମାମଲା

## ମାଉଜର ଦେଖାଇ ଧମକ ଅଭିଯୋଗ

**ବ୍ରହ୍ମପୁର,୮।୩(ନି.ପ୍ର):** ଚିଟ୍‌ଫଣ୍ଡ କମ୍ପାନୀ ଗ୍ରୀନ୍ ଇଣ୍ଡିଆ ଏମ୍‌ଡ଼ି ପ୍ରଦୀପ ସିଂଙ୍କ ନାଁରେ ଆଉ ଏକ ମାମଲା ରୁଜୁ ହୋଇଛି । ଜଣେ ବ୍ୟକ୍ତିଙ୍କ ଘରେ ପଶି ତାଙ୍କୁ ମାଉଜର ଦେଖାଇ ମାଡ଼ ମାରିବା ସହ ଧମକ ଦେଇଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି । ସେହିପରି ସମ୍ପୃକ୍ତ ଜଣଙ୍କ ମଧ୍ୟ ପ୍ରଦୀପ ସିଂଙ୍କୁ ମାଉଜର ଦେଖାଇ ଧମକ ଦେବା ଓ ମାଡ଼ ମାରିଥିବା ନେଇ ପାଲଟା ଅଭିଯୋଗ ହୋଇଛି । ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଗ୍ରହଣ କରି ୨ଟି ପୃଥକ୍ ମାମଲା ରୁଜୁ କରିଛି । ସୂଚନାପ୍ରକାରେ, ଆଜକୁ ୩ ଦିନ ତଳେ ଜି. ଜଗନ୍ନାଥପୁରର ଏକ ଧନୁର୍ଦ୍ଧର ପାତ୍ର ଘରେ ଥିବା ବେଳେ ପ୍ରଦୀପ ସିଂ ତାଙ୍କ ଘର ଭିତରକୁ ଯାଇ ମାଉଜର ଦେଖାଇ ଡ଼ରାଇବା ସହ ତାଙ୍କ ଛାତିକୁ ମାଡ଼ ମାରିଥିଲେ । ଏନେଇ ଧନୁର୍ଦ୍ଧରଙ୍କ ପରିବାର ଲୋକେ ପ୍ରତିବାଦ କରିବାକୁ ପ୍ରଦୀପ ସେମାନଙ୍କୁ ମଧ୍ୟ ଧମକାଇଥିଲେ ବୋଲି ଧନୁର୍ଦ୍ଧର ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋକୁ ଭିତ୍ତି କରି ଥାନାରେ କେସ୍ ନଂ ୬୭/୨୪ରେ ଏକ ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷରେ ପ୍ରଦୀପ ମଧ୍ୟ ଧନୁର୍ଦ୍ଧର ପାତ୍ର ଓ ତାଙ୍କ ୨ ସହଯୋଗୀ ମନୁ ପାତ୍ର ଓ ଗଙ୍ଗା ପାତ୍ରଙ୍କ ନାଁରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି । ଏହି ୩ଜଣ ବ୍ୟବସାୟିକ ଆଲୋଚନା ପାଇଁ ପ୍ରଦୀପଙ୍କୁ ଲୋଚାପଡ଼ାକୁ ଡ଼ାକି ସେଠାରେ ମାଡ଼ ମାରିବା ସହ ମାଉଜର ଦେଖାଇ ଧମକ ଦେଇଥିଲେ ବୋଲି ପ୍ରଦୀପ ଥାନାରେ ଲିଖିତ ଅଭିଯୋଗ ରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନା କେସ୍ ନଂ ୬୮/୨୪ରେ ଏକ ମାମଲା ରୁଜୁ କରିଛି ।

# ଅଧ୍ୟାପକଙ୍କ ବିୟୋଗରେ ଶୋକ

**ଗୋପାଳପୁର,୮।୩(ନି.ପ୍ର):** ତୁରାସ୍ଥିତ ରାମନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଗଣିତ ଅଧ୍ୟାପକ ଡ଼. ଜିତେନ୍ଦ୍ର ସାହୁ (୫୭)ଙ୍କ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁରସ୍ଥିତ ସୁରଜବିହାର ବାସଭବନରେ ଅଧ୍ୟାପକଙ୍କ ପରଲୋକ ହୋଇଯାଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକ ସଭାରେ ଅଧ୍ୟାପକ ପ୍ରଶାନ୍ତ କୁମାର ପାତ୍ର ସ୍ୱର୍ଗତ ସାହୁଙ୍କ ଅତୀତର କାର୍ଯ୍ୟକୁ ମନେ ପକାଇଥିଲେ । ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାରେ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଅବଶିଷ୍ଟାଂଶ...

### ପ୍ରଥମ ନ୍ୟାସନାଲ...

ଭାରତର ଭବିଷ୍ୟ କିଭଳି ହେବା ଆବଶ୍ୟକ ତାହା ଉପରେ ଚର୍ଚ୍ଚା କରିବାକୁ ସଭିଏ ଏଠାରେ ଏକାଠି ହୋଇଥିବା ମୋଦୀ କହିଛନ୍ତି ।

### ୧୦୦ ଟଙ୍କା କମିଲା ...

ଦେଶର କୋଟି କୋଟି ପରିବାର ଏହାଦ୍ୱାରା ଉପକୃତ ହେବେ । ମହିଳାଙ୍କୁ ସଶକ୍ତ କରିବାକୁ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରୁଛନ୍ତି । ମହିଳାଙ୍କ ଜୀବନଯାପନ ଆହୁରି ସୁଗମ ହୋଇପାରିବ ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ ଓ ମହାଶିବରାତ୍ରୀ ଉତ୍ସବ ପାଳିତ




**ବ୍ରହ୍ମପୁର,୮।୩(ନି.ପ୍ର):** ସ୍ଥାନୀୟ ଗିରିରୋଡ୍ ବ୍ରହ୍ମାକୁମାରୀ ଶାନ୍ତିକୁଣ୍ଡ ପ୍ରାଙ୍ଗଣରେ ମହିଳା ଦିବସ ପାଳନ ସକାଶେ ସହରର ସମସ୍ତ ମହିଳାଙ୍କ ଅନ୍ତଃର୍ନିହିତ ଶକ୍ତିର ବିକାଶ ତଥା ପରିପ୍ରକାଶ, ବିବେକର ଜାଗୃତି ଏବଂ ଆଧାତ୍ମିକ ସଚେତନତା ସୃଷ୍ଟି ସକାଶେ ଶୁକ୍ରବାର ଏକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଧାତ୍ମିକତା-ସଶକ୍ତ ମହିଳାର ମହାନତା ଉପରେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ଼ା. ଗୀତାଞ୍ଜଳି ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଥିଲେ ବର୍ତ୍ତମାନର ପରିବର୍ତ୍ତନଶୀଳ ସମାଜରେ ମହିଳାଙ୍କ ଅନ୍ତର୍ନିହିତ ଆଧାତ୍ମିକ ଭିତ୍ତିଭୂମି ଅତି ସୁଦୃଢ଼, ଯଦ୍ୱାରା ସେମାନେ ଉଚ୍ଚ ଶିକ୍ଷିତ ହୋଇ ପରିବାର ତଥା ସମାଜ ସକାଶେ ଏକ ହୃଦୟବାନ କରୁଣାଶୀଳ ଏବଂ ସଶକ୍ତ ମହିଳା ରୂପେ ଅଧୁନା ପ୍ରଣିୟମାନ ହେଉଛନ୍ତି । ଯାହାକି ଏକ ଶାନ୍ତ ପ୍ରଗତୀଶୀଳ ସମାଜରେ ବାସ୍ତବିକ ସହାବସ୍ଥାନର ରୂପ ନେଇଛି । ସମ୍ମାନୀୟ ଅତିଥି ରୂପେ ଏମ୍‌କେସିଜି ମେଡ଼ିକାଲ୍ କଲେଜର ସ୍ତ୍ରୀ ଏବଂ ପ୍ରସୂତୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା. ଭାରତୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ବର୍ତ୍ତମାନ ସମାଜରେ ମହିଳାମାନେ ଶାରିରୀକ, ମାନସିକ, ସାମାଜିକ, ଆର୍ଥିକ ଏବଂ ଆଧାତ୍ମିକତାର କ୍ଷେତ୍ରରେ ନିଜକୁ ସଶକ୍ତ କରିବା ହିଁ ବାସ୍ତବିକ ମହିଳା ସଶକ୍ତିକରଣ । ବ୍ରହ୍ମାକୁମାରୀସ୍ ବ୍ରହ୍ମପୁର ସବ୍‌ଜୋନ୍‌ର ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମା କୁମାରୀ ଭଗ୍ନୀ ମଞ୍ଜୁ ନିଜ ବକ୍ତବ୍ୟରେ କହିଥିଲେ ଯେ, ବ୍ରହ୍ମା କୁମାରୀସ୍ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଶିକ୍ଷା ଏବଂ ସିଦ୍ଧାନ୍ତକୁ ଧାରଣା କରିବା ସକାଶେ ଏକ ସଂକଳ୍ପ ବଦ୍ଧ ସଚେତନତାର ଆବଶ୍ୟକତା ରହିଛି । ବ୍ରହ୍ମା କୁମାରୀସ୍ ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟରର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମା କୁମାରୀ ଭଗ୍ନୀ ମାଳା ନିଜ ବକ୍ତବ୍ୟରେ କହିଥିଲେ ଯେ, ଯଦି ନାରୀମାନେ ଅନ୍ତର୍ମୁଖତା, ସହନଶୀଳତା, ସରଳତା, ସନ୍ତୁଷ୍ଟତା ଆଦି ଗୁଣକୁ ଧାରଣ କରିପାରିବେ ତେବେ ସେମାନଙ୍କ ଅନ୍ତରର ଦିବ୍ୟତ୍ୱ ଜାଗୃତ ହେବ ତଥା ନାରୀ, ପୁରୁଷ ମଧ୍ୟରେ ସମାନତା ଆସିପାରିବ । ସେହିପରି ପ୍ରାତଃ ଅଧିବେଶନରେ ବ୍ରହ୍ମା କୁମାରୀସ୍ ଶାନ୍ତିକୁଣ୍ଡ ପରିସରରେ ୮୮ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ପାଳନ ସକାଶେ ଏକ ସଭା କାର୍ଯ୍ୟ ଆୟୋଜନ କରାଯାଇଥିଲା । ଏମ୍‌କେସିଜି ମେଡ଼ିକାଲ୍ କଲେଜର ଛାତି ଏବଂ ଯକ୍ଷ୍ମା ରୋଗ ବିଭାଗର ସହକାରୀ ପ୍ରାଧ୍ୟାପକ ଡ଼ା. ପ୍ରିୟଜିତ୍ ଜେନା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ, ସମାଜର ପ୍ରତ୍ୟେକ ମନୁଷ୍ୟ ମନ, ବଚନ ଏବଂ କର୍ମରେ ଶାନ୍ତିର ପ୍ରକମ୍ପନ ପରିବ୍ୟାପ୍ତ କଲେ ଏକ ଶାନ୍ତି, ସମୃଦ୍ଧ ଏବଂ ସୁଖମୟ ସମାଜ ସ୍ଥାପନ ହୋଇପାରିବ। ତତ୍‌ପରେ ଶାନ୍ତିକୁଣ୍ଡ ଗିରିରୋଡ୍ ପ୍ରାଙ୍ଗଣରେ ଡା. ଜେନା ଶିବ ପତାକା ଉତ୍ତୋଳନ କରିଥିଲେ ତଥା ଏକ ସର୍ବଧର୍ମ ସମନ୍ୱୟର ପ୍ରତୀକ ଏକ ଭ୍ରାମ୍ୟମାଣ ସୁସଜ୍ଜିତ ମେଢ଼ ସହ ଏକ ଶାନ୍ତି ଶୋଭା ଯାତ୍ରାର ଶୁଭ ଉଦ୍‌ଘାଟନ କରିଥିଲେ ।

**ବ୍ରହ୍ମପୁର,୮।୩(ନି.ପ୍ର):** ମହିଳାମାନଙ୍କର ତ୍ୟାଗ, ସେବା ଓ ବଳିଦାନର ଦିବସ । ମହିଳାଙ୍କୁ ସମ୍ମାନ ଜଣାଇ ପ୍ରତିବର୍ଷ ମାର୍ଚ୍ଚ ମାସ ୮ ତାରିଖକୁ ଆନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଇଥାଏ। ସମସ୍ତ ବିଶ୍ୱରେ ମହିଳାମାନଙ୍କର ଜୀବନରେ ସୁଧାର ଆଣିବା ପାଇଁ ଓ ସେମାନଙ୍କ ପ୍ରତି ବିଷୟକୁ ନେଇ ସଚେତନ ସୃଷ୍ଟି କରିବା ସହ ସମସ୍ତ ମହିଳାଙ୍କ ମୁହଁରେ ହସ ଫୁଟାଇବା ପାଇଁ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ରାନ୍ତି ବ୍ରହ୍ମପୁର ଓ ସରକାରୀ ଆଇ.ଟି.ଆଇ ମିଳିତ ସହଯୋଗରେ ଅନ୍ତର୍ଜାତୀୟ ମହିଳା ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ବ୍ରହ୍ମପୁର ସରକାରୀ ଆଇ.ଟି.ଆଇ ଛାତ୍ରୀ ନିବାସଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ମହିଳା ଦିବସରେ ସମସ୍ତ ଅତିଥିମାନଙ୍କ ଗହଣରେ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ଅବସରପ୍ରାପ୍ତ ପ୍ରଫେସର ଡ. ସନ୍ଧ୍ୟାରାଣୀ ଦାସ ଯୋଗ ଦେଇଥିବା ବେଳେ, ସମ୍ମାନୀତ ଅତିଥି ରୂପେ ଏମ୍.କେ.ସି.ଜି. ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ ଚକ୍ଷୁ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ଼ା. ସୁଜାତା ପାଢ଼ୀ ଓ ଟାଟା ପାୱାରର ଭିଜିଲାନ୍ସ ବିଭାଗ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଇଂ. ସସ୍ମିତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ମହିଳା ଦିବସର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ଦେବାନନ୍ଦ ଦାଶ ଅଧ୍ୟକ୍ଷତା କରି ତାଙ୍କ ବକ୍ତବ୍ୟରେ କହିଥିଲେ ଏହି ଅନ୍ତର୍ଜାତୀୟ ମହିଳା ଦିବସରେ ନାରୀକୁ ସମ୍ମାନ ଦେଇ ବିଶ୍ୱର ମଙ୍ଗଳ କରିବାକୁ ଚେଷ୍ଟା କରିବା । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଆଇଟିଆଇ ଛାତ୍ରୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । କ୍ରାନ୍ତି ଅନୁଷ୍ଠାନର କୁନି କଳାକାର ସହ ମହିଳା ସଦସ୍ୟ ଓ ଅତିଥିମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ସହ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏଥର କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଅରୁଣ ପଟ୍ଟନାୟକ, ସ୍ନିଗ୍ଧାରାଣୀ ମହାରଣା, କଲ୍ୟାଣୀ ଦାସ, ଅନିଲ୍ କୁମାର ସେଠୀ, ଧନଞ୍ଜୟ ପଣ୍ଡା, ଛବିରାଣୀ ପଟ୍ଟନାୟକ, ରାମହରି ପଣ୍ଡା, ସଂଘମିତ୍ରା ବେହେରା ଓ ଆଇଟିଆଇର ସଦସ୍ୟଙ୍କ ସମେତ କ୍ରାନ୍ତି ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ । ଶେଷରେ ନିର୍ମଳା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।




**ବ୍ରହ୍ମପୁର,୮।୩(ନି.ପ୍ର):** ସ୍ଥାନୀୟ ଏମ୍‌କେସିଜି ମେଡ଼ିକାଲ୍ କଲେଜର ଅଡ଼ିଟୋରିୟମ୍ ହଲ୍‌ଠାରେ ଶୁକ୍ରବାର ସଖୀ ୱାନ୍ ଷ୍ଟପ୍ ସେଣ୍ଟର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦର ଭାଇସ୍ ପ୍ରେସିଡ଼େଣ୍ଟ୍ ରାଜେଶ୍ୱରୀ ଦୋରା ଓ ସାଇବର ଥାନା ଭାରପ୍ରାପ୍ତ ଅଧିକାରୀ ଭାଲେଣ୍ଟିନା ରାଏ ଓ ଡ଼ି.ଏସ୍.ପି ଅକ୍ଷୟ କୁମାର ରାଏ, ମହିଳା ଥାନା ଭାରପ୍ରାପ୍ତ ଅଧିକାରୀ ସୁଚିତ୍ରା ପରିଡ଼ା, କର୍ପୋରେଟର ପାର୍ବତୀ ପ୍ରଧାନ ଓ ବନିତା ସାହୁ ଯୋଗ ଦେଇ ମହିଳା ଦିବସ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅନ୍ତର୍ଜାତୀୟ ମହିଳା ଦିବସର ମୁଖ୍ୟବକ୍ତା ଭାବେ ଆଇ.ଏସ୍.ଆର୍.ଡ଼ି ର ନିର୍ଦ୍ଦେଶକ ସଧୀର ସାବତ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ସଖୀ କେନ୍ଦ୍ର ପରିଚାଳନା ମହେଶ୍ୱେତା ପାଢ଼ୀ ଓ ଅନ୍ୟ କର୍ମକର୍ତ୍ତାମାନେ ଝୋଟି, ପିଠା, ପଣା ପ୍ରତିଯୋଗିତା ପାଇଁ ଆୟୋଜନ କରିଥିଲେ। ଏହି ପ୍ରତିଯୋଗିତାରେ ନର୍ସିଂ କଲେଜର ଛାତ୍ରୀମାନେ, ଅଙ୍ଗନବାଡ଼ି କର୍ମୀମାନେ ଘରୋଇ ମହିଳା ଓ ବାଳିକାମାନେ ଅଂଶଗ୍ରହଣ କରି ଥିଲେ ଏବଂ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ସମ୍ମାନୀତ କରାଯାଇଥିଲା । କର୍ମମୟ ଜୀବନରୁ ନିସ୍ତାର ନେଇ ଗୀତ ଓ ନାଚରେ ଆନନ୍ଦ ଉଲ୍ଲସିତ ହୋଇ ସମସ୍ତ ମହିଳାମାନେ ଏହି ଦିବସ ପାଳନ କରିଥିଲେ।



# ସ୍ୱାଧୀନତା ସଂଗ୍ରାମୀ ଉଷା ମେହତାଙ୍କ ଭୂମିକାରେ ସାରା





କରନ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ସ ବ୍ୟାନର ଅଧୀନରେ ନିର୍ମିତ ଫିଲ୍ମ 'ଏ ତନ ମେରେ ୱତନ'ର ଟ୍ରେଲର ରିଲିଜ୍ ହୋଇଛି । ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସାରା ଅଲି ଖାନ୍। ଏହି ଫିଲ୍ମରେ ସେ ପ୍ରଥମ ଥର ଇମ୍ରାନ ହାଶମିଙ୍କ ସହ କାମ କରିଛନ୍ତି । ବାସ୍ତବ ଘଟଣା ଉପରେ ପର୍ଯ୍ୟବସିତ ଏହି ଫିଲ୍ମରେ ସ୍ୱାଧୀନତା ସଂଗ୍ରାମୀ ଉଷା ମେହତାଙ୍କ ଜୀବନୀକୁ ପରଦାରେ ଦେଖିବାକୁ ପାଇବେ ସିନେପ୍ରେମୀ । କନନ ଅୟରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ୨୧ ତାରିଖର ଓଟିଟି ପ୍ଲାଟଫର୍ମ ପ୍ରାଇମ୍ ଭିଡିଓରେ ମୁକ୍ତିଲାଭ କରିବ । ଫିଲ୍ମର ଟ୍ରେଲର୍‌ରେ ସ୍ୱାଧୀନତା-ପୂର୍ବର ଝଲକ୍ ଦେଖିବାକୁ ମିଳିଛି । ଏଥିରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସାରା ଛାଇଛନ୍ତି।

୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ସମୟର ଘଟଣା ଫିଲ୍ମରେ ଦେଖିବାକୁ ମିଳିବ। ବମ୍ବେର ୨୨ ବର୍ଷୀୟା କଲେଜ ଝିଅ ଉଷା ମେହତା (ସାରା) ଗାନ୍ଧିବାଦୀ ବିଚାର ଦ୍ୱାରା ପ୍ରେରିତ ହୋଇ ଦେଶର ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଛନ୍ତି । ସେ ଗୋପନରେ ଏକ ରେଡିଓ ଷ୍ଟେସନ୍ ଚଳାଇ ଏହି ସଂଗ୍ରାମରେ ନିଜର ଯୋଗଦାନ ଦେଇଛନ୍ତି। ଧୀରେ ଧୀରେ ଏହି ରେଡିଓ ଷ୍ଟେସନ୍ ଭାରତଛାଡ଼ ଆନ୍ଦୋଳନର ବହ୍ନିକୁ ପ୍ରଜ୍ୱଳିତ କରିବାର ସବୁଠୁ ବଡ଼ ମାଧ୍ୟମ ହୋଇଛି। ସାରାଙ୍କ ଉପରେ ଫିଲ୍ମଟି ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ । ତାଙ୍କ ସହ 'ଲାପତା ଲେଡିଜ୍' ଫେମ୍ ସ୍ପର୍ଶ ଶ୍ରୀବାସ୍ତବଙ୍କ ସଚିନ ଖେଡ଼େକର ଓ ଆଲେକ୍ସ ଓ ନୀଲ ଅଭିନୟ କରିଛନ୍ତି ।

ଇମ୍ରାନ ଏଥିରେ ଅତିଥି କଳାକାର ଭାବେ ନଜର ଆସିବେ । ଟ୍ରେଲର୍‌ରେ ତାଙ୍କ ଭୂମିକା ମଧ୍ୟ ଦେଖିବାକୁ ମିଳିଛି। କିନ୍ତୁ ତାଙ୍କୁ ସହଜରେ ଚିହ୍ନି ହେଉନାହିଁ । ସୂଚନାଯୋଗ୍ୟ, ଉଷା ମେହତା ଜଣେ ସମାଜସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ । ୧୯୨୦ ମସିହା, ମାର୍ଚ୍ଚ ୨୫ ତାରିଖରେ ଗୁଜରାଟର ସୁରଟରେ ସେ ଜନ୍ମଗ୍ରହଣ କରିଥିଲେ । ୮ ବର୍ଷ ବୟସରେ ସେ ସାଇମନ୍ କମିଶନ ପ୍ରତିବାଦ ଯାତ୍ରାରେ ଭାଗ ନେଇଥିଲେ । ତା'ପରେ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ । ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ସେ ରେଡିଓ ପ୍ରସାରଣ ଓ ବାର୍ତ୍ତା ପ୍ରସାର କାମ କରୁଥିଲେ । ତାଙ୍କର ପ୍ରମୁଖ କର୍ମକ୍ଷେତ୍ର ଥିଲା ଆଜାଦ ରେଡିଓ, ଯାହା ୧୯୪୨-୧୯୪୪ ମସିହା ପର୍ଯ୍ୟନ୍ତ ଚାଲିଥିଲା । ବ୍ରିଟିଶ ସରକାର ବିରୋଧରେ ଖବର ପ୍ରସାରଣ ଆୟୋଜନରେ ଉଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ୧୯୯୮ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମ ବିଭୂଷଣ ଦ୍ୱାରା ସମ୍ମାନିତ କରିଥିଲେ ।

## ବେଦ ବାଣୀ

ହେ ଜାତବେଦା ଅଗ୍ନେ! ଆପଣ ଔଷଧି ବିଷୟରେ ଜାଣିଥିବା ବୈଦ୍ୟ। ଆପଣ ପୂର୍ବରୁ କରାଯାଇଥିବା କାର୍ଯ୍ୟର ଭାର ବହନ କରନ୍ତୁ ତଥା ବର୍ତ୍ତମାନ ହେଉଥିବା କାମ ବିଷୟରେ ଜାଣନ୍ତୁ। ଆପଣଙ୍କ ସାହାଯ୍ୟରେ ଆମେ ଗାଈ, ଘୋଡ଼ା ତଥା ମନୁଷ୍ୟଙ୍କୁ ରୋଗରହିତ ଅବସ୍ଥାରେ ପାଉଁ।

ହେ ଜାତବେଦା ଅଗ୍ନେ! ଆପଣ ସମସ୍ତ ଦେବତାଙ୍କ ସହିତ ମିଶି ଏପରି ଉପାୟ କରନ୍ତୁ, ଯାହା ଫଳରେ ଆମକୁ ପୀଡ଼ା ଦେଉଥିବା ତଥା ଆମକୁ ଖାଇଯିବା ପାଇଁ ଇଚ୍ଛା କରୁଥିବା ରୋଗର ପରିଧି ସଙ୍କୁଚିତ ହୋଇଯିବ।

ହେ ଆଦିତ୍ୟଦେବ! ଆପଣ ଏହି ସାଧକକୁ ଐଶ୍ୱର୍ଯ୍ୟରେ ପୂର୍ଣ୍ଣ କରନ୍ତୁ। ହେ ଅଗ୍ନିଦେବ! ଆପଣ ସ୍ୱୟଂ ବୃଦ୍ଧିଲାଭ କରି ତାହାଙ୍କୁ ମଧ୍ୟ ବଢାନ୍ତୁ। ହେ ଇନ୍ଦ୍ରଦେବ! ଆପଣ ତାହାଙ୍କୁ ବଳଯୁକ୍ତ କରନ୍ତୁ। ପାଳନ କରୁଥିବା ତ୍ରିବୃତ୍ ତାଙ୍କଠାରେ ଆଶ୍ରୟ ଗ୍ରହଣ କରୁ।

-ଅଥର୍ବବେଦ

# ସୋରିଷର ଦେଶ

ଦୁନିଆର ଅନେକ ଦେଶରେ ସୋରିଷ ତେଲରେ ଖାଦ୍ୟ ରନ୍ଧାଯାଏ। ଏହା ଭାରତର ପ୍ରାୟ ସମସ୍ତ ରୋଷେଇ ଘରେ ଦେଖିବାକୁ ମିଳେ। ୨୦୨୧ରେ ଭାରତରେ ସୋରିଷର ରେକର୍ଡ ଉତ୍ପାଦନ ହୋଇଥିଲା। ପ୍ରାୟ ୮୯.୫ ଲକ୍ଷ ଟନ୍ ସୋରିଷ ଉତ୍ପାଦିତ ହୋଇଥିଲା। ଯାହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୧୯.୩୩ ପ୍ରତିଶତ ଅଧିକ। ଏକ ଛୋଟ ଦେଶ ଅଛି, ଯାହା ସମଗ୍ର ବିଶ୍ୱକୁ ସୋରିଷ ତେଲ ଯୋଗାଏ। ସୋରିଷ ଉତ୍ପାଦନରେ ଆମର ପଡ଼ୋଶୀ ଦେଶ ନେପାଳ ଏକ ନମ୍ବରରେ ଅଛି। ଏକ ରିପୋର୍ଟ ଅନୁଯାୟୀ, ୨୦୨୧ରେ ନେପାଳରେ ୨୨୦,୨୫୦ ଟନ୍ ସୋରିଷ ଉତ୍ପାଦନ କରାଯାଇଥିଲା। ଏହା ସହିତ ସେ ସମଗ୍ର ବିଶ୍ୱରେ ଶୀର୍ଷରେ ରହିଲେ। କେବଳ ନେପାଳ ବିଶ୍ୱର ଉତ୍ପାଦିତ ମୋଟ୍ ସୋରିଷର ୪୧.୩% ଉତ୍ପାଦନ କରେ। ଏଠାରୁ ସୋରିଷ ତେଲ ଭାରତ, ପାକିସ୍ଥାନ, ଚାଇନା ସମେତ ଅନେକ ଦେଶକୁ ଯାଇଥାଏ। ସୋରିଷ ଉତ୍ପାଦନରେ ରୁଷିଆ ଦ୍ୱିତୀୟ ସ୍ଥାନରେ ରହିଛି। ଏଠାରେ ୧୮୩,୪୨୬ ଲକ୍ଷ ଟନ୍ ସୋରିଷ ଏକ ବର୍ଷରେ ଉତ୍ପାଦିତ ହୁଏ। ଏଠାରୁ ସୋରିଷ ତେଲ ୟୁରୋପୀୟ ଦେଶକୁ ପଠାଯାଏ। ଏସିଆର କେତେକ ଦେଶ ରୁଷିଆରୁ ସୋରିଷ ତେଲ କିଣୁଛନ୍ତି। କାନାଡା ତୃତୀୟ ସ୍ଥାନରେ ଅଛି, ଯେଉଁଠାରେ ୧୬୧,୭୮୧ ଟନ୍ ସୋରିଷ ଉତ୍ପାଦନ କରାଯାଏ। ବିଶ୍ୱକୁ ଖଜୁରୀ ତେଲ ଯୋଗାଉଥିବା ମାଲେସିଆ ଏହି ତାଲିକାରେ ଚତୁର୍ଥ ସ୍ଥାନରେ ଅଛି। ସେଠାରେ ୧୪୪,୨୩୬ ଟନ୍ ସୋରିଷ ଉତ୍ପାଦିତ ହୁଏ। ଏଗୁଡ଼ିକ ପରେ ଆମେରିକା, ଆମର ପଡ଼ୋଶୀ ଦେଶ ମ୍ୟାନମାର, ଚାଇନା ଏବଂ ୟୁକ୍ରେନ। ନେପାଳରେ ୩୦୦୦ ମିଟର ଏବଂ ତଦୁର୍ଦ୍ଧ୍ୱ ଉଚ୍ଚତାରେ ସମୁଦ୍ର ସେଲ୍‌ର ଜୀବାଶ୍ମ ଦେଖିବାକୁ ମିଳେ। ଏଠାରେ ବହୁ ସଂଖ୍ୟକ ବିଶ୍ୱ ଐତିହ୍ୟ ସ୍ଥାନ ଅଛି। କେବଳ କାଠମାଣ୍ଡୁରେ ୧୫ କିଲୋମିଟର ବ୍ୟାସାର୍ଦ୍ଧରେ ୭ଟି ସାଇଟ୍ ଅଛି। ସେମାନଙ୍କର ୯୨%ରୁ ଅଧିକ ଶକ୍ତି ଜଳ ବିଦ୍ୟୁତ୍ ଉତ୍ପାଦନରୁ ଆସିଥାଏ। ଏଭରେଷ୍ଟର ନେପାଳୀ ନାମ ହେଉଛି 'ସାଗରମାର୍ଥା', ଯାହାର ଅର୍ଥ ହେଉଛି 'ଆକାଶର ମଥା'।







# ଦେଶ ସେବାରୁ କୃଷକ

ଉତ୍ତରପ୍ରଦେଶର ବାରବାଙ୍କିର ଏପରି ଜଣେ ବ୍ୟକ୍ତି ଅଛନ୍ତି, ଯିଏ କି ପ୍ରଥମେ ଦେଶ ସେବା କରିବା ପରେ ଏବେ ନିଜ ଦେଶର ମାଟିରେ ବିଭିନ୍ନ ପ୍ରକାରର ଚାଷକାର୍ଯ୍ୟ କରିଛନ୍ତି। କର୍ଣ୍ଣେଲ ହରିଚନ୍ଦ୍ର ସେନାବାହିନୀରୁ ଅବସର ନେବା ପରେ ଚାଷ ଆଡ଼କୁ ମନ ବଳାଇଛନ୍ତି। ଆଜି ସେ ଏକସାଙ୍ଗରେ ଡ୍ରାଗନ୍ ଫ୍ରୁଟ୍ସ, ବନ୍ଧାକୋବି, କଳା ଆଳୁ, କଦଳୀ ଇତ୍ୟାଦି ଚାଷ କରିଛନ୍ତି। ଯେଉଁଥିପାଇଁ ସେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଲାଭ କରୁଛନ୍ତି। ଆଜି ତାଙ୍କ ଚାଷ ଦେଖି ଗାଁର ଅନେକ କୃଷକ ତାଙ୍କ ପରି ଚାଷକାର୍ଯ୍ୟ ଆରମ୍ଭ କରିଛନ୍ତି। କେବଳ ତାଙ୍କ ଗାଁ ନୁହେଁ ସମଗ୍ର ଜିଲାରୁ ଶତାଧିକ କୃଷକ ତାଙ୍କ ପଦ୍ଧତି ଶିକ୍ଷା କରି ଫଳ ଓ ପନିପରିବା ଚାଷ କରୁଛନ୍ତି।

ପ୍ରଗତିଶୀଳ କୃଷକ ହରିଚନ୍ଦ୍ର ୨୦୧୫ରେ ସେନାରୁ ଅବସର ନେଇଥିଲେ। ଅବସର ପରେ ସେ ବାରବାଙ୍କି ଜିଲାର ଆମସେରୁଓ୍ୱା ଗ୍ରାମରେ ଜମି କିଣି ଏକ ଏକରରୁ ଫଳ ଓ ପନିପରିବା ଚାଷ କରିବା ଆରମ୍ଭ କଲେ। ଯେଉଁଥିରେ ସେ ଭଲ ଲାଭ ପାଇଲେ। ଆଜି ପ୍ରାୟ ଚାରି ଏକରରେ ଡ୍ରାଗନ ଫ୍ରୁଟ୍ସ, ବନ୍ଧାକୋବି, କଳା ଆଳୁ କଦଳୀ ଇତ୍ୟାଦି ଚାଷ କରିଛନ୍ତି। ଯେଉଁଥିରୁ ସେ ପ୍ରତିବର୍ଷ ୫ରୁ ୬ଲକ୍ଷ ଟଙ୍କା ଲାଭ କରୁଛନ୍ତି। କର୍ଣ୍ଣେଲ ହରିଚନ୍ଦ୍ର କହିଛନ୍ତି, ୨୦୧୫ରେ ଅବସର ନେବା ପରେ ମୁଁ ଚାଷ ଆରମ୍ଭ କରିଥିଲି। ପିଲାଦିନରୁ ଚାଷ କରିବାକୁ ଭଲ ପାଉଥିଲି। ଏହାକୁ ଦୃଷ୍ଟିରେ ରଖି ମୁଁ ପାରମ୍ପାରିକ ଭାବରେ ଧାନ ଏବଂ ଗହମ ଚାଷ କରିଥିଲି। ଯେଉଁଥିରେ ବିଶେଷ ଲାଭ ହେଲା ନାହିଁ। ଏହା ପରେ କିଛି ନୂଆ ଚିନ୍ତା କଲି। ଏହା ପରେ ମୁଁ ଡ୍ରାଗନ ଫ୍ରୁଟ୍ସ, ବନ୍ଧାକୋବି ଏବଂ କଳା ଆଳୁ ବିଷୟରେ ସୂଚନା ପାଇଲି। ତା'ପରେ ଗୋଟିଏ ଏକରରୁ ଆରମ୍ଭ କରିଲି। ଯେଉଁଥିରୁ ବେଶ୍ ଲାଭ ମିଳିଲା।

ହରିଶ୍ଚନ୍ଦ୍ର କହିଛନ୍ତି, ମଁ ଫଳ ଓ ପନିପରିବା ଲଗାଇଛି। ଏହା ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଏଥିରେ ଜୈବିକା ସାର ବ୍ୟବହାର କରାଯାଉଛି। ଯେଉଁଥିପାଇଁ ଏହା ଶୁଦ୍ଧ ଏବଂ ପୁଷ୍ଟିକର ହୋଇଥାଏ। ଏହି ଚାଷରୁ ୫ରୁ ୬ଲକ୍ଷ ଟଙ୍କା ହେଉଛି। ମୁଁ ମୋର କୃଷକ ଭାଇମାନଙ୍କୁ ଅନ୍ୟ ଫସଲ ସହିତ କିଛି ଫଳ ଏବଂ ପନିପରିବା ଚାଷ କରିବାକୁ ଏବଂ ସେଥିରେ ଜୈବିକ ସାର ବ୍ୟବହାର କରିବାକୁ କହିବାକୁ ଚାହେଁ। ଯେଉଁଥିପାଇଁ ଖର୍ଚ୍ଚ କମ୍ ହେବ ଏବଂ ଲାଭ ମଧ୍ୟ ଅଧିକ ହେବ।

# ପଦ୍ମଶ୍ରୀ ପୁରସ୍କାର ହାସଲ କରିଥିବା ପ୍ରଥମ ଅଭିନେତ୍ରୀ ନର୍ଗିସ



ଭାରତୀୟ ସିନେମାର ପ୍ରସିଦ୍ଧ ଅଭିନେତ୍ରୀ ନର୍ଗିସ ମାତ୍ର ୬ବର୍ଷ ବୟସରେ ଫିଲ୍ମ 'ତଲାଶ-ଏ-ହକ୍'ରେ ତାଙ୍କର ଅଭିନୟ ଯାତ୍ରା ଆରମ୍ଭ କରିଥିଲେ। ତାଙ୍କର ଜନ୍ମ ହୋଇଥିଲା କୋଲକାତାରେ, ୧ ଜୁନ୍ ୧୯୨୯ରେ। ୧୯୪୩ରେ ଫିଲ୍ମ 'ତକ୍‌ଦୀର୍'ରେ ସେ ଦୃଷ୍ଟି ଆକର୍ଷଣ କରିଥିଲେ। ନର୍ଗିସଙ୍କ ଅବିସ୍ମରଣୀୟ ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି 'ମଦର ଇଣ୍ଡିଆ', 'ଆୱାରା', 'ଶ୍ରୀ ୪୨୦', 'ଚୋରି ଚୋରି', 'ବରଷାତ୍', 'ଅନ୍ଦାଜ'। ୧୯୫୮ରେ ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନ ହାସଲ କରିଥିବା ସେ ପ୍ରଥମ ଅଭିନେତ୍ରୀ। ତାଙ୍କର ଅନ୍ୟ ଏକ ପରିଚୟ ହେଉଛି ସେ ବଲିଉଡ୍‌ର ପ୍ରସିଦ୍ଧ ଅଭିନେତା ସୁନୀଲ ଦତ୍ତଙ୍କ ପତ୍ନୀ ଓ ସଞ୍ଜୟ ଦତ୍ତଙ୍କ ମାଆ। ୩ ମେ ୧୯୮୧ରେ ତାଙ୍କର ନିଧନ ହୋଇଥିଲା।

# ଫିଲ୍ମ ନିର୍ଦ୍ଦେଶନାକୁ ଫେରିଲେ ଅନୁପମ

ବଲିଉଡ୍‌ର ବରିଷ୍ଠ ଅଭିନେତା ଅନୁପମ୍ ଖେର୍ ସୋସିଆଲ୍ ମିଡିଆରେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ବିଭିନ୍ନ ସାମାଜିକ ଏବଂ ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ଥିବା ପ୍ରସଙ୍ଗରେ ସେ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ନିଜର ଶାଣିତ ମତ ରଖିଥାନ୍ତି। ତେବେ ଏହି ଭେଟେରାନ୍ ତାଙ୍କ ୭୦ ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ ଏକ ବଡ ଘୋଷଣା କରିଛନ୍ତି। ନିକଟରେ ସେ ଏକ ଫିଲ୍ମର ନିର୍ଦ୍ଦେଶନା ଦେବାକୁ ଯାଉଥିବା ଅନୁପମ କହିଛନ୍ତି। ସେ ନିଜ ମା'ଙ୍କ ଆଶୀର୍ବାଦ ଗ୍ରହଣ କରି ଏହି ଚଳଚ୍ଚିତ୍ରର ନାମ 'ତନ୍‌ଭି ଦି ଗ୍ରେଟ୍' ହୋଇଥିବା ସୂଚନା ଦେଇଛନ୍ତି। ଏନେଇ ଅନୁପମ୍ ଗୁରୁବାର ନିଜ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଏକ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ସେ ଏହି ଚଳଚ୍ଚିତ୍ରର ସଫଳତା କାମନା କରି ତାଙ୍କ ମା'ଙ୍କ ଠାରୁ ଆଶୀର୍ବାଦ ନେଉଥିବାର ନଜର ଆସୁଛନ୍ତି। ଗତ ୩ ବର୍ଷ ଧରି ଏହି ଚଳଚ୍ଚିତ୍ରର କାହାଣୀ ଉପରେ ସେ କାର୍ଯ୍ୟ କରୁଥିବା ଅନୁପମ କହିଛନ୍ତି। ମହାଶିବରାତ୍ରିର ଶୁଭ ଅବସରରେ ଏହି ଚଳଚ୍ଚିତ୍ରର ଶୁଟିଂ ଆରମ୍ଭ ହେବ ବୋଲି ସେ ନିଜ ପ୍ରଶଂସକଙ୍କୁ ସୂଚନା ଦେଇଛନ୍ତି। ତେବେ ଉକ୍ତ ଚଳଚ୍ଚିତ୍ରକୁ ଅନୁପମ୍ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଏଥିପାଇଁ ସେ ନିଜ ପ୍ରଶଂସକଙ୍କ ଠାରୁ ଆଶୀର୍ବାଦ ମଧ୍ୟ ଲୋଡ଼ିଛନ୍ତି। ଅନୁପମ୍ ପୂର୍ବରୁ ମଧ୍ୟ କିଛି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ବେଳେ, ଗତ କିଛି ବର୍ଷ ଧରି ସେ ଫିଲ୍ମ ନିର୍ଦ୍ଦେଶନାରୁ ଦୂରେଇ ରହିଥିଲେ। ୨୦୦୨ରେ ସେ ପ୍ରଥମ ଥର ପାଇଁ ଫିଲ୍ମ ନିର୍ଦ୍ଦେଶନା ଦେଇଥିଲେ।







## ଦ୍ୱିତୀୟ ବ୍ରାଇଟ୍ ଓଡିଶା ୱିମେନସ୍ ଏକ୍ସଲେନ୍ସି ଆୱାର୍ଡ

# ୧୭ଜଣ ମହିଳା ପ୍ରତିଭା ସମ୍ମାନିତ

ଭୁବନେଶ୍ବର,୮।୩(ନିପ୍ର):ଆନ୍ତର୍ଜାତୀକ ମହିଳା ଦିବସ ଅବସରରେ ବ୍ରାଇଟ୍ ଓଡିଶା ଓ ଗ୍ଲାମର ସେଭେଣ୍ଟି ସେଭେନ୍ ତରଫରୁ ଜୟଦେବ ଭବନଠାରେ ବ୍ରାଇଟ୍ ଓଡିଶା ୱିମେନସ୍ ଏକ୍ସିଲେନ୍ସି ଆୱାର୍ଡ ୨୦୨୪ ଅନୁଷ୍ଠିତ ହୋଇଯାଇଛି। । ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଉତ୍ସବର ମୁଖ୍ୟ ପରାମର୍ଶଦାତା ରୋଜାଲିନ୍ ମିଶ୍ରଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ ଯୋଗଦେଇ କହିଥିଲେ ଏକସମୃଦ୍ଧ ଓ ସଶକ୍ତ ସମାଜ ଗଠନରେ ମହିଳାଙ୍କ ଭୂମିକା ସର୍ବଦା ଗୁରୁତ୍ବପୂର୍ଣ୍ଣ। ଆମ ସଂସ୍କୃତିରେ ମହିଳାମାନଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯିବା ସହ ବନ୍ଦନା କରାଯିବା ବିଶ୍ୱ ପାଇଁ ପ୍ରରଣା। ସର୍ବଦା ମହିଳାଙ୍କ ପ୍ରତି ଉଚାରଣ ଓ ଆଚରଣରେ ସମାନତା ଆଣିବାକୁ ସେ ଆହ୍ବାନ ଦେଇଥିଲେ। ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର , ମୋ କଲେଜ ଚେୟାରମ୍ୟାନ ଆକାଶ ଦାସ ନାୟକ, ଯୋଦଦେଇ ସମାଜରେ ବିଭିନ୍ନ କ୍ଷେତ୍ରରେ ନିଜର ଉତ୍କର୍ସତା ପାଇଁ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି




ବିଶେଷଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କ୍ରମରେ ଗଣମାଧ୍ୟମ କ୍ଷେତ୍ରରେ ସମ୍ବାଦ ଓ କନକ ନ୍ୟୁଜ୍ ସମ୍ପାଦିକା ତନୟା ପଟ୍ଟନାୟକ, ଦ୍ୟୁତି ଚାନ୍ଦ,ଆଥଲେଟିକ୍ ଚାମ୍ପିଅନ୍ (କ୍ରୀଡା),ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ ( ଅଭିନୟ), ଲୀତା ମହାପାତ୍ର (କର୍ପୋରେଟ୍), ନମ୍ରତା ଡଡ଼ା (ସାମାଜିକ ନ୍ୟାୟ) ସ୍ମିତା ପାଣିଗ୍ରାହି (ରେଡିଓ ଜକି) ଅଧିବକ୍ତା ଅସ୍ମିତା ପତି(ଶିକ୍ଷା) ଜୁନି ହୋତା( ସୌନ୍ଦର୍ଯ୍ୟ ) ମଦ୍ରୁଲିତା ପ୍ରିତା (ସାହିତ୍ୟ), ମମତା ବାଜପେୟୀ (ସମାଜସେବା), ଡାଃ ଶ୍ବେତାପଦ୍ମା ଦାସ (ସ୍ବାସ୍ଥ୍ୟ ସେବା) ମମତା ନାୟକ (ଶିକ୍ଷା ଓ ସମାଜସେବା) ଗାୟତ୍ରୀ ମହାନ୍ତି (ଗଣମାଧ୍ୟମ ସଂଚାଳିକା), ସ୍ବାଗତିକା ମହାନ୍ତି (ଟିଭି ଏବଂ ଥିଏଟର), ସରୋଜା ଚୌଧୁରୀ (ଖାଦ୍ୟ ପ୍ରକ୍ରିୟାକରଣ), ଡାଃ ସୁଭଲକ୍ଷ୍ମୀ ଡଗରା (ସ୍ବାସ୍ଥ୍ୟସେବା), କାଳିଙ୍ଗ ସ୍ବରାଜ ୱିମେନସ୍ ୱିଙ୍ଗ୍, ପୁଣେ (ଜାତୀୟସ୍ତରୀୟ ଓଡିଆ ସ୍ବେଚ୍ଛାସେବୀ ଅନୁଷ୍ଠାନ) ଜୟଶ୍ରୀ ଧଳ (ଲୋକ ସଂଗୀତ) ଗୌତମୀ ପରିଡ (ମହିଳା ସାମ୍ବାଦିକା), ଲୁଭଲିନ୍ ମହାପାତ୍ର (ମଡେଲିଂ) ପୂଜା ତ୍ରିପାଠି (ଆନିମଲ୍ କେୟାର ଆକ୍ଟିଭିଷ୍ଟ), ଡାଃ ଅନୁରାଧା ପାଣିଗ୍ରାହି ( ସଂଗୀତ ଓ ଅଭିନୟ) ହନି ପଟ୍ଟନାୟକ (ଗଣମାଧ୍ୟମ ବିଷୟବସ୍ତୁ ସୃଷ୍ଟିକର୍ତ୍ତା ) ଜୟନ୍ତୀ ମହାପାତ୍ର (ମହିଳା ଉଦ୍ୟୋଗିକା)ସୁନୀତା ମହାନ୍ତି (ସ୍ବାବଲମ୍ବୀ ମହିଳା), ଡାଃ ପ୍ରୀତି ଷଡଙ୍ଗୀ (ସ୍ବାସ୍ଥ୍ୟସେବା), ସୁସ୍ମିତା ମହାନ୍ତି (ଡିଜିଟାଲ୍ ଗଣମାଧ୍ୟମ), ରୋସାଲିନ୍ ପରିଡା (ପ୍ରାକୃତିକ ଚିକିତ୍ସାସେବା), ସସ୍ମିତା ନାୟକ (ଫ୍ୟାସନ ) ଏବଂ ଇଭେଣ୍ଟ ଓ ଚଳଚ୍ଚିତ୍ର ପ୍ରଯୋଜନା ପାଇଁ ରମେଶ ବାରିକଙ୍କ ସମେତ ୧୭ ଜଣ ମହିଳାଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା । ଉତ୍ସବର ପ୍ରତିଷ୍ଠାତା ତଥା ଗ୍ଲାମର ସେଭେଣ୍ଟି ସେଭେନର ନିର୍ଦ୍ଦେଶକ ସଂଜୟମହାକୁଡଲଯୋଗଦେଇ ମହିଳାମାନେ ଆମର ପ୍ରେରଣାର ଉତ୍ସସେମାନଙ୍କୁ ସର୍ବଦା ଉତ୍ସାହିତ କରିବା ପୁରୁଷ ମାନଙ୍କର ପ୍ରଥମ ଦାୟିତ୍ବ ହେବା ଦରକାର ବୋଲି ମତ ଦେଇଥିଲେ । ଏହି ଅବସରରେ ପ୍ରତିଦିନ ଟିଭିର ନିର୍ଦ୍ଦେଶକ ସୁଧିର ପଣ୍ଡା,ଓଡିଶା ୱିମେନ୍ ଏକ୍ସିଲେନସ୍ ଆୱାର୍ଡର ନିର୍ଦ୍ଦେଶିକା ସୁସ୍ମିତା ପୃଷ୍ଟି, ସାହିନୀ ସିର୍ଦ୍ଧାର୍ଥ କଲରସ୍ ଓଡିଆ ଚ୍ୟାନେଲ୍ ହେଡ, ଶୁଭାଶିସ୍? ଶର୍ମା ଓଲିଉଡ୍,ସେଣ୍ଟ ଜାଭିୟରଲ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ଚେୟାରମ୍ୟାନ ଜିଏସ୍ ପଟ୍ଟନାୟକ, ଭାରତ ଫୁଏଲ୍ ଏମଡି ସଂଜୟ ଜେନା ,କଲ୍ୟାଣ ଫାଉଣ୍ଡେସନ ପ୍ରସିଡେଣ୍ଟ ସୌମିତ୍ର ଲେଙ୍କା, ବିଶ୍ବ ଓଡିଆ ଫାଉଣ୍ଡସନର ସଭାପତି ସୁରେନ୍ଦ୍ର ମହାପାତ୍ର ଅଭିନେତ୍ରୀ ପ୍ରତିଭା ପଣ୍ଡା ଓ ସାମାଜିକ କର୍ମି ଲୁଲୁ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିମା ମଣ୍ଡିତ ଲଡୁବାବାଙ୍କ ପୀଠ ଉତ୍ସବ ମୁଖର

ନୟାଗଡ଼,୮।୩(ନିପ୍ର):ମହାଶିବରାତ୍ରିଉପଲକ୍ଷେ ନୟାଗଡ଼ ଜିଲ୍ଲାର ବିଭିନ୍ନ ଶିବ ମନ୍ଦିର ଚଳଚଞ୍ଚଳ ହୋଇ ପଡିଥିବା ବେଳେ ଓଡିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳର ଲଡୁବାବାଙ୍କ ପୀଠରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିବା ଦେଖାଦେଇଛି। ନିଜ ନିଜର ମନୋବାଞ୍ଛା ପୂରଣ ପାଇଁ ଦେବ ଦେବ ମହାଦେବଙ୍କ ପାଖରେ ଉପାସନା ଲାଗି ଜାଗର ଜାଳୁଛନ୍ତି ଶ୍ରଦ୍ଧାଳୁ। କିମ୍ବଦନ୍ତୀ ରହିଛି ଯେ, ସାରା ସଂସାରର ରକ୍ଷା ଲାଗି ବିଷପାନ କରିଥିଲେ ମହାଦେବ। ଭଗବାନଙ୍କ ଜୀବନ ରକ୍ଷା ଲାଗି ସାରା ବିଶ୍ବ ଦୀପ ଜାଳି ଜାଗର ରହିଥିଲେ। ଆଜିର ଦିନରେ ନିଜ ପରିବାରର ଶୁଭ ମନାସି ଶ୍ରଦ୍ଧାଳୁ, ଉପବାସ ରହିବା ସହ ଶୈବାଳୟ ଯାଇ ଦୀପ ଜାଳିଥାନ୍ତି। ରାତିରେ ମହାଦୀପ ଉଠିବା ପରେ ଉପବାସ ଭାଙ୍ଗିଥାନ୍ତି।ଭଗବାନ ଶିବ ହେଉଛନ୍ତି ମହାବୈଦ୍ୟ, ସକଳ ରୋଗର ନିଦ୍ରାନର ରହସ୍ୟ ପ୍ରଭୁ ଶିବଙ୍କୁ ଜଣା ସେ ରୁଦ୍ର , ସେହିଁ ନିଜେ ମହାତେଜ, ମହାଜ୍ୟୋତି, ମହାଅଗ୍ନି କାରଣ ସେ ଅଗ୍ନିର ଉଦ୍ଭାବକ ।ଶରଣକୁଳରେ ଭଗବାନ ଲଡ଼ୁବାବାଙ୍କୁ ଦର୍ଶନ କଲେ ଗୋଟିଏ ଶିବଲିଙ୍ଗରେ ବିଷ୍ଣୁ ଓ ଶିବଙ୍କ ସହ ଶକ୍ତିଙ୍କୁ ଦର୍ଶନ କରି ଭକ୍ତିପୂତ ପ୍ରଣାମ ଜଣାଇ



ମନର କଥା କହିଥାନ୍ତି ଭକ୍ତ । ବିଶ୍ବାସ ରହିଛି ଭଗବାନ ଶିବଙ୍କର ବୃଷଭଙ୍କୁ ଛୁଇଁ ସିଧା ଶଙ୍କରଙ୍କୁ ଦର୍ଶନ କଲେ କୋଟି ଜନ୍ମର ପାପରୁ ମୁକ୍ତି ମିଳିଥାଏ ଓ ମନସ୍କାମନ ପୂର୍ଣ୍ଣ ହୁଏ ନୟାଗଡ଼ ଜିଲ୍ଲାର ଇଷ୍ଟଦେବତା ତଥା ପୂର୍ବ ଭାରତର ଆରାଧ 'ଲଡୁବାବା' ଶରଣକୁଳରେ ବିଦ୍ୟମାନ । ନୟାଗଡ଼ ସଦର ମହକୁମାଠାରୁ ୧୨ କିଲୋମିଟର ଦୂରରେ ବାବାଙ୍କ କଳାକୃତି ସଂପନ୍ନ ସୌନ୍ଦର୍ଯ୍ୟଭରା ଆକର୍ଷଣୀୟ ମନ୍ଦିର ଅବସ୍ଥିତ ୧୧ ଏକର ଜାଗାରେ ଭଣ୍ଡାର ପାହାଡ଼ର ପାଦଦେଶରେ କୁସୁମୀ ନଦୀକୂଳରେ ୭୩ ଫୁଟ ଉଚ୍ଚତା ବିଶିଷ୍ଟ ଦ୍ବାଦଶ ଶତାବ୍ଦୀରେ ନିର୍ମିତ ମଥୁରା କଳା ଓ ଉତ୍ତର ଭାରତର ନାଗରଶୈଳୀ ଅନୁସୃତ ପଞ୍ଚରଥ ଶିଳ୍ପଶାସ୍ତ୍ରଭିତ୍ତିକ ଲଡୁବାବା ମନ୍ଦିର ରହିଛି ପୃଥିବୀର ହରିହର ବୈଷ୍ଣବ ଓ ଶୈବ ସମନ୍ୱୟର ମହନୀୟତା ବହନ କରି ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ଦର୍ଶନୀୟ ସ୍ଥାନ ଗୌରବ ଅର୍ଜନ କରିଛି।କିଂବଦନ୍ତିରୁ ଜଣାଯାଏ ବହୁ ଆଦିମ କାଳରେ ଲଡୁ ବେହେରା ନାମକ ଜଣେ ଗଉଡ଼ ବାସ କରୁଥିଲା। ତାହାର କପିଳା ନାମକ ଏକ କାଳିଗାଇ ସର୍ବଦା ଗୋଠରୁ କେଉଁଆଡ଼େ ଚାଲି ଯାଉଥିବା ସେ ଲକ୍ଷ୍ୟ କଲା ଗାଇଟି ଘରେ କ୍ଷୀର ଦେଉନଥିବାରୁ କପିଳାର ସନ୍ଦେହ ବଢ଼ିଥିଲା ଥରେ ନଦୀରେ ବଢ଼ି ଆସିଥିଲେ ମଧ କାଳିଗାଇ ବଢ଼ି ପାଣିକୁ ଖାତିର ନ କରି କେଉଁଆଡ଼େ ଚାଲିଗଲା। କପିଳା ଗାଇକୁ ଖୋଜିଖୋଜି ଯିବା ସମୟରେ ଏକ ସ୍ଥାନରେ ଗାଇଟି ଠିଆ ହୋଇରହିଥିବା ଏବଂ ତା' ପହ୍ନାରୁ ଆପେଆପେ କ୍ଷୀର ଏକ ଲିଙ୍ଗାକୃତି ଶିଳା ଉପରେ ପଡ଼ୁଥିବା ଗଉଡ଼ ଦେଖିବାକୁ ପାଇଥିଲା କପିଳା କିଛି ନ ବୁଝି ଗାଇକୁ ଏକ ଠେଙ୍ଗାରେ ପିଟିଲା ଗାଇଟି ଭୟରେ ସେଠାରୁ ଦୌଡ଼ିଯିବା ବେଳେ ତାର ଖୋଜ ଉକ୍ତ ପଥର ଉପରେ ପଡ଼ିଯିବାରୁ ପଥରରୁ ଧାରଧାର ହୋଇ ରକ୍ତ ବାହାରିବାକୁ ଲାଗିଲା । ଏହି ଦୃଶ୍ୟ ଦେଖି ଗଉଡ଼ ଗାଁରେ ଯାଇ ସବୁକଥା ଜଣାଇଲା। ଗାଁ ମୁଖିଆ ଓ ଅନ୍ୟ ଲୋକମାନେ ମିଶି ସେହି ସ୍ଥାନରେ ପହଞ୍ଚି ସତକଥା ଜାଣିବାକୁ ପାଇଲେ ସ୍ବୟଂ ମହାଦେବ ଲିଙ୍ଗ ସ୍ବରୂପୀ ହୋଇ ଫୁଟି ବାହାରିଛନ୍ତି ସେମାନେ ଠାକୁରଙ୍କୁ ପୂଜାର୍ଚ୍ଚନା କଲେ କ୍ରମେ ଘଟଣା ଯାଇ ତତ୍କାଳୀନ ରାଜାଙ୍କ ପାଖରେ ପହଞ୍ଚିଲା ରାଜାଙ୍କ ନିର୍ଦ୍ଦେଶକ୍ରମେ ପ୍ରଭୁଙ୍କ ନୀତି ପାଇଁ ସେବକ ନିଯୁକ୍ତି କଲେ ମନ୍ଦିର ପାଇଁ ଜମି ଖଞ୍ଜା କଲେ ପରେ ସେଠାରେ ମନ୍ଦିର ନିର୍ମିତ ହେଲା ଏବଂ ଗଉଡ଼ ଲଡୁ ବେହେରା ନାମରେ ଠାକୁରଙ୍କ ନାମ ଲଡ଼ୁବାବା ବୋଲି ନାମକରଣ କରାଯିବାର କିମ୍ବଦନ୍ତୀ ତଥ୍ୟ ରହିଛି।ତେବେ ଶରଣକୁଳ ଲଡୁବାବାଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡିଛି।




# ହିମାଳୟରେ ଆଉ ଏକ ଭାରତ-ଚାଇନା ଯୁଦ୍ଧ ଆଶଙ୍କା




ନୂଆଦିଲ୍ଲୀ/ବେଜିଂ,୮।୩(ଏଜେନ୍ସି): ପାଞ୍ଚ ବର୍ଷ ମଧ୍ୟରେ ଭାରତ ଏବଂ ଚାଇନା ମଧ୍ୟରେ ଏକ ଯୁଦ୍ଧ ଆରମ୍ଭ ହୋଇପାରେ। ଜିଓ ରାଜନୀତିର ବିଶେଷଜ୍ଞମାନେ ଏ ବିଷୟରେ ଆଶଙ୍କା ବ୍ୟକ୍ତ କରିଛନ୍ତି। ୨୦୨୫ରୁ ୨୦୩୦ମଧ୍ୟରେ ହିମାଳୟରେ ଆଉ ଏକ ଭାରତ-ଚାଇନା ଯୁଦ୍ଧ ଆରମ୍ଭ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହି ଯୁଦ୍ଧକୁ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ପ୍ରକଳ୍ପରେ ବିଶେଷଜ୍ଞମାନେ ଦର୍ଶାଇଛନ୍ତି। ଚାଇନା ଏହାର କାଶାଗର ଏନର୍ଜି ପ୍ଲାଣ୍ଟକୁ ଭୟ କରୁଛି, ଯାହାର ମାର୍ଗ ପୂର୍ବ ଲଦାଖ ଦେଇ ଯାଇଥାଏ। ଯଦି କୌଣସି ପଡୋଶୀ ଦେଶ ଏହାକୁ ଆକ୍ରମଣ କରନ୍ତି, ତେବେ ଏହାର ଶକ୍ତି ବ୍ୟବସ୍ଥା ସ୍ଥିର ହୋଇଯିବ। ରୟାଲ ୟୁନାଇଟେଡ ସର୍ଭିସେସ ଇନଷ୍ଟିଚ୍ୟୁଟ ଇଣ୍ଡିଆନ ହୋରିଜନ ଉପରେ ୱାର୍ କ୍ଲାଉଡ' ରିପୋର୍ଟରେ ଏହା କହିଛି। ଏହି ରିପୋର୍ଟରେ ଅନ୍ତର୍ଜାତୀୟ ରାଜନୈତିକ ବିପଦ ଆନାଲିଟିକ୍ସର ପ୍ରତିଷ୍ଠାତା ତଥା ଲେଖକ ସମୀର ଟାଟା ଯୁକ୍ତି କରିଛନ୍ତି ଯେ ଚାଇନା ଭାରତର ଏକ ଅଂଶ ପୂର୍ବ ଲଦାଖକୁ ଶକ୍ତି ସୁରକ୍ଷା ପ୍ରତି ବିପଦ ବୋଲି କହିଛି। ଏହା ଭାରତ ଏବଂ ଚାଇନାକୁ ଅନ୍ୟ ଯୁଦ୍ଧ ଆଡକୁ ଠେଲି ଦେଇପାରେ।

ସମୀର ଟାଟା ଏହି ରିପୋର୍ଟରେ ଲେଖିଛନ୍ତି, ଏହାର ପଶ୍ଚିମ ପ୍ରଦେଶର ଜିନଜିଆଙ୍ଗରେ ଅବସ୍ଥିତ କାଶାଗର ଶକ୍ତି କାରଖାନା ଉପରେ ଆକ୍ରମଣକୁ ଚାଇନା ଭୟ କରୁଛି । ଏହାକୁ ଆକ୍ରମଣ କରିବାର ଏକମାତ୍ର ଉପାୟ ହେଉଛି ପୂର୍ବ ଲଦାଖ ଦେଇ ଯଦି କୌଣସି ଶତ୍ରୁ ଶକ୍ତି କାରଖାନା ଉପରେ ଆକ୍ରମଣ କରି ଏହାକୁ କାବୁ କରନ୍ତି, ତେବେ ଚାଇନାର ଶକ୍ତି ବ୍ୟବସ୍ଥା ସ୍ଥିର ହୋଇଯିବ। ରିପୋର୍ଟରେ କୁହାଯାଇଛି ଯେ କାଶାଗର କାରଖାନା ଇରାନର ଗୁରୁତ୍ୱପୂର୍ଣ୍ଣ ତୈଳ ଓ ଗ୍ୟାସ ପାଇପଲାଇନ ସହିତ ସଂଯୁକ୍ତ। ଏହି ପାଇପଲାଇନ ଚାଇନା-ପାକିସ୍ତାନ ଇକୋନୋମିକ କରିଡର (ସିପିଇସି) ପ୍ରକଳ୍ପ ଅଧୀନରେ ପାକିସ୍ତାନ ଦେଇ ଯାଇଥାଏ।

ହେଲେ ପୂର୍ବତନ ଭାରତୀୟ ସେନା ମୁଖ୍ୟଙ୍କ ମତ ଯୁଦ୍ଧ ବିଷୟରେ ଭିନ୍ନ। ୟୁରାସିଆନ ଟାଇମ୍ସ ସହ କଥାବାର୍ତ୍ତା କରି ସେ କହିଛନ୍ତି ଯେ ୨୦୨୦ରେ ଗଲ୍ୱାନ ବିବାଦ ପରେ ଚାଇନା ଜାଣେ ଯେ ନୂଆ ଭାରତ ପଛକୁ ଯିବ ନାହିଁ। ତେବେ, ସେ ଯୁକ୍ତିରେ ସହମତ ଅଟନ୍ତି ଯେ ଲଦାଖ ଏବଂ କରାକୋରାମ ପାସ ଚାଇନାର ଦୀର୍ଘମିଆଦୀ ରଣନୀତିର ଏକ ଅଂଶ, କାରଣ ଏହି ଅଂଶଗୁଡ଼ିକ ସିପିଇସି ପ୍ରକଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ।

ସେ କହିଛନ୍ତି ଯଦି ଚାଇନା ଅନୁଭବ କରୁଛି ଭାରତ ଏପରି ସ୍ଥିତିରେ ପହଞ୍ଚିଛି ଯେ ଏହା ପାକିସ୍ତାନ ଅଧିକୃତ କଶ୍ମୀର କିମ୍ବା ତିବ୍ଦତରେ ସିପିଇସି ମାର୍ଗକୁ ବନ୍ଦ କରିପାରେ, ତେବେ ଏହା ୧୯୬୨ ଭଳି ଏକ ବଡ ପରିବର୍ତ୍ତନ ହୋଇପାରେ। ୧୯୬୨ରେ ଭାରତ ଏବଂ ଚାଇନା ମଧ୍ୟରେ ହୋଇଥିବା ଯୁଦ୍ଧରେ ଭାରତ ଅନେକ ସୈନିକ ଏବଂ ଭୂମି ହରାଇଥିଲା।

## ଏମଭିଏରୁ ନିର୍ବାଚନ ଲଢ଼ିବା ପାଇଁ
# ଗଡ଼କରୀଙ୍କୁ ଉଦ୍ଧବ ଠାକରେଙ୍କ ଅଫର



ନୂଆଦିଲ୍ଲୀ,୮।୩(ଏଜେନ୍ସି): ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀଙ୍କୁ ବିଜେପି ଛାଡି ମହା ବିକାଶ ଅଘାଡିରେ ଯୋଗଦେବାକୁ ପ୍ରସ୍ତାବ ଦେଇଛନ୍ତି। ଉଦ୍ଧବ ଠାକରେଙ୍କ ଏହି ବିବୃତ୍ତି ପରେ ମୁମ୍ବାଇରୁ ଦିଲ୍ଲୀ ପର୍ଯ୍ୟନ୍ତ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ପ୍ରସଙ୍ଗରେ ଏନସିପି ସାଂସଦ ସୁପ୍ରିୟା ସୁଳେଙ୍କ ବିବୃତ୍ତି ମଧ୍ୟ ସାମ୍ନାକୁ ଆସିଛି। ବାସ୍ତବରେ ଏକ ସପ୍ତାହ ପୂର୍ବରୁ ବିଜେପି ଲୋକସଭା ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରିଥିଲା। ଏହି ତାଲିକାରେ ନିତିନ ଗଡକରୀଙ୍କ ନାମ ନଥିଲା। ଏଭଳି ପରିସ୍ଥିତିରେ ଉଦ୍ଧବ ଠାକରେ ନୀତିନ ଗଡକରୀଙ୍କୁ ଏମଭିଏରୁ ନିର୍ବାଚନ ଲଢ଼ିବା ପାଇଁ ଅଫର ଦେଇଛନ୍ତି । ଏନେଇ ସୁପ୍ରିୟା କହିଛନ୍ତି ଯେ ନୀତିନ ଗଡକରୀ ଜଣେ ରାଷ୍ଟ୍ରୀୟ ନେତା ଓ ସେ ହିଁ ଅସଲି ବିଜେପିର ପ୍ରତିନିଧିତ୍ୱ କରନ୍ତି । ସେ କହିଛନ୍ତି, ବର୍ତ୍ତମାନ ଦଳରେ କ'ଣ ହୋଇଛି ମୁଁ ବୁଝିପାରୁ ନାହିଁ।

ଯେତେବେଳେ ତାଙ୍କୁ ପଚରାଗଲା ଯେ ତାଙ୍କ ଦଳ ମହା ବିକାଶ ଅଘାଡିରେ ନିତିନ ଗଡକରୀଙ୍କୁ ସ୍ୱାଗତ କରିବେ କି? ଏହା ଉପରେ ଉଦ୍ଧବ କହିଛନ୍ତି ଯେ ସେ ଜଣେ ଏମିତି ବ୍ୟକ୍ତି ଯିଏ ବିରୋଧୀଦଳର ନେତାମାନଙ୍କୁ ତାଙ୍କର ଶତ୍ରୁ ବୋଲି ଭାବନ୍ତି ନାହିଁ । ସେ ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ଏବଂ ସେଥିପାଇଁ ତାଙ୍କ ଲାଗି ସମ୍ମାନ ସର୍ବଦା ରହିବ । ଉଲ୍ଲେଖ ଥାଉ କି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କ ନାମ ୨୦୨୪ ଲୋକସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ଦ୍ୱାରା ଘୋଷଣା କରାଯାଇଥିବା ପ୍ରାର୍ଥୀଙ୍କ ପ୍ରଥମ ତାଲିକାରେ ନଥିବା ନେଇ ଶିବସେନା (ଉଦ୍ଧବ ଦଳ) ପ୍ରଶ୍ନ ଉଠାଇଥିଲା । ଶିବସେନାର ମୁଖପତ୍ର ସାମନାରେ ପ୍ରକାଶିତ ସମ୍ପାଦକୀୟରେ ଏହା ମଧ୍ୟ କୁହାଯାଇଥିଲା ଯେ ସେ ହେଉଛନ୍ତି ବିଜେପିର ଏକମାତ୍ର ନେତା ଯିଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅମିତ ଶାହାଙ୍କ ଦାଦାଗିରିକୁ ବରଦାସ୍ତ କରନ୍ତି ନାହିଁ । '

# ପାନୀୟ ଜଳରେ ଗାଡ଼ି ଧୋଇଲେ, ଗଛରେ ପାଣିଦେଲେ ଜରିମାନା

ନୂଆଦିଲ୍ଲୀ,୮।୩(ଏଜେନ୍ସି): କର୍ଣ୍ଣାଟକର ବେଙ୍ଗାଲୁରୁ ସହରରେ ଖରାଦିନ ଆରମ୍ଭରୁ ଜଳସଙ୍କଟ ଦେଖାଦେଇଛି। ଏଣିକି ପାନୀୟ ଜଳରେ ଗାଡ଼ି ଧୋଇଲେ ଓ ଗଛରେ ପାଣିଦେଲେ ଲୋକଙ୍କୁ ଜରିମାନା ଦେବାକୁ ପଡ଼ିବ। ସୂଚନାଯୋଗ୍ୟ, ଜଳସଙ୍କଟ ସମସ୍ୟା ଥିବା ବେଳେ କିଛି ହାଉସିଙ୍ଗ ସୋସାଇଟର ଲୋକମାନେ ପାନୀୟ ଜଳର ଅପବ୍ୟବହାର କରୁଥିବା ଘଟଣା ସାମ୍ନାକୁ ଆସିଛି। ଏହାକୁ ଦୃଷ୍ଟିରେ ରଖି ଏଣିକି ବେଙ୍ଗାଲୁରୁରେ କାର ଧୋଇବା, ଗଛରେ ପାଣିଦେବା, ଘର ନିର୍ମାଣ ଓ ରାସ୍ତା ନିର୍ମାଣ କରିବା ପାଇଁ ପାନୀୟ ଜଳ ବ୍ୟବହାର କରାଯାଇ ପାରିବ ନାହିଁ। କାରଣ ଜଳସଙ୍କଟ ସମସ୍ୟା ଦେଖାଦେଇଛି। ଏମିତି କି ମୁଖ୍ୟମନ୍ତ୍ରୀଙ୍କ ଘରେ ବି ଜଳସଙ୍କଟ ଦେଖା ଦେଇଛି। ଏଥିପାଇଁ ଏଭଳି କଟକଣା ଲାଗୁ କରାଯାଇଛି। ଏହି କଟକଣାକୁ ଯେଉଁମାନେ ଉଲ୍ଲଘଂନ କରିବେ ବା କରୁଥିବାର ଧରାପଡ଼ିବେ ସେମାନଙ୍କୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ ବୋଲି ଚେତାବନୀ ଦିଆଯାଇଛି। ଏହି କ୍ରମରେ ବେଙ୍ଗାଲୁରୁର ବିକାଶର ଦାୟିତ୍ୱ ତୁଲାଉଥିବା ଉପମୁଖ୍ୟମନ୍ତ୍ରୀ ଶିବକୁମାର ବେଙ୍ଗାଲୁରୁରେ ପାଣି ସମସ୍ୟା ଦୂର କରିବା ପାଇଁ ଟ୍ୟାଙ୍କର ଓ ବେସରକାରୀ ବୋରୱେଲକୁ ନିଜ ଅଧିନକୁ ନେବାକୁ ଘୋଷଣା କରିଛନ୍ତି। ଏଥିସହିତ ଜଳ ସଙ୍କଟର ସମାଧାନ ପାଇଁ କର୍ଣ୍ଣାଟକ ସରକାର ହେଲପଲାଇନ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ତେବେ ଗତବର୍ଷ ବି ଏଭଳି ସମସ୍ୟା ଦେଖା ଦେଇଥିଲା। ତେଣୁ ସହରର ସମସ୍ତ ନିର୍ମାଣଧୀନ କାମକୁ ଅଟକାଯାଇଥିଲା। କାରଣ ଏସବୁ କାମରେ ପାଣିର ବହୁ ପରିମାଣରେ ବ୍ୟବହାର କରାଯାଇଥାଏ।

# ମୋଦୀଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି



ନୂଆଦିଲ୍ଲୀ,୮।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦେବାକୁ ହିନ୍ଦୁ ସେନା ଦାବି କରିଛି। ହିନ୍ଦୁ ସେନାର ପ୍ରତିଷ୍ଠାତା ତଥା ଅଧକ୍ଷ ବିଷ୍ଣୁ ଗୁପ୍ତା ନୋବେଲ ଫାଉଣ୍ଡେସନକୁ ଏକ ଚିଠି ପଠାଇଛନ୍ତି। ଏହି ଚିଠିକୁ ସରକାରୀ ଇମେଲ ଆଇଡି ଏବଂ ଫାଉଣ୍ଡେସନର ଠିକଣାକୁ ପଠାଯାଇଛି। ସଂଗଠନ ଏହାର ଚିଠିରେ ଲେଖିଛି ଯେ ଜଣେ ବିଶ୍ୱ ନାଗରିକ ଭାବରେ ମୁଁ ବିଶ୍ୱାସ କରେ ଯେ ଶାନ୍ତି, କୂଟନୈତିକ ତଥା ମାନବିକ ସହାୟତା ଦିଗରେ ମୋଦୀ ଯେଉଁ କାର୍ଯ୍ୟ କରିଛନ୍ତି ତାହା ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ଯୋଗ୍ୟ ପ୍ରାର୍ଥୀ କରିଥାଏ। ଘରୋଇ ତଥା ବିଶ୍ୱର ସବୁ ସ୍ଥାନରେ ଶାନ୍ତି ବଜାୟ ରଖିବା ଦିଗରେ ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି।

ହିନ୍ଦୁ ସେନା କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆଞ୍ଚଳିକ ସହଯୋଗ ତଥା ଦ୍ୱନ୍ଦ୍ୱ ଦୂର କରିବାରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସବକା ସାଥଙ୍କ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ, ସବକା ବିକାଶ ଭାରତ ତଥା ଏହାର ସୀମା ବାହାରେ ମାନବ ସମ୍ପ୍ରଦାୟର ସାମୂହିକ ବିକାଶ ପାଇଁ ତାଙ୍କର ଉତ୍ସର୍ଗୀକୃତ ତାକୁ ଦର୍ଶାଉଛି। ନୋବେଲ ଫାଉଣ୍ଡେସନକୁ ପଠାଯାଇଥିବା ଚିଠିରେ ହିନ୍ଦୁ ସେନା ଲେଖିଛନ୍ତି ଯେ ପଡୋଶୀ ଦେଶ ସହ ଭାରତର କୂଟନୈତିକ ସମ୍ପର୍କକୁ ମଜବୁତ କରିବା ହେଉଛି ପ୍ରଧାନମନ୍ତ୍ରୀଙ୍କ ସବୁଠାରୁ ବଡ ଅବଦାନ।

# କଂଗ୍ରେସର ବହୁ ତୁଙ୍ଗ ନେତା ନିର୍ବାଚନ ଲଢ଼ିବାକୁ ଅମଙ୍ଗ



ନୂଆଦିଲ୍ଲୀ,୮।୩(ଏଜେନ୍ସି): ଆସନ୍ତା ଲୋକସଭା ନିର୍ବାଚନ ପାଇଁ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି ସମସ୍ତ ରାଜନୈତିକ ଦଳ। ବିଜେପି ଓ କଂଗ୍ରେସ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରିସାରିଛନ୍ତି। ତେବେ ବର୍ତ୍ତମାନ ମିଳିଥିବା ସୂଚନା ମୁତାବକ କଂଗ୍ରେସର ବଡ ବଡ ନେତାମାନେ ନିର୍ବାଚନ ଲଢ଼ିବାକୁ ଚାହୁଁନାହାନ୍ତି । ବାସ୍ତବରେ କଂଗ୍ରେସ ପାର୍ଟି ଚାହୁଁଛି ଏହାର ବଡ ନେତାମାନେ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ, କିନ୍ତୁ ଅନେକ ରାଜ୍ୟରୁ ଏହାର ବଡ ଚେହେରା ନିର୍ବାଚନ କ୍ଷେତ୍ରଠାରୁ ଦୂରରେ ରହିଥିବାର ଦେଖାଯାଉଛି। ଏହି ତାଲିକାରେ ପ୍ରିୟଙ୍କା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ପିଏଲ୍ ପୁନିଆ ପର୍ଯ୍ୟନ୍ତ ଅଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସର କିଛି ବଡ ଚେହେରା ମଧ୍ୟ ନିର୍ବାଚନ ଲଢେଇରେ ଦେଖିବାକୁ ମିଳିପାରନ୍ତି । ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲ, ପଶ୍ଚିମବଙ୍ଗ ରାଜ୍ୟ କଂଗ୍ରେସ ସଭାପତି ଅଧୀର ରଂଜନ ଚୌଧୁରୀ, ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ଅଜୟ ରାୟ ଏବଂ ଦିଲ୍ଲୀ କଂଗ୍ରେସ ସଭାପତି ଅରବିନ୍ଦର ସିଂ ଲଭଲି ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି । ଅନ୍ୟପକ୍ଷରେ କର୍ଣ୍ଣାଟକ ଏବଂ ତେଲେଙ୍ଗାନାରେ କଂଗ୍ରେସ ସରକାର ଗଠନ ପରେ ଅଧିକାଂଶ ବଡ ନେତା କ୍ୟାବିନେଟରେ ଅଛନ୍ତି ଏବଂ ସେମାନେ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଗ୍ରହୀ ନୁହଁନ୍ତି।

# କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଜେଲର ଗିରଫ




ଗୌହାଟୀ,୮।୩(ଏଜେନ୍ସି): ଆସାମର ଦିବ୍ରୁଗଡ କେନ୍ଦ୍ରୀୟ ଜେଲ୍ର ଅଧୀକ୍ଷକ ନିପେନ ଦାସଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଜେଲ୍ର ଜଣକ ଜେଲରେ ବନ୍ଦୀ ଥିବା ଅମୃତପାଲ ସିଂ ଏବଂ ତାଙ୍କ ସହଯୋଗୀମାନଙ୍କୁ ସାହାଯ୍ୟ କରୁଥିବା ଅଭିଯୋଗ ହୋଇଛି। କିଛି ଦିନ ପୂର୍ବେ ଏହି କଏଦୀମାନଙ୍କ ପାଖରୁ ସ୍ମାର୍ଟଫୋନ୍, ସ୍ପାଇକାମ ସମେତ ଇଲେକ୍ଟ୍ରୋନିକ୍ ଉପକରଣଗୁଡ଼ିକ ଜବତ କରାଯାଇଥିଲା । ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁଯାୟୀ ଏହି ଅଧିକାରୀ କହିଛନ୍ତି ଯେ ଜେଲ ଅଧିକାରୀଙ୍କୁ ଅମୃତପାଲ ସିଂକୁ ସାହାଯ୍ୟ ସହ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଗିରଫ କରାଯାଇଥିଲା ଏବଂ ବର୍ତ୍ତମାନ ସେ ଦିବ୍ରୁଗଡ ସଦର ପୋଲିସ ଷ୍ଟେସନରେ ଅଛନ୍ତି। ଗତ ମାସରେ ଆସାମର ଦିବ୍ରୁଗଡ ସେଣ୍ଟ୍ରାଲ ଜେଲରୁ ଅନେକ ବୈଦ୍ୟୁତିକ ଉପକରଣ ଉଦ୍ଧାର କରାଯାଇଥିଲା ଯେଉଁଠାରେ ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଅନୁଯାୟୀ ଗିରଫ ହୋଇଥିବା ବନ୍ଦୀମାନଙ୍କୁ ରଖାଯାଇଥାଏ। ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଜି ପି ସିଂ କହିଥିଲେ ଯେ ଜେଲ ପରିସରରେ ଅନୁସନ୍ଧାନ କରିବା ପରେ ସିମ କାର୍ଡ ଥିବା ସ୍ମାର୍ଟଫୋନ୍, ସାଧାରଣ ଫୋନ୍, କୀବୋର୍ଡ୍ ସହିତ ଟିଭି ରିମୋଟ, ସ୍ପାଇକ୍ୟାମ୍ ପେନ୍, ପେନ୍ ଡ୍ରାଇଭ୍, ବ୍ଲୁଟୁଥ୍ ହେଡଫୋନ୍ ଏବଂ ସ୍ପିକର ଭଳି ବିଭିନ୍ନ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଜବତ କରାଯାଇଥିଲା। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ସେ କହିଥିଲେ ଯେ ଅନଧିକୃତ କାର୍ଯ୍ୟକଳାପ ବିଷୟରେ ସୂଚନା ପାଇବା ପରେ ଚଢ଼ାଉ କରାଯାଇଥିଲା ଓ ଜେଲ ଭିତରୁ ବିପୁଳ ସାମଗ୍ରୀ ଉଦ୍ଧାର ପରେ ଏବେ ଅତିରିକ୍ତ ସିସିଟିଭି କ୍ୟାମେରା ଲଗାଯାଇଛି।

ଭବିଷ୍ୟତରେ ଏଭଳି ଘଟଣାକୁ ରୋକିବା ପାଇଁ ଅତିରିକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଥିଲେ । ଉଲ୍ଲେଖ ଥାଉ କି ଗତବର୍ଷ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ତଥା ୱାରିସ ପଞ୍ଜାବ ଦେ' ସଂଗଠନର ମୁଖିଆ ଅମୃତପାଲ ସିଂକୁ ଗିରଫ କରାଯାଇଥିଲା ।

# କଳସ ଶୋଭାଯାତ୍ରାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଳିଗଲେ ୧୪ପିଲା



ନୂଆଦିଲ୍ଲୀ,୮।୩(ଏଜେନ୍ସି): ମହାଶିବରାତ୍ରି ଭଳି ପବିତ୍ର ଦିନରେ ରାଜସ୍ଥାନର କୋଟାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ପ୍ରଭୁ ଶିବଙ୍କ ପୂଜା ପାଇଁ କଳସଯାତ୍ରାରେ ଯାଉଥିବଳେ ବିଦ୍ୟୁତ ଆଘାତର ଶିକାର ହେବାରୁ ୧୪ଜଣ ପିଲା ପୋଡ଼ି ଯାଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଘଟଣାସ୍ଥଳରୁ ଯଥାଶୀଘ୍ର ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣାର ଖବର ପାଇବା ପରେ ହସ୍ପିଟାଲରେ ନେତା, ମନ୍ତ୍ରୀ ଓ ବଡ଼ବଡ଼ ଅଧିକାରୀମାନେ ପହଞ୍ଚି ଡାକ୍ତରଙ୍କୁ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଦୁର୍ଘଟଣାକୁ ନେଇ କୋଟାର ଏସପି ଅମୃତା ଧ୍ୱନ କହିଛନ୍ତି, ଏହି ଘଟଣା ଦ୍ୱିପହର ସମୟରେ ଘଟିଛି। କିଛିଲୋକ ଶିବରାତ୍ରି ପାଇଁ କଳସରେ ପାଣି ନେବା ପାଇଁ ଏକାଠି ହୋଇଥିଲେ। ଯେଉଁଥିରେ ୨୦ରୁ ୨୫ଜଣ ପିଲା ଥିବା ବେଳେ ମହିଳା ଓ ପୁରୁଷ ବି ସାମିଲ ହୋଇଥିଲେ। ଏଥିମଧ୍ୟରୁ ଜଣେ ପିଲାର ହାତରେ ୨୦ରୁ ୨୨ଫୁଟର ଏକ ଲୁହାର ପାଇପ ଥିଲା। ଯାହାକି ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଚାଲି ଆସିଥିଲା। ଏହି ସମୟରେ ଘଟଣାସ୍ଥଳରେ ଯେତେଜଣ ଥିଲେ ସମସ୍ତେ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ପୋଲିସ ଓ ବଡ଼ବଡ଼ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି।

# ଇଣ୍ଡିଆ ମେଣ୍ଟରୁ ଦୂରେଇ ଗଲେ ମେହବୁବା



ଶ୍ରୀନଗର,୮।୩(ଏଜେନ୍ସି): ଇଣ୍ଡିଆ ମେଣ୍ଟରୁ ଦୂରେଇଗଲେ ମେହବୁବା। ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫତି ଘୋଷଣା କରିଛନ୍ତି ଯେ ତାଙ୍କ ଦଳ ୨୦୨୪ ଲୋକସଭା ନିର୍ବାଚନରେ ଏକାକୀ ପ୍ରତିଦ୍ୱନ୍ଦ୍ୱିତା କରିବ। ତାଙ୍କ ନିଷ୍ପତ୍ତି ଇଣ୍ଡିଆ ମେଣ୍ଟ ପାଇଁ ଏକ ବଡ ଝଟକା ସଦୃଶ୍ୟ ହୋଇଛି । ଏକ ସାମ୍ବାଦିକ ସମ୍ମିଳନୀରେ ମେହବୁବା ଇଣ୍ଡିଆ ମେଣ୍ଟରୁ ଅଲଗା ହେବା ନେଇ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ବିଜେପିକୁ ପରାସ୍ତ କରିବାକୁ ସେ ଇଣ୍ଡିଆ ମେଣ୍ଟ ସହ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଥିଲେ କିନ୍ତୁ ଇଣ୍ଡିଆ ମେଣ୍ଟର କାର୍ଯ୍ୟକାରିତାକୁ ନେଇ ସେ ନିରାଶ ହୋଇଛନ୍ତି ଏବଂ ମିଳିତ ମେଣ୍ଟରୁ ଦୂରେଇ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଆମର ଏକ ବଡ଼ ଉଦ୍ଦେଶ୍ୟ ଅଛି ଏବଂ ଆମ ସମସ୍ତଙ୍କୁ ଏକାଠି ସମସ୍ୟାର ସାମ୍ନା କରିବାକୁ ପଡିବ।ଏହା ସହିତ ସେ ନ୍ୟାସନାଲ କନ୍ଫରେନ୍ସ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲାଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ଆମେ ଏକାଠି ହେବା ପାଇଁ ବଳିଦାନ ଦେବୁ କିନ୍ତୁ ଛୋଟ ଛୋଟ ପ୍ରସଙ୍ଗରେ ଆମର ମତଭେଦ ଥିଲା । ମୁଁ ଜଣେ ଯୋଦ୍ଧା। ସେ କହିଛନ୍ତି କର୍ମୀମାନଙ୍କ ଉପରେ ମୋର ବିଶ୍ୱାସ ଅଛି । ଏହି ସମୟରେ ମେହବୁବା ମୁଫତି ଭାରତୀୟ ଜନତା ପାର୍ଟି (ବିଜେପି) ଉପରେ କଡ଼ା ଆକ୍ରମଣ କରିଥିଲେ। ସେ କହିଛନ୍ତି ଯେ ଜମ୍ମୁକଶ୍ମୀରକୁ ଏକ ଜେଲରେ ପରିଣତ କରାଯାଇଛି। ଯାହା ବିରୁଦ୍ଧରେ ଆମକୁ ଲଢ଼ିବାକୁ ପଡିବ ।

# ମହିଳା ଦିବସ ଉପହାର କହି ମୋଦୀଙ୍କୁ କୃତଜ୍ଞତା ଜଣାଇଲେ ସୁଧା ମୂର୍ତ୍ତି



ନୂଆଦିଲ୍ଲୀ,୮।୩(ଏଜେନ୍ସି): ଦେଶର ଜଣାଶୁଣା ଲେଖିକା ତଥା ସମାଜସେବୀ ସୁଧା ମୂର୍ତ୍ତିଙ୍କୁ ରାଜ୍ୟସଭାକୁ ମନୋନୀତ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି। ମୋଦୀଙ୍କ ଏହି ଘୋଷଣା ପରେ ସୁଧା ମୂର୍ତ୍ତି କୃତଜ୍ଞତା ଜ୍ଞାପନ କରିଛନ୍ତି। ସୁଧା ମୂର୍ତ୍ତି ଏବେ ଭାରତରେ ନାହାନ୍ତି। ସେ ତାଙ୍କର ଏକ ସୋସିଆଲ୍ ମିଡିଆ ପୋଷ୍ଟରେ ମୋଦୀଙ୍କୁ ଧନ୍ୟବାଦ ଜଣାଇବା ସହ 'ଏହା ମୋ ପାଇଁ ଏକ ମହିଳା ଦିବସ ଉପହାର' ବୋଲି ଉଲ୍ଲେଖ କରିଛନ୍ତି। ଆପଣ ଜାଣନ୍ତି ଯେ ସୁଧା ମୂର୍ତ୍ତି ହେଉଛନ୍ତି 'ଇନ୍ଫୋସିସ୍'ର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ପତ୍ନୀ। ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ ତାଙ୍କ ଜ୍ୱାଇଁ। ସୁଧା ମୂର୍ତ୍ତି ରାଜ୍ୟସଭାକୁ ମନୋନୀତ ହୋଇଛନ୍ତି ବୋଲି ମୋଦୀ ତାଙ୍କ ଏକ୍ସ ପୋଷ୍ଟ ଜରିଆରେ ଜଣାଇଛନ୍ତି। ସେ ଲେଖିଛନ୍ତି, ''ସାମାଜିକ କାର୍ଯ୍ୟ, ପରୋପକାର ଏବଂ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ସୁଧା ଜୀଙ୍କର ଅବଦାନ ଅତୁଳନୀୟ ଏବଂ ପ୍ରେରଣାଦାୟକ ଅଟେ। ରାଜ୍ୟସଭାରେ ତାଙ୍କର ଉପସ୍ଥିତି ଆମର 'ନାରୀ ଶକ୍ତି'ର ଏକ ଶକ୍ତିଶାଳୀ ନିୟମ, ଯାହା ଆମ ଦେଶର ଭାଗ୍ୟ ଗଠନରେ ମହିଳାଙ୍କ ଶକ୍ତି ଏବଂ ସାମର୍ଥ୍ୟର ଉଦାହରଣ ଅଟେ। ତାଙ୍କୁ ଏକ ଫଳପ୍ରଦ ସଂସଦ କାର୍ଯ୍ୟକାଳ କାମନା କରୁଛି।

# ୟୁପି ଲୋକସଭା ଆସନକୁ ନେଇ ବିଜେପିର ଆଲୋଚନା ଜାରି

ନୂଆଦିଲ୍ଲୀ,୮।୩(ଏଜେନ୍ସି): ଉତ୍ତରପ୍ରଦେଶରେ ଲୋକସଭା ଆସନକୁ ନେଇ ଭାରତୀୟ ଜନତା ପାର୍ଟି (ବିଜେପି) ମଧ୍ୟରେ ଏବେ ବି ଆଲୋଚନା ଜାରି ରହିଛି । ରାଜ୍ୟର ୮୦ଟି ଲୋକସଭା ଆସନ ମଧ୍ୟରୁ ଦଳ ୫୧ଟି ଆସନ ପାଇଁ ପ୍ରାର୍ଥୀ ଚୂଡ଼ାନ୍ତ କରିସାରିଛି। ଏହା ବ୍ୟତୀତ ଏନଡିଏରେ ଅନ୍ତର୍ଭୁକ୍ତ ଦଳମାନଙ୍କୁ ବିଜେପି ୬ଟି ସିଟ୍ ଦେଇଛି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ଦଳ ୨୩ଟି ଆସନକୁ ନେଇ ଆଲୋଚନା ଚଳାଇଛି । ଏଥି ସହିତ ଦେଓରିଆ, ବାଲିଆ, ଗାଜିପୁର, ମେରଠ, ଗାଜିଆବାଦ, ରାଏବରେଲିର ଲୋକସଭା ଆସନ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ମଧ୍ୟ ଚାଲିଛି।

କେସରଗଞ୍ଜ ଲୋକସଭା ଆସନରୁ ବିଜେପି ସାଂସଦ ବ୍ରିଜ ଭୂଷଣ ଶରଣ ସିଂଙ୍କୁ ପୁଣି ପ୍ରାର୍ଥୀ କରାଯିବ ନା ନାହିଁ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ସେହିପରି ରାଏବରେଲି, ପିଲିଭୀତ ଏବଂ ସୁଲତାନପୁର ଭଳି ସିଟକୁ ନେଇ ମଧ୍ୟ ଆଲୋଚନା ଜୋର ଧରିଛି । ସୂଚନାଯୋଗ୍ୟ ଯେ ନିକଟରେ ବିଜେପି ୧୯୫ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଏବଂ ରାଜନାଥ ସିଂଙ୍କ ଭଳି ନେତାଙ୍କ ନାମ ଅନ୍ତର୍ଭୁକ୍ତ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତୃତୀୟ ଥର ପାଇଁ ବାରାଣାସୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଥି ସହିତ ଗୃହମନ୍ତ୍ରୀ ଅମିତ ଶାହା ଗୁଜୁରାଟର ଗାନ୍ଧିନଗର ଆସନରୁ ନିର୍ବାଚନ ଲଢ଼ିବେ। ଏହା ବ୍ୟତୀତ ସ୍ମୃତି ଇରାନୀ ତୃତୀୟ ଥର ପାଇଁ ଆମେଥିରୁ ଟିକେଟ ପାଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଲଖନଉରୁ ନିର୍ବାଚନ ଲଢ଼ିବେ ।


Mizoram State Lotteries
GOLDEN SONA
Draw 12:30 Noon | Draw Date 08.03.2024 | Draw Sr. 06
SHUKRA WEEKLY LOTTERY • Ticket M.R.P. Rs. 6/- • GOLDEN SONA SHUKRA WEEKLY LOTTERY

| Prize | | | | | |
|---|---|---|---|---|---|
| First Prize 10000/- | 16475 | | | | |
| Second Prize 9000/- | 06127 | 28308 | 29920 | 52431 | 56707 |
| | 59574 | 63035 | 63295 | 63799 | 67522 |
| Third Prize 1000/- | 03777 | 09617 | 32315 | 56404 | 66616 |
| | 67859 | 75486 | 93560 | 96094 | 96146 |
| Forth Prize 450/- | 0174 | 0882 | 1909 | 3771 | 4359 |
| | 4543 | 5295 | 7332 | 9411 | 9536 |
| Fifth Prize 250/- | 0749 | 1957 | 3336 | 3714 | 4311 |
| | 4743 | 5301 | 6458 | 6635 | 9866 |

Sixth (1000) Prize Rs. 120/-

| | | | | | | | | | |
|---|---|---|---|---|---|---|---|---|---|
| 0181 | 1145 | 2430 | 3935 | 4471 | 5313 | 6400 | 7738 | 8287 | 9012 |
| 0276 | 1333 | 2675 | 3972 | 4652 | 5451 | 6843 | 7779 | 8360 | 9176 |
| 0361 | 1451 | 2848 | 3993 | 4948 | 5546 | 6866 | 7842 | 8361 | 9207 |
| 0561 | 1922 | 2871 | 4070 | 4965 | 5620 | 7176 | 7885 | 8492 | 9296 |
| 0571 | 2031 | 3002 | 4088 | 5071 | 5656 | 7180 | 7901 | 8598 | 9435 |
| 0609 | 2033 | 3508 | 4110 | 5111 | 5848 | 7197 | 7947 | 8703 | 9515 |
| 0750 | 2092 | 3795 | 4181 | 5158 | 6079 | 7306 | 7983 | 8717 | 9656 |
| 0779 | 2130 | 3813 | 4305 | 5195 | 6280 | 7351 | 8006 | 8726 | 9709 |
| 0855 | 2383 | 3863 | 4409 | 5240 | 6328 | 7723 | 8245 | 8807 | 9765 |
| 1007 | 2429 | 3881 | 4460 | 5310 | 6354 | 7725 | 8280 | 8837 | 9835 |

Check Result with Govt. Official Gazzett. Issued By : Mizoram State Lotteries
goldenlottery goldenlottery goldenlotteries thegoldenlottery thegoldenlottery
https://youtube.com/c/GoldenLottery/
Contact for Detail : 9263881849

Mizoram State Lotteries
GOLDEN TIGER
Draw 07:30 Pm | Draw Date 08.03.2024 | Draw Sr. 06
RAVI WEEKLY LOTTERY • Ticket M.R.P. Rs. 6/- • GOLDEN TIGER RAVI WEEKLY LOTTERY

| Prize | | | | | |
|---|---|---|---|---|---|
| First Prize 10000/- | 31944 | | | | |
| Second Prize 9000/- | 05247 | 08978 | 16636 | 20432 | 25642 |
| | 67781 | 71081 | 73915 | 83284 | 97624 |
| Third Prize 1000/- | 02657 | 04943 | 05692 | 20854 | 21278 |
| | 25825 | 57967 | 72311 | 79422 | 99282 |
| Forth Prize 450/- | 1011 | 1155 | 2065 | 2184 | 4233 |
| | 4954 | 5225 | 6653 | 8837 | 9435 |
| Fifth Prize 250/- | 0647 | 2185 | 3062 | 4413 | 4475 |
| | 5036 | 7505 | 8557 | 9252 | 9257 |

Sixth (1000) Prize Rs. 120/-

| | | | | | | | | | |
|---|---|---|---|---|---|---|---|---|---|
| 0147 | 0845 | 1865 | 2860 | 3903 | 4595 | 5884 | 6577 | 7556 | 8707 |
| 0208 | 0854 | 1884 | 2974 | 4020 | 4664 | 5905 | 6640 | 7673 | 8762 |
| 0338 | 1218 | 1899 | 2994 | 4254 | 5024 | 5908 | 6687 | 7758 | 9214 |
| 0491 | 1281 | 1969 | 3094 | 4314 | 5120 | 5910 | 6701 | 7782 | 9341 |
| 0537 | 1420 | 1979 | 3104 | 4325 | 5212 | 5973 | 6719 | 7798 | 9395 |
| 0688 | 1479 | 2008 | 3196 | 4399 | 5273 | 6016 | 6871 | 7799 | 9445 |
| 0710 | 1619 | 2134 | 3384 | 4482 | 5289 | 6119 | 7041 | 8365 | 9551 |
| 0759 | 1710 | 2170 | 3519 | 4485 | 5369 | 6138 | 7063 | 8542 | 9622 |
| 0811 | 1814 | 2680 | 3638 | 4487 | 5386 | 6448 | 7394 | 8635 | 9639 |
| 0815 | 1821 | 2707 | 3699 | 4565 | 5422 | 6569 | 7439 | 8672 | 9999 |

Check Result with Govt. Official Gazzett. Issued By : Mizoram State Lotteries
goldenlottery goldenlottery goldenlotteries thegoldenlottery thegoldenlottery
https://youtube.com/c/GoldenLottery/
Contact for Detail : 9263881849


INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from Plot No.TS 3/193, Mancheswar Ind. Estate, Bhubaneswar-751 010,
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010, Associate Editor- Suresh Parida ସହଯୋଗୀ ସମ୍ପାଦକ– ସୁରେଶ ପରିଡ଼ା
Phone: 0674- 2582532, News Desk: Mob:7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ– ସୁଧୀର କୁମାର ପଣ୍ଡା
Editor - Sudhir Kumar Panda